


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-60 ◆SUNDAY ◆24 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୦ ◆ରବିବାର ◆୨୪ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଜବାବୀ ଶୁଳ୍କକୁ ନେଇ ବଢ଼ୁଛି ଦ୍ୱନ୍ଦ୍ୱ

# ଆମେରିକାକୁ ଡାକ ସେବା ବନ୍ଦ

■ ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଜବାବୀ ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ତିକ୍ତତା ଦେଖାଦେଇଛି । ଆସନ୍ତା ୨୯ ତାରିଖରୁ ଭାରତ ସମେତ ଅନ୍ୟ କେତେକ ଦେଶରୁ ଆମେରିକା ଯାଉଥିବା ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲାଗୁ ହେବ । ଏଥିରେ ଡାକ ସେବା ଏବଂ କୋରିୟର ସେବାକୁ ସାମିଲ କରାଯାଇଛି । ତେବେ କେଉଁ ସାମଗ୍ରୀ ଉପରେ କେତେ ଶୁଳ୍କ ଲାଗୁହେବ, ତାହାକୁ ନେଇ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି । ଆମେରିକା ପ୍ରଶାସନ ଏହାକୁ ନେଇ ଚୁପ୍ ରହିଥିବାରୁ ପରିସ୍ଥିତି ଜଟିଳ ହେବାରେ ଲାଗିଛି । ଫଳରେ ଆସନ୍ତା ୨୫ ତାରିଖରୁ ଆମେରିକାକୁ ଡାକ ସେବା ବନ୍ଦ କରିବା ପାଇଁ ଭାରତ ସରକାର ଘୋଷଣା କରିଛନ୍ତି । କେବଳ ଭାରତ ନୁହେଁ; ବ୍ରିଟେନ, ବେଲଜିୟମ, ଇଟାଲି, ଜର୍ମାନୀ, ଫ୍ରାନ୍ସ ଭଳି ୟୁରୋପୀୟ ରାଷ୍ଟ୍ର ମଧ୍ୟ ଆମେରିକାକୁ ଡାକ ସେବା ବନ୍ଦ କରୁଥିବା ନେଇ ସୂଚନା ଦେଇଛନ୍ତି । ଫଳରେ ପରିସ୍ଥିତି ସ୍ପଷ୍ଟ ନହେବା ପର୍ଯ୍ୟନ୍ତ ଆମେରିକୁ ଡାକ ସେବା ଗୁରୁତର ଭାବେ ପ୍ରଭାବିତ ହେବାକୁ ଯାଉଛି । ଏଭଳି ଅବସ୍ଥା ଆଗରୁ କେବେ ଦେଖିବାକୁ ମିଳିନଥିଲା ।




**ଭାରତ ସମେତ ଅନେକ ୟୁରୋପୀୟ ଦେଶ ବନ୍ଦ କଲେ ସେବା**

**ସାମିଲ ହେବାକୁ ଧମକ ଦେଲେ ୫୧ ୟୁରୋପୀୟ ସଂସ୍ଥା**

**ଗୁରୁତର ଭାବେ ପ୍ରଭାବିତ ହେବ କୋରିୟର ସେବା**

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ନୂଆ ନିୟମ ଘୋଷଣା ହେବା ପରେ ଭାରତ ସରକାର ଆମେରିକାକୁ ଅସ୍ଥାୟୀ ଭାବେ ଡାକ ସେବା ବନ୍ଦ କରିଦେଇଛନ୍ତି । ୨୫ ତାରିଖରୁ ଡାକ ମାଧ୍ୟମରେ ଆମେରିକାକୁ ଯାଉଥିବା ସାମଗ୍ରୀ ବୁକିଂ ଉପରେ କଟକଣା ଲଗାଇଛି ଡାକ ବିଭାଗ । ତେବେ ଚିଠି, ପୁସ୍ତକ, ଛୋଟ ପାର୍ସଲ ଓ ଶହେ ଡଲାର ପର୍ଯ୍ୟନ୍ତ ମୂଲ୍ୟର ଉପହାରକୁ ଏଥିରୁ ବାଦ୍ ଦିଆଯାଇଛି । ଡାକ ବିଭାଗ ପକ୍ଷରୁ ଜାରି ବିବୃତି ଅନୁଯାୟୀ ଅନ୍ତର୍ଜାତୀୟ ଡାକ ନେଟୱର୍କ ଦ୍ୱାରା ମାଲ୍ ପହଞ୍ଚାଉ ଥିବା ଗାଡ଼ି କିମ୍ବା ଆମେରିକା ସୀମା ଶୁଳ୍କ ଏବଂ ସୀମା ସୁରକ୍ଷା (ସିବିପି) ଦ୍ୱାରା ଅନୁମୋଦନ ହୋଇଥିବା ଅନ୍ୟ 'ଯୋଗ୍ୟ ପକ୍ଷ'ଙ୍କୁ ଡାକ ସିପ୍‌ମେଣ୍ଟ ଉପରେ ଶୁଳ୍କ ଆଦାୟ କରାଯିବ । ତେବେ ଏ ପର୍ଯ୍ୟନ୍ତ ଯୋଗ୍ୟ ପକ୍ଷ କିଏ ହେବ ତାହାକୁ ନେଇ ସ୍ଥିତି ସ୍ପଷ୍ଟ ହୋଇନାହିଁ । ଭାରତୀୟ ଡାକ ବିଭାଗ ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିଛି । ଯଥାଶୀଘ୍ର ସେବାକୁ ସ୍ୱାଭାବିକ କରିବା ପାଇଁ ପ୍ରୟାସ କରାଯାଉଥିବା କୁହାଯାଇଛି । ଯେଉଁ ଗ୍ରାହକ ପୂର୍ବରୁ ଏଭଳି ସାମଗ୍ରୀ ବୁକ୍ କରି ସାରିଛନ୍ତି କିମ୍ବା ଆମେରିକା ପଠାଇ ପାରିନାହାନ୍ତି, ସେମାନେ ଶୁଳ୍କ ଫେରାଇ ନେଇପାରିବେ ବୋଲି କୁହାଯାଇଛି ।

ଏବେ ଶହେ ଡଲାର ଅର୍ଥାତ୍ ପ୍ରାୟ ୮,୭୦୦ ଟଙ୍କା ମୂଲ୍ୟ ଉପହାର ଉପରେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ । ପୂର୍ବରୁ ଏହି ସୀମା ୮୦୦ ଡଲାର ଅର୍ଥାତ୍ ୭୦ ହଜାର ଟଙ୍କା ଥିଲା । ଡାକ ବିଭାଗ ଏହା ଉପରେ ଅସ୍ଥାୟୀ କଟକଣା ଲଗାଇ ଥିଲେ ବି ଏହା କେତେ ଦିନ ପର୍ଯ୍ୟନ୍ତ ଜାରି ରହିବ ତାହା ସ୍ପଷ୍ଟ କରିନାହିଁ । ସିବିପି ଏବଂ ୟୁନାଇଟେଡ ଷ୍ଟେଟସ୍ ପୋର୍ଟାଲ ସର୍ଭିସେସ (ୟୁଏସପିଏସ) ସହ ମିଶି ଏହି ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରାଯାଉଛି ବୋଲି ଡାକ ବିଭାଗ ପକ୍ଷରୁ କୁହାଯାଇଛି ।

ଅନ୍ୟପକ୍ଷରେ ଭାରତ ଭଳି ଅନେକ ଦେଶ ମଧ୍ୟ ସମାନ ପଦକ୍ଷେପ ନେଉଛନ୍ତି । ଏଥିରେ ପ୍ରାୟ ସମସ୍ତ ୟୁରୋପୀୟ ଦେଶ ରହିଛନ୍ତି । ସେମାନଙ୍କ ମଧ୍ୟରେ ରହିଛନ୍ତି ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଅଷ୍ଟ୍ରିଆ, ବେଲଜିୟମ, ଇଟାଲୀ, ଡେନମାର୍କ ଓ ସୁଇଡେନ । ଏହାସହିତ ୫୧ଟି ୟୁରୋପୀୟ ଡାକସେବା ସଂସ୍ଥାକୁ ନେଇ ଗଠିତ ପୋଷ୍ଟୟୁରୋପ ମଧ୍ୟ ଧମକ ଦେଇଛି ଯେ ଆସନ୍ତା ୨୮ ତାରିଖ ସୁଦ୍ଧା ସମସ୍ୟାର ସମାଧାନ କରାନଗଲେ ଏହା ମଧ୍ୟ ଆମେରିକାକୁ ସମସ୍ତ ଡାକ ସେବା ବନ୍ଦ କରିଦେବ । ▶ପୃଷ୍ଠା-୭

# ନବୀନ ନିବାସରେ ମୋହନ

## ନବୀନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୨୩।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ସୁସ୍ଥତା କାମନା କରିବା ସହିତ 'ଆପଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା କିପରି ଅଛି' ବୋଲି ପଚାରିଥିଲେ । ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଉତ୍ତରରେ 'ମୁଁ ସୁସ୍ଥ ଅନୁଭବ କରୁଛି' ବୋଲି କହିଥିଲେ । ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୧୦ ମିନିଟ ଧରି ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ନିକଟରେ ନବୀନଙ୍କ ନିରାମୟ ଜୀବନ କାମନା କରିବା ସହ ଆଗାମୀ ବିଧାନସଭା ଅଧିବେଶନ ଯେପରି ସୁରୁଖୁରୁରେ ପରିଚାଳିତ ହେବ, ସେଥିନେଇ ସହଯୋଗ ଲୋଡ଼ିଥିଲେ । ସୂଚନାଯୋଗ୍ୟ ଯେ ଗତ ୧୭ ତାରିଖରେ ଅତ୍ୟଧିକ 'ଡିହାଇଡ୍ରେସନ' କାରଣରୁ ବିରୋଧୀ ଦଳ ନେତା ▶ପୃଷ୍ଠା-୭

**ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା**



## ଅନଲାଇନ୍ ବେଟିଂ | କର୍ଣ୍ଣାଟକ ବିଧାୟକ ଗିରଫ

■ ବେଙ୍ଗାଲୁରୁ, ୨୩।୮ (ଏଜେନ୍ସି): ଅନ୍‌ଲାଇନ୍ ବେଟିଂ ତଥା ଜୁଆକୁ ବ୍ୟାନ୍ କରାଯିବାର ୨୪ ଘଣ୍ଟା ଭିତରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ଏହାର ପ୍ରଥମ ଶିକାର ହୋଇଛନ୍ତି କର୍ଣ୍ଣାଟକର କଂଗ୍ରେସ ବିଧାୟକ କେସି ବୀରେନ୍ଦ୍ର । ତାଙ୍କୁ ସିକ୍କିମରୁ ଗିରଫ କରାଯାଇଛି । ବୀରେନ୍ଦ୍ରଙ୍କ ବିଭିନ୍ନ ଠିକଣା ଉପରେ ଚଢ଼ଉ କରିଛି ଇଡି । ଚଢ଼ଉ ବେଳେ ନଗଦ ୧୨ କୋଟି ଟଙ୍କା, ୬ କୋଟି ଟଙ୍କାର ସୁନା ଗହଣା ଜବତ କରାଯାଇଛି । କେବଳ ସେତିକି ନୁହେଁ; ଏକ କୋଟି ଟଙ୍କାର ବିଦେଶୀ ମୁଦ୍ରା ଓ ୪ଟି ଗାଡି ମଧ୍ୟ ଜବତ କରିଛି ।

ବୀରେନ୍ଦ୍ରଙ୍କ ଗ୍ୟାଙ୍ଗଟକ, ଚିତ୍ରଦୁର୍ଗ, ବେଙ୍ଗାଲୁରୁ, ହୁବଲି, ଯୋଧପୁର, ମୁମ୍ବଇ ଓ ଗୋଆର ଠିକଣା ଉପରେ ଚଢ଼ଉ କରାଯାଇଛି । ତାଙ୍କର ୫ଟି କାସିନୋ ଉପରେ ମଧ୍ୟ ଚଢ଼ଉ କରାଯାଇଥିବା ଜଣାପଡ଼ିଛି । ବୀରେନ୍ଦ୍ର କର୍ଣ୍ଣାଟକର ଚିତ୍ରଦୁର୍ଗରୁ ବିଧାୟକ ରହିଛନ୍ତି । ଗୋଆରେ ତାଙ୍କର କ୍ୟାସିନୋ କାରବାର ମଧ୍ୟ ରହିଛି ବୋଲି କୁହାଯାଉଛି । ତାଙ୍କର ୧୭ଟି ବ୍ୟାଙ୍କ ଖାତା ଓ ଦୁଇଟି ବ୍ୟାଙ୍କ ଲକରକୁ ସିଜ୍ କରିଦିଆଯାଇଛି । ଏଥିସହ ତାଙ୍କ ଭାଇଙ୍କ ବାସଭବନରୁ ବହୁ କାଗଜପତ୍ର ମଧ୍ୟ ଜବତ କରାଯାଇଛି । ତାଙ୍କ ଭାଇ କେସି ଥିପ୍ପେସ୍ୱାମୀ ଦୁବାଇରେ ଡାଇମଣ୍ଡ ସଫ୍ଟଟେକ, ଟିଆରଏସ୍ ଟେକ୍ନୋଲୋଜିସ, ପ୍ରାଇମ୯ ଟେକ୍ନୋଲୋଜିସ ଭଳି କମ୍ପାନୀ ▶ପୃଷ୍ଠା-୭



**୧୨ କୋଟି ନଗଦ ଟଙ୍କା, ୬ କୋଟିର ଗହଣା ଜବତ**

### ୩,୦୭୩ କୋଟିର ଋଣ ଠକେଇ

## ଅନିଲ ଅମ୍ବାନୀଙ୍କ ଘରେ ସିବିଆଇ ଚଢ଼ଉ

■ ମୁମ୍ବଇ, ୨୩।୮ (ଏଜେନ୍ସି): ଶିଳ୍ପପତି ଅନିଲ ଅମ୍ବାନୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି । ୩,୦୭୩ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ସିବିଆଇ ଶନିବାର ସକାଳେ ଅନିଲଙ୍କ ମୁମ୍ବଇର ସିଁଓ୍ୱଣ୍ଡ ସ୍ଥିତ ବାସଭବନରେ ଚଢ଼ଉ କରିଛି । ସୂଚନା ଅନୁଯାୟୀ ସକାଳ ୭ଟାରେ ସିବିଆଇର ୭ରୁ ୮ ଅଧିକାରୀ ଶିଳ୍ପପତିଙ୍କ ଘରେ ପହଞ୍ଚିଥିଲେ । ଅନିଲ ଏବଂ ଅନ୍ୟ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଅଧିକାରୀ ଘରର ତଲାସୀ ନେଇଥିଲେ । ବ୍ୟାଙ୍କ ଜାଲିଆତି ନେଇ ଦିଲ୍ଲୀରେ ଏସ୍‌ବିଆଇ ପକ୍ଷରୁ ଅମ୍ବାନୀ ଏବଂ ତାଙ୍କର ରିଲାଏନ୍ସ ଇନଫୋକମ୍ ▶ପୃଷ୍ଠା-୭

## ଲଘୁଚାପ ସକ୍ରିୟ | ବର୍ଷାରେ ଭିଜିବ ପହିଲି ପାର୍ବଣ

■ ଭୁବନେଶ୍ୱର, ୨୩।୮ (ସମିସ): ରାଜ୍ୟର ବିଭିନ୍ନ ଭାଗରେ ଗତ କିଛିଦିନ ଧରି ଲଗାଣ ବର୍ଷା ଜାରି ରହିଥିବା ବେଳେ ଏହା ପହିଲି ପାର୍ବଣକୁ ଫିକା କରିପାରେ । ଆଗାମୀ ୪ ଦିନ ଧରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ପହିଲି ପାର୍ବଣ ଗଣେଶ ପୂଜା ଫିକା ପଡ଼ିବା ନେଇ ଆଶଙ୍କା ଦେଖାଦେଇଛି । ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ରହିବା କାରଣରୁ ଆଗାମୀ ୨୭ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ପ୍ରଦାନ କରାଯାଇଛି ।

**୨୭ ଯାଏଁ ରାଜ୍ୟବ୍ୟାପୀ ବର୍ଷା**

**ଆଜି ୪ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି**

ଏହି ଲଘୁଚାପ କ୍ଷେତ୍ର ଆଗାମୀ ୨୪ ଘଣ୍ଟାରେ ଉତ୍ତର ପଶ୍ଚିମ ଦିଗ ସହ ଝାଡଖଣ୍ଡ ଦେଇ ଗତି କରିବାର ସମ୍ଭାବନା ରହିଛି । ଫଳସ୍ୱରୂପ ରବିବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଓ ଝାରସୁଗୁଡାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଉପରୋକ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣ ଜାରି କରାଯାଇଛି । ଏହାବ୍ୟତୀତ ▶ପୃଷ୍ଠା-୭

## ସୁବର୍ଣ୍ଣରେଖାରେ ପୁଣି ବନ୍ୟା ଆଶଙ୍କା

■ ବାଲେଶ୍ୱର, ୨୩।୮ (ସମିସ): ଲଘୁଚାପ ଯୋଗୁଁ ସୁବର୍ଣ୍ଣରେଖାର ଉପରମୁଣ୍ଡ ତଥା ଝାଡ଼ଖଣ୍ଡର ଛୋଟନାଗପୁର ମାଳଭୂମିରେ ପ୍ରବଳ ବର୍ଷା ଜାରି ରହିଛି । ଏହାକୁ ଦୃଷ୍ଟିରେ ରଖି ଗାଲୁଡିହି ବ୍ୟାରେଜ୍‌ର ୧୩ଟି ଫାଟକ ଖୋଲି ଦିଆଯାଇଛି । ଫଳରେ ଉପରମୁଣ୍ଡରୁ ଘଣ୍ଟାପ୍ରତି ୫୪୨୮.୫୬ କ୍ୟୁସେକ୍ ପାଣି ମାଡ଼ି ଆସୁଛି । ଏହାଦ୍ୱାରା ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଥିବା ବିଭିନ୍ନ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି । ବିଶେଷକରି ସୁବର୍ଣ୍ଣରେଖାରେ ଜଳସ୍ତର ବଢ଼ି ଚଳିତବର୍ଷ ଷଷ୍ଠଥର ପାଇଁ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ଅପରପକ୍ଷେ, ବାଲେଶ୍ୱର ଜିଲ୍ଲାରେ ତିନିଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି । ଫଳରେ ଜିଲ୍ଲାରେ ଥିବା ତିନୋଟି ପ୍ରମୁଖ ନଦୀ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଏବଂ ଜଳକା ନଦୀର ଜଳସ୍ତର ବୃଦ୍ଧି ▶ପୃଷ୍ଠା-୭

**ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜ ଖୋଲିଲା ୧୩ ଫାଟକ**

## ପୁଣି ୮ ଫାଟକ ଖୋଲିଲା ହୀରାକୁଦ

■ ସମ୍ବଲପୁର, ୨୩।୮ (ସମିସ): ହୀରାକୁଦ ଜଳଭଣ୍ଡାରର ଉପର ଓ ତଳମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ବନ୍ୟାଜଳ ପରିମାଣ ବୃଦ୍ଧି ପାଇଛି । ହୀରାକୁଦର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ । ଜଳ ପରିଚାଳନା ସକାଶେ ଆଜି ପୂର୍ବାହ୍ଣ ପ୍ରାୟ ୧୦ଟା ସମୟରେ ପୁଣିଥରେ ଜଳଭଣ୍ଡାରର ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ଏହିପରି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଛି । ଏହି ସମୟରେ ହୀରାକୁଦ ଜଳସ୍ତର ୬୨୦.୪୦ ଫୁଟ୍ ରହିଥିଲା । ଉଲ୍ଲେଖଯୋଗ୍ୟ ଯେ ଗତ ଜୁଲାଇ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯାଇଥିବା ▶ପୃଷ୍ଠା-୭

**ପ୍ରବେଶ କରୁଛି ୨,୧୩,୧୩୫ ଘନଫୁଟ ଜଳ**

## ମାରିଜୁଆନା ପାଇଁ ଭୁବନେଶ୍ୱର ନିରାପଦ!

■ ଭୁବନେଶ୍ୱର, ୨୩।୮ (ସମିସ): ପୁଣି ଭୁବନେଶ୍ୱର ବିମାନବନ୍ଦରରୁ ଜବତ ହେଲା ୪କୋଟିର ମାରିଜୁଆନା । ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଲା ବେଳେ ଧରିଲା କଷ୍ଟମ ବିଭାଗ । ମାରିଜୁଆନା ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି ପଞ୍ଜାବର ପ୍ରେମୀ ଯୁଗଳ । ସେମାନଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ଏହାପୂର୍ବରୁ ସେମାନେ ଏକାଧିକ ଥର ଏୟାରପୋର୍ଟ ଦେଇ ମାରିଜୁଆନା ଭୁବନେଶ୍ୱରକୁ ଆଣିଥିବା କହିଛନ୍ତି । ଭୁବନେଶ୍ୱର ବିମାନବନ୍ଦରରେ କଡ଼ା ଯାଞ୍ଚ ▶ପୃଷ୍ଠା-୭

**ବିମାନବନ୍ଦରରୁ ଆଉ ୪ କୋଟିର ମାରିଜୁଆନା ଜବତ**

**ପ୍ରେମୀ ଯୁଗଳ ଗିରଫ, ବ୍ୟାଙ୍କକ୍‌ରୁ ଆସିଥିଲେ**

**ଧରାପଡିଲାଣି ୫୦ କୋଟିର ବିଦେଶୀ ଡ୍ରଗ୍ସ**








## ୭ଲକ୍ଷର ଫସଲ ବୀମା | ୩୦ ହଜାର ପ୍ରିମିୟମ; ଚାଷୀ ପାଇଲେ ୧୨୭୪

■ ଭୋପାଳ, ୨୩।୮ (ଏଜେନ୍ସି): ଫସଲକ୍ଷତିରୁ ଚାଷୀଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଣାଯାଇଥିବା ସରକାର ଦାବି କରୁଛନ୍ତି । ମାତ୍ର ଏହାର ପ୍ରକୃତ ଲାଭ ଚାଷୀଙ୍କୁ ମିଳିପାରୁନାହିଁ । କିନ୍ତୁ ଚାଷୀ ଯେଉଁ ଅର୍ଥ ଦେଇ ଫସଲ ବୀମା କରାଉଛନ୍ତି ସେଥିରେ ବୀମା କମ୍ପାନୀ ଲାଭାନ୍ୱିତ ହେଉଛନ୍ତି । ଧର୍ମକୁ ଆଖିଠାରୁ ଭଳି ଫସଲ କ୍ଷତିର କ୍ଷତିପୂରଣ ନାମରେ ଠକି ଦିଆଯାଇଛି ବୋଲି ଖୋଦ୍ ଚାଷୀ ଅଭିଯୋଗ କରୁଛନ୍ତି ।

ମଧ୍ୟପ୍ରଦେଶ ଖଣ୍ଡୱାରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି । ଗତ ବର୍ଷ ଚାଷୀ ରାଜେନ୍ଦ୍ର ପ୍ରଜାପତି ୨୧ ଏକରରେ ସୋୟାବିନ ଚାଷ କରିଥିଲେ । ମାତ୍ର ଏହି ଫସଲ ଖରାପ ହୋଇ ଯାଇଥିଲା । ମରୁଡି ଯୋଗୁଁ ଗୋଟିଏ ଦାନା ବି ତାଙ୍କୁ ମିଳିପାରି ନ ଥିଲା । ଫସଲ ବୀମା କରିବାକୁ ସେ ନିଜ ହାତରୁ ୬ ହଜାର ଟଙ୍କାର ପ୍ରିମିୟମ ଦେଇଥିଲେ । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଂଶକୁ ମିଶାଇ ପ୍ରିମିୟମ ମୋଟ ୩୦ ହଜାର ଟଙ୍କା ହୋଇ ଯାଇଥିଲା । ୭ ଲକ୍ଷରୁ ଅଧିକ ଟଙ୍କାର ଫସଲ ବରବାଦ ହେବା ପରେ ବୀମା ପାଇଁ ଦାବି କରାଯାଇଥିଲା । ମାତ୍ର ଏବେ ସରକାର କ୍ଲେମ କରାଇବାରୁ ବୀମା କମ୍ପାନୀ କେବଳ ୧୨୭୪ ଟଙ୍କା ପ୍ରଦାନ କରିଛି । ବୀମା କମ୍ପାନୀ ଘା'ରେ ମଲମ ଲଗାଇବା ପରିବର୍ତ୍ତେ ଅଧିକ ଦୁଃଖ ଦେଇଛି । ତେଣୁ ବୀମାରାଶିକୁ ଡିଡି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପଠାଇବି ବୋଲି ଚାଷୀ କହିଛନ୍ତି ।

ରାଜେନ୍ଦ୍ରଙ୍କ ସୂଚନା ଅନୁଯାୟୀ ସରକାର ଏବଂ ବୀମା କମ୍ପାନୀ କ୍ଲେମ ବାବଦ ଅର୍ଥ ଦେଇ ଖରିଫ ଋତୁରେ ଫସଲ କ୍ଷତି ହୋଇଛି ବୋଲି ସ୍ୱୀକାର କରିଛନ୍ତି । କ୍ଲେମ ବାବଦକୁ ୧୨୭୪ ଟଙ୍କା କେମିତି ହେଲା ତାହାର ଗଣିତ ବୁଝା ପଡୁନାହିଁ । ପ୍ରିମିୟମ ବାବଦକୁ ଏହାର ୫ ଗୁଣା ରାଶି ପ୍ରଦାନ କରିଛି । ଅଂଶଧନ ବାବଦକୁ କେନ୍ଦ୍ର ଏବଂ ରାଜ୍ୟ ସରକାର ଚାରି ଗୁଣା ଲେଖାଏଁ ରାଶି ପ୍ରଦାନ କରିଛନ୍ତି । ରାଜେନ୍ଦ୍ର କହିଛନ୍ତି ଯେ ସହରଠୁ ୧୫ କିମି ଦୂର ମୋରଦଡ଼ରେ ତାଙ୍କ ୨୫ ଏକର ପୈତୃକ ଜମି ରହିଛି । ସେ ଏଥିରୁ ୨୧ ଏକରରେ ସୋୟାବିନ ଲଗାଇଥିଲେ । କିନ୍ତୁ ବର୍ଷା ନ ହେବାରୁ ଫସଲ ନଷ୍ଟ ହୋଇଥିଲା । ବୀମା କମ୍ପାନୀର ସର୍ଭେୟର ମଧ୍ୟ ଖେତକୁ ବୁଲି ଦେଖିଥିଲେ । ଏକର ପିଛା ୭ କ୍ୱିଣ୍ଟାଲ ହିସାବରେ ମୋଟ ୧୪୦ କ୍ୱିଣ୍ଟାଲ ସୋୟାବିନ ହେବ ବୋଲି ଆକଳନ କରିଥିଲେ । ସେ ସମୟରେ ବଜାରରେ ଏହାର ମୂଲ୍ୟ କ୍ୱିଣ୍ଟାଲ ପିଛା ୫ ହଜାର ଟଙ୍କା ଥିଲା । ଏହି ହିସାବରେ ଫସଲ ମୂଲ୍ୟ ୭ ଲକ୍ଷ ଟଙ୍କା ▶ପୃଷ୍ଠା-୭







# ଭାରତରୁ ତେଲ କିଣିବାକୁ କାହାକୁ ବାଧ୍ୟ କରାଯାଉ ନାହିଁ

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ୨୫ ପ୍ରତିଶତ ଶୁଳ୍କ ଲାଗୁ ହୋଇସାରିଥିବା ବେଳେ ବାକି ୨୫% ୨୭ ତାରିଖରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ଶୁଳ୍କକୁ ଭାରତ ବିରୋଧ କରିଛି। ଏହାକୁ ମନମୁଖି ଏବଂ ବେଆଇନ କହିଛି। ଏହାକୁ ନେଇ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଲାଗି ରହିଛି। ଏପରି ସମୟରେ ଭାରତ ଏବଂ ଆମେରିକା ମଧ୍ୟରେ କୌଣସି ଝଗଡ଼ା ନାହିଁ ବୋଲି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି। ଏବେ ବି ବାଣିଜ୍ୟ ଚୁକ୍ତିକୁ ନେଇ ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରହିଛି। ତେବେ ଏହି ଚୁକ୍ତିରେ କିଛି ଲକ୍ଷ୍ମଣରେଖା ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ 'ଇକନୋମିକ ଟାଇମ୍ସ ୱାର୍ଲ୍ଡ ଲିଡର୍ସ ଫୋରମ-୨୦୨୫'ରେ ସାମିଲ ହୋଇ ସେ ଶନିବାର ଏହି ଟିପ୍ପଣୀ ଦେଇଛନ୍ତି।

ଜୟଶଙ୍କର କହିଛନ୍ତି ଯେ ଭାରତର ଚାଷୀ ଏବଂ କ୍ଷୁଦ୍ର ଉତ୍ପାଦକଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ନିଷ୍ପତ୍ତି ନିଆଯାଉଛି। ରୁଷଠାରୁ ତୈଳ କ୍ରୟକୁ ନେଇ ସମାଲୋଚକଙ୍କୁ ବିଦେଶମନ୍ତ୍ରୀ ଦୃଢ଼ ଜବାବ ଦେଇଛନ୍ତି। ସେ ଭାରତର ତୈଳ କ୍ରୟକୁ ଉଚିତ ବୋଲି କହିଛନ୍ତି। ଭାରତ ନିଜ ରାଷ୍ଟ୍ରୀୟ ସ୍ୱାର୍ଥକୁ ଦେଖି ନିଷ୍ପତ୍ତି ନେଉଛି। ଏହା ମୂଲ୍ୟକୁ ମଧ୍ୟ ସ୍ଥିର ରଖୁଛି। ଅଧିକ ଦାମ୍‌ରେ ରୁଷ୍ ତୈଳ ବିକିବା ଅଭିଯୋଗ ଉପରେ ଜୟଶଙ୍କର କହିଛନ୍ତି ଯେ ଆମେରିକା ସରକାରର ବ୍ୟବସାୟିକ ସ୍ୱାର୍ଥ ସପକ୍ଷରେ କାମ କରୁଥିବା ଲୋକ ଅନ୍ୟମାନଙ୍କ ଉପରେ ବ୍ୟବସାୟକୁ ନେଇ ଅଭିଯୋଗ ଲଗାଇବା ହାସ୍ୟାସ୍ପଦ। ଯଦି କୌଣସି ଦେଶ ଭାରତଠାରୁ ତେଲ କିଣିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ସେମାନେ ନ କିଣନ୍ତୁ। ଭାରତ କୌଣସି ଦେଶକୁ ତେଲ କିଣିବାକୁ ବାଧ୍ୟ କରୁନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ରୁଷ ଠାରୁ ତେଲ କିଣି ଏହାର ବିଶୋଧନ ପରେ ଭାରତୀୟ



**ଯାହାର ସମସ୍ୟା ହେଉଛି ସେ ନ ନିଅନ୍ତୁ**

**ଆମେରିକା ସହ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଜାରି**

କଂପାନୀ ଅନ୍ୟ ଦେଶକୁ ବିକ୍ରି କରୁଛନ୍ତି।

ଶୁଳ୍କ ବିବାଦ ସଂପର୍କରେ ଜୟଶଙ୍କର ତିନୋଟି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଥିରେ ବ୍ୟବସାୟ, ରୁଷ ତୈଳ କ୍ରୟ ଏବଂ ଭାରତ-ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା ସାମିଲ ରହିଛି। ଜୟଶଙ୍କର କହିଛନ୍ତି ଯେ ବ୍ୟବସାୟ ଏବଂ ଚାଷୀଙ୍କ ସ୍ୱାର୍ଥକୁ ନେଇ ଭାରତର ଆଭିମୁଖ୍ୟ ସ୍ପଷ୍ଟ ରହିଛି। କୌଣସି ବି ପରିସ୍ଥିତିରେ ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ସ୍ୱାର୍ଥ ସହ ସାଲିସ କରାଯିବ ନାହିଁ। ଏଥିପାଇଁ ଯାହା କରିବାକୁ ପଡ଼ିବ ତାହା କରାଯିବ।

ଭାରତ-ପାକିସ୍ତାନ ସଂଘର୍ଷକୁ ନେଇ ଜୟଶଙ୍କର କହିଛନ୍ତି ଯେ ଏଥିରେ କାହାର ମଧ୍ୟସ୍ଥତାକୁ ଗ୍ରହଣ କରାଯିବ ନାହିଁ। ଏ ନେଇ ଭାରତର ଆଭିମୁଖ୍ୟ ବହୁତ ସ୍ପଷ୍ଟ ରହିଛି। ସୂଚନାଯୋଗ୍ୟ ଯେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବାରମ୍ବାର ଏହି ସଂଘର୍ଷ ବନ୍ଦ କରାଇଥିବା ଦାବି କରି ଆସୁଛନ୍ତି। ମାତ୍ର ଭାରତ ଏହାକୁ ଖାରଜ କରିଚାଲିଛି। ଜୟଶଙ୍କର କହିଛନ୍ତି ଯେ କୌଣସି ସଂଘର୍ଷ ହେଲେ ଦେଶମାନେ ପରସ୍ପର ସହ ଆଲୋଚନା କରିଥାନ୍ତି। ଆମେରିକା ଏବଂ ଅନ୍ୟ ଦେଶମାନେ ମଧ୍ୟ ଫୋନ୍ କରିଥିଲେ। ଏହାକୁ ନେଇ ଚୁକ୍ତି କରାଇଥିବା ଦାବି କରିବା ଭୁଲ୍। ପାକିସ୍ତାନ ସହ ନିଜର ପୁରୁଣା ସମ୍ପର୍କକୁ ଆମେରିକା ଭୁଲି ଯାଉଛି। ବିଶ୍ୱର ସବୁଠୁ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଲାଡେନ ପାକିସ୍ତାନରେ ହିଁ ଥିଲା। ଆମେରିକା ଏବଂ ପାକିସ୍ତାନ ନିଜ ନିଜ ଇତିହାସକୁ ବାରମ୍ବାର ଅଣଦେଖା କରିଚାଲିଛନ୍ତି। କିଛି ଦେଶ ସୁବିଧା ପାଇଁ ରାଜନୀତି କରୁଛନ୍ତି। ଏଥିରେ କିଛି ରଣନୈତିକ ଲାଭ ଥାଇପାରେ ବୋଲି ସେ କହିଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ସଂପର୍କରେ ସେ କହିଛନ୍ତି ଯେ ଏହାପୂର୍ବରୁ ଆମେରିକାରେ ଏଭଳି ରାଷ୍ଟ୍ରପତି ନଥିଲେ। ଟ୍ରମ୍ପଙ୍କ ଭଳି କୌଣସି ରାଷ୍ଟ୍ରପତି ବିଦେଶ ନୀତିର ପରିଚାଳନା କରି ନାହାନ୍ତି। ଏହା ଦ୍ୱାରା ବଡ଼ ପରିବର୍ତ୍ତନ ଆସିଛି। କେବଳ ଭାରତ ନୁହେଁ, ଅନେକ ରାଷ୍ଟ୍ର ଉପରେ ଏହାର ପ୍ରଭାବ ପଡ଼ିଛି।

### ଫୋଗତ ହତ୍ୟା ମାମଲା

## ୩ ବର୍ଷରେ ୫୦ ତାରିଖ; ସିବିଆଇ ବାଟବଣା

ଫତେହାବାଦ୍, ୨୩।୮ (ଏଜେନ୍ସି): ହରିୟାଣାର ଜଣାଶୁଣା ଟିକ୍‌ଟକ୍ ତାରକା ତଥା ବିଜେପି ନେତ୍ରୀ ସୋନାଲି ଫୋଗତ ହତ୍ୟା ଘଟଣା ଆଜିକୁ ୩ ବର୍ଷ ପୁରିଛି। ୩ ବର୍ଷ ଧରି ସିବିଆଇ ଯାଞ୍ଚ କରିବା ପରେ ହତ୍ୟାର ଉଦ୍ଦେଶ୍ୟ ନେଇ କୌଣସି ସୂଚନା ପାଇନାହିଁ ଓ ବାଟବଣା ହୋଇଛି। ଗତ ୩ ବର୍ଷ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ତାରିଖ ଆସିଛି ବୋଲି ତାଙ୍କ ଭାଇ କହିଛନ୍ତି। ଅଭିଯୁକ୍ତ ଜାମିନ ପାଇ ବାହରକୁ ଆସି ଖୋଲା ଖୋଲି ଭାବେ ବୁଲୁଛନ୍ତି ବୋଲି ସୋନାଲିଙ୍କ ପରିବାର ତରଫରୁ କୁହାଯାଇଛି। ନ୍ୟାୟ ପାଇବାକୁ ତାଙ୍କ ପରିବାର ଆଶାବାନ୍ଧି ବସିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨ ଅଗଷ୍ଟ ୨୨ ଓ ୨୩ ତାରିଖ ରାତିରେ ଗୋଆର ଅଞ୍ଜୁନା ବିଚ୍‌ସ୍ଥିତ କର୍ଲିସ ରେସ୍ତୋରାଁ-କ୍ଲବ ସୋନାଲିଙ୍କୁ ସନ୍ଦେହଜନକ ଭାବେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅତ୍ୟଧିକ ଔଷଧ ସେବନ ବା ଡ୍ରଗ୍ ଓଭରଡୋଜ କାରଣରୁ ସେ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଉଛି। ସୋନାଲିଙ୍କ ବ୍ୟକ୍ତିଗତ ସହଯୋଗୀ ସୁଧୀର ସାଙ୍ଗୱାନ ଓ ତାଙ୍କ ବନ୍ଧୁ ସୁଖବିନ୍ଦର ସିଂ ହତ୍ୟା କରିଛନ୍ତି ବୋଲି ସୋନାଲିଙ୍କ ପରିବାର ତରଫରୁ ଅଭିଯୋଗ କରାଯାଇଛି। ତଦନ୍ତ ପରେ ସବିଆଇ ଏହି ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ତେବେ ୮ ମାସ ପରେ ଦୁହିଁଙ୍କୁ ଜାମିନ ମିଳିଥିଲା। ଜାମିନ ବାତିଲ କରିବାକୁ ପରିବାର ତରଫରୁ ଆବେଦନ କରାଯାଇଥିଲେ ମଧ୍ୟ ଏ ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଆଗାମୀ ସେପ୍ଟେମ୍ବର ୩ରେ ଏହି ମାମଲାର ଆଗାମୀ ଶୁଣାଣି ଗୋଆ ଜିଲ୍ଲା କୋର୍ଟରେ ହେବ। ସୁଧୀର ଏବେ ମଧ୍ୟ ସୋନାଲିଙ୍କ କାର ଚଳାଉଛନ୍ତି ଓ ସେ ତାଙ୍କର ୨୫ ଲକ୍ଷ ଟଙ୍କା ଜିନିଷ ହଡପ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ସୋନାଲିଙ୍କ ଝିଅ ଯଶୋଧାରା ସ୍କୁଲ ଶେଷ କରିବା ପରେ ଏବେ କଲେଜରେ ଆଡମିଶନ କରିବେ।

## ପଞ୍ଜାବରେ ଏଲ୍‌ପିଜି ଟ୍ୟାଙ୍କର ବିସ୍ଫୋରଣରେ ୫ ମୃତ

ହୋଶିଆରପୁର, ୨୩।୮ (ଏଜେନ୍ସି): ପଞ୍ଜାବର ହୋସିଆରପୁରରେ ପରିବା ନେଇ ଯାଉଥିବା ପିକ୍‌ଅପ୍ ଭ୍ୟାନ ଏକ ଏଲ୍‌ପିଜି ଟ୍ୟାଙ୍କରକୁ ଧକ୍କା ଦେବା ଫଳରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଛି। ସ୍ଥାନୀୟ ମଣ୍ଡିଆଲା ଗାଁରେ ଶୁକ୍ରବାର ଏହି ଦୁର୍ଘଟଣା ଘଟିଛି। ଏଥିରେ ଏପର୍ଯ୍ୟନ୍ତ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୩ ଜଣଙ୍କୁ ଚିହ୍ନଟ କରାଯାଇଛି। ବିସ୍ଫୋରଣ ପରେ ୨୦୦ମିଟର ପରିମିତ ଅଞ୍ଚଳରେ ୨୫ଟି ଦୋକାନ ଓ ୧୦ଟି ଦୋକାନ ଜଳିବା ସହ କ୍ଷତିଗ୍ରସ୍ତ ହୋଇଛି। କେତୋଟି ଘରର ଛାତ ଗଳି ପଡ଼ିଛି। ଏଥିରେ ୩୦ ଜଣ ଲୋକଙ୍କ ଦେହରେ ନିଆଁ ଲାଗିବା ଫଳରେ ସେମାନେ ଆହତ ହୋଇଛନ୍ତି। ପିକ୍‌ଅପ ଚଳାଉଥିବା ଡ୍ରାଇଭରଙ୍କର କୌଣସି ପତା ମିଳିନାହିଁ। ସେ ଘଟଣାସ୍ଥଳରୁ ପଳାଇଯାଇଥିବା ଅନୁମାନ କରାଯାଉଛି। କିନ୍ତୁ ଏଲ୍‌ପିଜି ଟ୍ୟାଙ୍କର ଡ୍ରାଇଭର ମୃତ୍ୟୁବରଣ କରିଛନ୍ତି। ଆହତଙ୍କୁ ହୋସିଆପୁର ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଭାବେ ଆହତଙ୍କୁ ଅନ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପାକିସ୍ତାନ ମିସାଇଲ ଦ୍ୱାରା ଆକ୍ରମଣ କରିଛି ବୋଲି ଭାବି ନେଇଥିଲେ। ସୂଚନା ପାଇବା ପରେ ବାୟୁସେନାର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀ ଭଗବତ ମାନ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ୧୪ ଘଣ୍ଟା ଧରି ଧରି ରାସ୍ତା ଜାମ ରହିବା ପରେ ପୁଲିସ ଜଳନ୍ଧର- ହୋସିଆରପୁର ହାଇୱେକୁ ଖାଲି କରିଛି।

## ନ୍ୟୁୟର୍କରେ ପଲଟିଲା ପର୍ଯ୍ୟଟକ ବସ୍, ୫ ମୃତ

ନ୍ୟୁୟର୍କ, ୨୩।୮ (ଏଜେନ୍ସି): ନ୍ୟୁୟର୍କରେ ଶୁକ୍ରବାର ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ବସ୍ ପଲଟିବା ଫଳରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି। ନାଏଗ୍ରା ଜଳପ୍ରପାତରୁ ବସ୍‌ଟି ନ୍ୟୁୟର୍କ ସିଟି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ବସ ଡ୍ରାଇଭର ନିୟନ୍ତ୍ରଣ ହରାଇବା ପରେ ବସ୍ ପଲଟିଥିଲା ବୋଲି ନ୍ୟୁୟର୍କ ଷ୍ଟେଟ୍ ପୁଲିସ ତରଫରୁ କୁହାଯାଇଛି। ଏହି ଦୁର୍ଘଟଣା ସ୍ଥାନୀୟ ସମୟ ଅପରାହ୍ଣ ୧୨.୩୦ରେ ହୋଇଥିଲା। ବସରେ ୫୪ ଜଣ ଯାତ୍ରୀ ଥିଲେ। ଅଧିକାଂଶ ଯାତ୍ରୀ ସିଟ୍ ବେଲ୍ଟ ଲଗାଇ ନଥିଲେ। ଫଳରେ କିଛି ଯାତ୍ରୀ ଝରକା କାଚ ଭାଙ୍ଗିବା ଫଳରେ ବାହରକୁ ବାହାରି ଯାଇଥିଲେ। ଏହି ବସରେ ଅଧିକାଂଶ ଭାରତ, ଚୀନ୍ ଓ ଫିଲିପାଇନ୍ସର ଯାତ୍ରୀ ବସିଥିଲେ। ବସରେ ଛୋଟପିଲା ମଧ୍ୟ ଥିଲେ। ଆହତଙ୍କୁ ହଲିକପ୍ଟର ଓ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ରସ୍ତାକୁ ବନ୍ଦ କରାଯାଇଥିଲା। ଉଦ୍ଧାରକାର୍ଯ୍ୟ ଏବେବି ଜାରି ରହିଛି।

### କର୍ଣ୍ଣାଟକ ଧର୍ମସ୍ଥଳ ମାମଲାରେ ନୂଆ ମୋଡ଼

## ମିଛ କହି ଗିରଫ ହେଲା ଅଭିଯୋଗକାରୀ

ମାଙ୍ଗାଲୁରୁ, ୨୩।୮ (ଏଜେନ୍ସି): କର୍ଣ୍ଣାଟକର ଧର୍ମସ୍ଥଳରେ ଏକାଧିକ ମୃତଦେହକୁ କବର ଦେବା ମାମଲା ଏବେ ନୂଆ ମୋଡ଼ ନେଇଛି। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଏହି ମାମଲାରେ ଅଭିଯୋଗକାରୀକୁ ହିଁ ଗରିଫ କରିଛି। ତାଙ୍କ ବିରୋଧରେ ମିଥ୍ୟା ସୂଚନା ଓ ପ୍ରମାଣ ଦେବା ଅଭିଯୋଗ ହୋଇଛି। ଗିରଫ୍ ହୋଇଥିବା ଏହି ବ୍ୟକ୍ତି ମନ୍ଦିରର ପୂର୍ବତନ ସଫାଇ କର୍ମଚାରୀ ଥିଲେ। ଏହି ବ୍ୟକ୍ତି ହିଁ ଦୁଇ ଦଶନ୍ଧି ହେବ ଧର୍ମସ୍ଥଳରେ ଏକାଧିକ ହତ୍ୟା, ଦୁଷ୍କର୍ମ ଓ ମୃତଦେହ ପୋତିବାର ଅଭିଯୋଗ ଆଣିଥିଲେ। ଏହି ରହସ୍ୟମୟ ବ୍ୟକ୍ତି ହେଉଛନ୍ତି ସିଏନ ଚିନ୍ନାୟା। ସେ ୭୦ରୁ ୮୦ଟି ମୃତହେହ ବିଭିନ୍ନ ସ୍ଥାନରେ ପୋତିବା ନେଇ ଦାବି କରିଥିଲେ। ତାଙ୍କୁ ଗତ ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ପଚରା ଉଚରା କରାଯାଇଥିଲା। ସେ ଦେଇଥିବା ସୂଚନା ଓ କାଗଜପତ୍ରରେ ପାର୍ଥକ୍ୟ ଦେଖିବାକୁ ମିଳିଥିଲା ବୋଲି ଏସ୍‌ଆଇଟି ମୁଖ୍ୟ ପ୍ରଣବ ମହାନ୍ତି କହିଛନ୍ତି। ତାଙ୍କୁ ଶନିବାର ସକାଳେ ଗରିଫ କରାଯାଇଛି। ପାର୍ଷ୍ଟକ୍ଲାସ ଜୁଡିସିଆଲ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ହାଜର କରାଯାଇଥିଲା। କୋଟ ତାକୁ ୧୦ ଦିନ ପାଇଁ ଏସଆଇଟି ହେପାଜତକୁ ପଠାଇ ଦେଇଛନ୍ତି। ଚିନ୍ନାୟା ଏହି ମନ୍ଦିରରେ ୨୦୧୪ ପର୍ଯ୍ୟନ୍ତ ଝାଡୁଦାର ରୂପେ କାର୍ଯ୍ୟ କରୁଥିଲେ।



ଏହି ମାମଲାରେ କୌଣସି ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇନାହିଁ। ଗତ ଜୁଲାଇ ୧୧ରେ ଚିନ୍ନାୟା ବେଲଥାଙ୍ଗାଡି ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ନିଜର ବୟାନ ସେବାସହ ଏକ ଖପୁରୀ ଓ କେତୋଟି ହାଡ ଉପସ୍ଥାପନ କରିଥିଲେ। ଏହା ଜଣେ ମହିଳାଙ୍କର ଓ ତାଙ୍କର ଯୌନଶୋଷଣ ହୋଇଥିଲା ବୋଲି ସେ ଦାବି କରିଥିଲେ। କିନ୍ତୁ ଏହି ଅବଶେଷ ଜଣେ ପୁରୁଷଙ୍କର ବୋଲି ଫରେନସିକ ଯାଞ୍ଚରୁ ଜଣାପଡ଼ିଥିଲା। ତାଙ୍କ ଉପରେ ଚାପ ପ୍ରୟୋଗ କରି ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପିଲାଙ୍କ ମୃତଦେହ ପୋତିବାକୁ ବାଧ୍ୟ କରାଯାଇଥିଲା ବୋଲି ସେ କହିଥିଲେ। କିନ୍ତୁ ଏହାପରେ ଏସ୍‌ଆଇଟି ୧୭ଟି ସ୍ଥାନରେ ଖନନ କରିଥିଲେ ମଧ୍ୟ କେବଳ ମାତ୍ର ଦୁଇଟି ପୁରୁଷଙ୍କ କଙ୍କାଳ ଉଦ୍ଧାର କରିଛି। ତେଣୁ ଚିନ୍ନାୟାଙ୍କ ସୂଚନା ଓ ମନ୍ତବ୍ୟରେ ତାଳମେଳ ରହୁନାହିଁ ବୋଲି ଏସ୍‌ଆଇଟି ଜାଣିବାକୁ ପାଇଛି। ଉଲ୍ଲେଖଥାଉ କି, ଧର୍ମସ୍ଥଳ ହେଉଛି ଭଗବାନ ଶିବଙ୍କର ମଞ୍ଜୁନାଥ ମନ୍ଦିର। ଏହା ମେଙ୍ଗାଲୁରୁ ନିକଟରେ ନେତ୍ରାବତୀ ନଦୀ କୂଳରେ ଅବସ୍ଥିତ ଓ ଏହା ଏକ ପ୍ରସିଦ୍ଧ ମନ୍ଦିର ଭାବେ ଖ୍ୟାତି ଲାଭ କରିଆସିଛି। ଏହି ମନ୍ଦିରରେ ପୂଜାପାଠ ବ୍ରାହ୍ମଣ କରିଥାନ୍ତି। କିନ୍ତୁ ମନ୍ଦିରର ସଞ୍ଚାଳନ ଜୈନ ଧର୍ମର ଲୋକ କରିଥାନ୍ତି।

## ସର୍ଗିଓ ଗୋର ଭାରତରେ ଆମେରିକା ରାଷ୍ଟ୍ରଦୂତ ନିଯୁକ୍ତ



ୱାଶିଂଟନ, ୨୩।୮ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସର୍ଗିଓ ଗୋରଙ୍କୁ ଶୁକ୍ରବାର ଭାରତରେ ଆମେରିକାର ରାଜଦୂତ ନିଯୁକ୍ତ କରିଛନ୍ତି। ତାଙ୍କୁ ଦକ୍ଷିଣ ଓ ମଧ୍ୟ ଏସୀୟ ସଂକ୍ରାନ୍ତରେ ସ୍ୱତନ୍ତ୍ର ଦୂତ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ଟ୍ରମ୍ପ ଓ ଏଲନ ମସ୍କଙ୍କ ମଧ୍ୟରେ ସର୍ଗିଓ ବିବାଦ ଆରମ୍ଭ କରାଇଥିଲେ ବୋଲି କୁହାଯାଉଛି। ମସ୍କ ରାଗିଯାଇ ସର୍ଗିଓଙ୍କୁ ଏକଦା ବିଷଧର ସାପ ବୋଲି କହିବାକୁ ପଛାଇ ନଥିଲେ। ଟ୍ରମ୍ପ ପରିବାରର ଏକାନ୍ତ ବିଶ୍ୱସ୍ତ ବୋଲି ତାଙ୍କୁ କୁହାଯାଇଥାଏ। ପୂର୍ବରୁ ସେ ଟ୍ରମ୍ପଙ୍କ କାର୍ଯ୍ୟକ୍ରମର ଦେଖାଶୁଣା କରୁଥିଲେ। ଟ୍ରମ୍ପଙ୍କୁ କିଏ ସାକ୍ଷାତ କରିବ ଓ କିଏ ନକରିବ ସେ ନିଷ୍ପତ୍ତି ସର୍ଗିଓ ନେଉଥିଲେ। ଏଥିପାଇଁ ଆମେରିକା ଗଣମାଧ୍ୟମ ତାଙ୍କୁ ଟ୍ରମ୍ପଙ୍କ 'ଗେଟ୍‌କିପର' ବୋଲି ଉଲ୍ଲେଖ କରିଥାଏ। ଏହି ନୂଆ ଦାୟିତ୍ୱ ମିଳିବା ପରେ ସେ ସାମାଜିକ ଗଣମାଧ୍ୟମ ଜରିଆରେ ଟ୍ରମ୍ପଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦୀର୍ଘ ୭ ମାସ ପରେ ଟ୍ରମ୍ପ ଭାରତରେ ଆମେରିକାର ରାଜଦୂତ ନିଯୁକ୍ତି ଦେଇଛନ୍ତି। ୩୮ ବର୍ଷୀୟ ସର୍ଗିଓ ଏବେ ଏରିକ ଗାର୍ସେଟିଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ଏରିକ୍ ୨୦୨୩ ମେରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ଭାରତରେ ଆମେରିକାର ରାଜଦୂତ ରହିଥିଲେ।

## ନକଲି କଲ୍‌ସେଣ୍ଟର, ୧୩୦ କୋଟିର ଠକେଇ

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ବଡ଼ କର୍ଯ୍ୟାନୁଷ୍ଠାନ ଗ୍ରହଣକରି ଗୁରୁଗ୍ରାମ ଓ ଦିଲ୍ଲୀରେ ୭ଟି ଠିକଣାରେ ଚଢ଼ାଉ କରିବା ସହିତ ନକଲି ତଥା ଠକ କଲ ସେଣ୍ଟରଗୁଡିକର ପର୍ଦ୍ଦାଫାସ କରିଛି। ଏହି ସେଣ୍ଟରଗୁଡ଼ିକ ୧୩୦ କୋଟି ଟଙ୍କାର ଠକେଇ କରିଥିବା ଜଣାପଡ଼ିଛି।

ଅବୈଧ କଲସେଣ୍ଟର ଓ ଜାଲିଆତି ମାମଲାରେ ଇଡି ମନି ଲଣ୍ଡରିଂ (ପିଏମ୍‌ଏଏଲ୍‌ଏ), ୨୦୦୨ର ଆଇନ୍ ଅନୁସାରେ ୭ଟି ଭିନ୍ନ ଭିନ୍ନ ଠିକଣା ଉପରେ ଚଢ଼ାଉ କରିଥିଲା। ସିବିଆଇର ଏକ ଏଫ୍‌ଆଇଆରକୁ ଆଧାରିତ କରି ଇଡି ଏହି ବଡ଼ ଧରଣର ଚଢ଼ାଉ କରିଥିଲା। ଦିଲ୍ଲୀ ଓ ଗୁରୁଗ୍ରାମର କେତେକ ଠକ ନକଲି କଲ୍ ସେଣ୍ଟର ପରିଚାଳନା କରୁଥିଲେ। ଏମାନେ ଖାସ୍ କରି ଆମେରିକୀୟ ନାଗରିକଙ୍କୁ ଲକ୍ଷ୍ୟ କରି ଠକାମି କରୁଥିଲେ। ଏହି ଧନ୍ଦା ୨୦୨୨ ନଭେମ୍ବରରୁ ୨୦୨୪ ଏପ୍ରିଲ ପର୍ଯ୍ୟନ୍ତ

**ଦିଲ୍ଲୀରେ ଇଡିର ବଡ଼ କାର୍ଯ୍ୟାନୁଷ୍ଠାନ**

**୩୦ ବ୍ୟାଙ୍କ ଖାତା, ୮ ବିଳାସପୂର୍ଣ୍ଣ କାର୍ ଜବତ**

**ଟାର୍ଗେଟରେ ଥିଲେ ଆମେରିକା ନାଗରିକ**


ଚାଲିଥିଲା। ଏହି ମାମଲାର ଅଭିଯୁକ୍ତ ଅର୍ଜୁନ ଗୁଲାଟୀ, ଦିବ୍ୟାଂଶ ଗୋଏଲ ଓ ଅଭିନବ କଲରା ଗୁରୁଗ୍ରାମ ଓ ନୋଏଡାରେ କଲସେଣ୍ଟର ଚଳାଇ ଆମେରିକୀୟ ନାଗରିକଙ୍କୁ ଟେକନିକାଲ ସପୋର୍ଟ ନାମରେ ଠକି ବିପୁଳ ଅର୍ଥ ଆଦାୟ କରିଥିଲେ। ଅଭିଯୁକ୍ତମାନେ ପୀଡିତଙ୍କ ବ୍ୟାଙ୍କ ଖାତାର ସୂଚନା ପାଇ ସେଥିରେ ଅନଧିକୃତ ଭାବେ ସଞ୍ଚାଳନ କରିବା ସହିତ କୋଟି କୋଟି ଟଙ୍କା ବିଦେଶୀ ଖାତାକୁ ପଠାଉଥିଲେ। ଏହାପରେ ଜଟିଳ ବ୍ୟାଙ୍କିଙ୍ଗ ନେଟ୍‌ୱର୍କ ମାଧ୍ୟମରେ ଏହି ଅର୍ଥ ଭାରତକୁ ଆଣି ବିଳାଷମୟ ଜୀବନଯାପନ କରୁଥିଲେ। ମାତ୍ର ୨ ବର୍ଷ ମଧ୍ୟରେ ଏମାନେ ୧୫ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ପାଖାପାଖି ୧୩୦ କୋଟି ଟଙ୍କା ଠକି ନେଇଥିଲେ। ଏହିକ୍ରମରେ ଇଡି ୩୦ଟି ବ୍ୟାଙ୍କ ଖାତାକୁ ଅକାମୀ କରିଛି। ୮ଟି ବିଳାଷମୟ କାର୍, ଦାମୀ ଘଡି ସହ ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜବତ କରିଛି।

## ୧୦ ଜଣ ମିଶି ଜଣକୁ ମାରିଲେ

ଅହମଦାବାଦ, ୨୩।୮ (ଏଜେନ୍ସି): ସ୍ଥାନୀୟ କାଗଡ଼ାପୀଡ ଅଞ୍ଚଳରେ ଦିନ ଦ୍ୱିପହରରେ ନିତିନ ପଟନୀ ନାମକ ଜଣେ ଯୁବକକୁ ସଙ୍ଘବଦ୍ଧ ଭାବେ ହତ୍ୟା କରାଯାଇଛି। ୧୦ ଜଣ ଲୋକ ଧାରୁଆ ଅସ୍ତ୍ରରେ ରାସ୍ତା ଉପରେ ଆକ୍ରମଣ କରି ଜଣକୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଗୁରୁତର ଆହତ ଯୁବକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସା ଅବସରରେ ସେ ମୃତ୍ୟୁବରଣ କରିଛନ୍ତି। ଦୁଇଟି ଗ୍ୟାଙ୍ଗ ମଧ୍ୟରେ ଲଢ଼େଇ କାରଣରୁ ଏପରି ହୋଇଛି ବୋଲି କୁହାଯାଇଛି। ପୀଡିତଙ୍କ ଭାଇ ଅକ୍ଷୟ ୭ଜଣଙ୍କ ବିରୋଧରେ ଅପହରଣ ଓ ହତ୍ୟାର ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁଲିସ ବିଜୟ, ଶୈଳେଶ, ପୁନମ ପଟନୀଙ୍କୁ ଗିରଫ କରିଛି। ବାକି ଅଭିଯୁକ୍ତଙ୍କୁ ପୁଲିସ ଖୋଜା ଜାରି ରଖିଛି ଓ ୫ଟି ଟିମ୍ ଗଠନ କରିଛି। ଅଭିଯୁକ୍ତମାନେ ଖଣ୍ଡା, ପାଇପ୍, ବାଡିରେ ଆକ୍ରମଣ କରିଥିଲେ। ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି ଓ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି।

## ଚନ୍ଦ୍ରବାବୁ ସବୁଠୁ ଧନୀ; ମମତା, ଓମାର ଗରିବ

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଦେଶର ସବୁଠାରୁ ଧନୀ ମୁଖ୍ୟମନ୍ତ୍ରୀ। ତାଙ୍କ ପାଖରେ ୯୩୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ରହିଛି। ଦେଶରେ ଏବେ ମୋଟ୍ ୩୦ଜଣ ମୁଖ୍ୟମନ୍ତ୍ରୀଙ୍କ ପାଖରେ ୧୬୩୨ କୋଟି ଟଙ୍କାର ସମ୍ପତ୍ତି ରହିଛି।





ଏହାର ଅଧାରୁ ଅଧିକ ଅର୍ଥାତ ୫୭ ପ୍ରତିଶତ କେବଳ ଚନ୍ଦ୍ରବାବୁ ନାଇଡୁଙ୍କ ପାଖରେ ରହିଛି। ତାଙ୍କ ପଛକୁ ଅରୁଣାଚଳ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁଙ୍କ ପାଖରେ ୩୩୨ କୋଟି ଟଙ୍କାର ସଂପତ୍ତି ଥିବା ବେଳେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ୫୧ କୋଟି ଟଙ୍କା ସହିତ ତୃତୀୟ ସ୍ଥାନରେ ରହିଛନ୍ତି। କୋଟିପତି ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ରହିଛନ୍ତି ଯୋଗୀ ଆଦିତ୍ୟନାଥ (୧କୋଟି ୫୪ ଲକ୍ଷ), ମୋହନ ମାଝୀ (୧କୋଟି ୯୭ ଲକ୍ଷ), ନୀତୀଶ କୁମାର (୧କୋଟି ୬୪ ଲକ୍ଷ), ବିଷ୍ଣୁଦେଓ ସାଏ (୩କୋଟି୮୦ଲକ୍ଷ)। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହେଉଛନ୍ତି ସବୁଠାରୁ ଗରିବ। ତାଙ୍କର ସବୁଠୁ କମ୍ ସମ୍ପତ୍ତି ରହିଛି। ସେ ହେଉଛନ୍ତି ମାତ୍ର ୧୫ ଲକ୍ଷ ୩୮ ହଜାର ଟଙ୍କାର ମାଲିକ। କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କର ୫୫ ଲକ୍ଷର ସଂପତ୍ତି ରହିଛି। ଆସୋସିଏଟ ଅଫ୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ନାମକ ଏନ୍‌ଜିଓ ପକ୍ଷରୁ ଉପରୋକ୍ତ ତଥ୍ୟ ପ୍ରଦାନ କରାଯାଇଛି।

## ଟ୍ରକ୍- ଅଟୋ ମୁହାଁମୁହିଁ ଧକ୍କା: ୯ ମୃତ

ପାଟନା, ୨୩।୮ (ଏଜେନ୍ସି): ବିହାର ରାଜଧାନୀ ପାଟନାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୯ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ଶନିବାର ସକାଳେ ଶାହାଜାହାଁପୁରର ଦନିୟାବା- ହିଲସା ରାଜ୍ୟ ରାଜପଥ-୪ରେ ସିଗ୍ରିୟାବା ଷ୍ଟେସନ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଟ୍ରକ୍ ଓ ଏକ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୭ ଜଣ ଲୋକ ଘଟଣା ସ୍ଥଳରେ ହିଁ ଜୀବନ ହରାଇଥିଲେ। ସେହିପରି ଦୁଇଜଣ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ୮ ମହିଳା ଓ ଅଟୋ ଡ୍ରାଇଭର ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ମା ଓ ଝିଅ ମଧ୍ୟ ରହିଛନ୍ତି। ସବୁ ମୃତକ ନାଳନ୍ଦାର ହିଲସ୍‌ରେ ରୁହନ୍ତି। ଆହତ ହୋଇଥିବା ଲୋକଙ୍କ ସ୍ଥିତି ଗମ୍ଭୀର ରହିଛି। ଆହତ ହୋଇଥିବା ଯାତ୍ରୀଙ୍କୁ ନାଳନ୍ଦା ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏନ୍‌ଏମ୍‌ସିଏଚ୍)ରେ ଭର୍ତ୍ତି କରାଯାଇଛି। ସକାଳ ୬ଟାରେ ହିଁ ଏହି ଦୁର୍ଘଟଣା ଘଟିଥିଲା ବୋଲି ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ଟ୍ରକ ଅଟୋକୁ ଜୋରଦାର ଧକ୍କା ଦେଇଥିଲା। ଅଟୋରେ ବସିଥିବା ଲୋକ ଗଙ୍ଗା ସ୍ନାନ କରିବାକୁ ତ୍ରିବେଣୀ ଘାଟ ଯାଉଥିଲେ। ସିମେଣ୍ଟ ଫ୍ୟାକ୍ଟ୍ରି ପାଖରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଟ୍ରକ ସିମେଣ୍ଟ ଫ୍ୟାକ୍ଟ୍ରିର ହିଁ ଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଟ୍ରକ୍ ଏହି ସମେଣ୍ଟ କମ୍ପାନୀ ଭିତରକୁ ଚାଲିଯାଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଲୋକ ରାସ୍ତା ରୋକ କରିଥିଲେ। ଘଟଣାସ୍ଥଳକୁ କମ୍ପାନୀ ମ୍ୟାନେଜରଙ୍କୁ ଡାକିବାକୁ ଲୋକ ଦାବି କରିଥିଲେ। ଦୁର୍ଘଟଣା ପରେ ରାସ୍ତା ସାରା ରକ୍ତର ଛିଟ୍‌କା ପଡ଼ିଥିଲା।


## ଉତ୍ତରାଖଣ୍ଡରେ ପୁଣି ବାଦଲଫଟା ବର୍ଷା; ଭାସିଗଲା ଦୋକାନ ବଜାର

ଡେରାଡୁନ୍, ୨୩।୮ (ଏଜେନ୍ସି): ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାରେ ଥରାଲୀରେ ଶୁକ୍ରବାର ରାତି ୧ରୁ ୨ଟା ମଧ୍ୟରେ ବାଦଲ ଫଟା ବର୍ଷା ହୋଇଛି। ଆଖପାଖରେ ଥିବା ଦୁଇଟି ଗାଁ ସାଗୱାରା ଓ ଚୋପଡୋନରେ ବହୁତ କ୍ଷୟକ୍ଷତି ହୋଇଛି। ଥରାଲି ତହସିଲର ମୁଖ୍ୟ କାର୍ଯ୍ୟାଳୟର ନିକଟବର୍ତ୍ତୀ ଏକ କିମି ଅଞ୍ଚଳରେ ଜବରଦସ୍ତ କ୍ଷୟକ୍ଷତି ହୋଇଛି। ସ୍ଥାନୀୟ କେତୋଟି ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ କ୍ଷୟକ୍ଷତି ଆହୁରି ଅଧିକ ହୋଇଛି ବୋଲି ଚାମୋଲିର ଜିଲ୍ଲା ମାଜିଷ୍ଟ୍ରେଟ୍ ସନ୍ଦୀପ ତିୱାରୀ କହିଛନ୍ତି। ଏଥିରେ ଜଣେ ମୃତ୍ୟୁବରଣ କରିଛନ୍ତି। ଚୋପଡନ ଗାଁରେ ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି। ସେହିପରି ସାଗୱାରା ଗାଁରେ ଏକ ଘର ଉପରେ ଆବର୍ଜନା ମାଡିଯିବାରୁ ଜଣେ ଝିଅ ତଳେ ଦବି ରହିଛି। କିଛି ଘଣ୍ଟା ପରେ ଏହି ଝିଅର ମୃତଦେହ ଉଦ୍ଧାର କରାଯାଇଛି। ଦୁଇଟି ଗାଁରେ ପାଖାପାଖି ୭୦-୮୦ ଘରେ ୨ ଫୁଟ୍‌ର ଆବର୍ଜନା ଭରି ରହିଛି। ଥରାଲୀକୁ ସଂଯୋଗ କରୁଥିବା କର୍ଣ୍ଣପ୍ରୟାଗ- ଗୁଆଲଦମ ଜାତୀୟ ରାଜପଥରେ ଆବର୍ଜନା ଥିବାରୁ ବନ୍ଦ ରହିଛି। ଗତ ୧୮ ଦିନ ମଧ୍ୟରେ ଉତ୍ତରାଖଣ୍ଡରେ ବାଦଲ ଫଟା ବର୍ଷା ଯୋଗୁଁ ଦ୍ୱିତୀୟଥର ପାଇଁ ଏପରି ଘଟଣା ଘଟିଛି। ଏହାପୂର୍ବରୁ ଅଗଷ୍ଟ ୫ରେ ଧରାଲୀରେ ବାଦଲ ଫଟା ବର୍ଷା ଯୋଗୁଁ ବହୁତ କ୍ଷୟକ୍ଷତି ହୋଇଥିଲା।

**୮୦ ଘରେ ଦୁଇ ଫୁଟର ଆବର୍ଜନା ଭରିଗଲା**

**ଝାଡଖଣ୍ଡରେ ପ୍ରବଳ ବର୍ଷା: ୫ ମୃତ**

ଏଥିରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ହୋଇଥିଲେ। ମୌସୁମୀ ଆସିବା ପରେ ଉତ୍ତରାଖଣ୍ଡ ଓ ହିମାଚଳ ଭଳି ରାଜ୍ୟରେ ବାଦଲ ଫଟା ବର୍ଷା କାରଣରୁ ପ୍ରତିବର୍ଷ ଏହି ଭଳି ଏକାଧିକ ଘଟଣା ଘଟିଥାଏ। ସେପଟେ ସାରା ଦେଶରେ ୧୯ଟି ରାଜ୍ୟରେ ପ୍ରବଳ ବର୍ଷା



ହେବ ବୋଲି ପାଣିପାଗ ବିଭାଗ ସତର୍କତା ଜାରି କରିଛି। ହିମାଚଳରେ ପ୍ରଦେଶରେ ଆଗାମୀ ଦୁଇଦିନରେ ପ୍ରବଳ ବର୍ଷା ହେବା ବୋଲି ଆଶଙ୍କା କରାଯାଉଛି। ବର୍ଷା ଓ ଭୂସ୍ଖଳନ ଯୋଗୁଁ ଜାତୀୟ ରାଜପଥ-୩୦୫ ସମେତ ମୋଟ୍ ୩୪୭ଟି ସଡ଼କ ବନ୍ଦ ରହିଛି। ଜୁନ୍ ୨୦ରୁ ମୌସୁମୀ ଆସିବା ପରଠାରୁ ହିମାଚଳରେ ଏପର୍ଯ୍ୟନ୍ତ ୨୯୫ ଜଣଙ୍କ ମୃତ୍ୟୁବରଣ କରିଛନ୍ତି।

ଝାଡଖଣ୍ଡରେ ଶନିବାର ସକାଳେ ପ୍ରବଳ ବର୍ଷା କାରଣରୁ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଜଣେ ନିଖୋଜ ହୋଇଛନ୍ତି। ସରେଇକଳା ଓ ଖରସୁଆଁ ଜିଲ୍ଲାରେ ଘର କାନ୍ଥ ଭୁଶିଡିବା କାରଣରୁ ଜଣେ ମହିଳା ଓ ତାଙ୍କର ୭ ବର୍ଷର ପୁଅ ଜୀବନ ହରାଇଛନ୍ତି। ମା ଓ ପୁଅଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସା ଅବସରରେ ଦୁହେଁ ପ୍ରାଣ ହରାଇଛନ୍ତି। ସେହିପରି ରାଜନଗର ବ୍ଲକର ଦଣ୍ଡୁ ଗାଁରେ ୮ ଜଣ ଲୋକ ଆହତ ହୋଇଛନ୍ତି।

## ଜେଲ୍ ଗଲେ ସିଟି ହସପିଟାଲର କୋଟିପତି ବରିଷ୍ଠ ସହାୟକ

### ଆୟଠାରୁ ୨୦୧ ପ୍ରତିଶତ ଅଧିକ ସମ୍ପତ୍ତି

କଟକ, ୨୩।୮ (ସମିସ): କଟକ ସିଟି ହସ୍ପିଟାଲ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର କୋଟିପତି ସିନିଅର ଆସିଷ୍ଟାଣ୍ଟ (ବରିଷ୍ଠ ସହାୟକ) କିଶୋର କୁମାର ସାହାଣୀଙ୍କୁ ଆଜି ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଛି। ଗତକାଲି ଭିଜିଲାନ୍ସ ତାଙ୍କ ଘର, ଅଫିସ୍ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଥିଲା। ଆୟ ତୁଳନାରେ ଶ୍ରୀ ସାହାଣୀ ୨୦୧ ପ୍ରତିଶତ ଅଧିକ ସମ୍ପତ୍ତିର ଅଧିକାରୀ ବୋଲି ଭିଜିଲାନ୍ସ କହିଛି। ସରକାରୀ ଅର୍ଥ ତୋଷରପାତ ସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୁର୍ନୀତି ନିବାରଣ ସଂଶୋଧିତ ଆଇନ-୨୦୧୮ର ଧାରା ୧୩(୨)/୧୩(୧)ରେ ଭିଜିଲାନ୍ସ ଶ୍ରୀ ସାହାଣୀଙ୍କ ସମେତ ତାଙ୍କ ପତ୍ନୀଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ୧.୨୪ କୋଟି ଟଙ୍କାର ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ଦିନ ତାଙ୍କର ଅଫିସ, ବାସଭବନ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଶ୍ରୀ ସାହାଣୀଙ୍କ ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା। ଶ୍ରୀ ସାହାଣୀ ଓ ତାଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ୧୯ଟି ମୂଲ୍ୟବାନ୍ ପ୍ଲଟ୍, ୩ ମହଲା ବିଶିଷ୍ଟ କୋଠା, ନଗଦ ୩ଲକ୍ଷ ୩୦ହଜାର ୮୦୦ଟଙ୍କା, ୧୩୫ ଗ୍ରାମ୍ ଓଜନର ସୁନା ଗହଣା ସହ ଗୋଟିଏ କାର୍ ଓ ୩ଟି ବାଇକ ମିଳିଥିଲା ।

## ବନ କର୍ମଚାରୀଙ୍କୁ ଆକ୍ରମଣ କରି ଶିକାରୀକୁ ଖସାଇନେଲେ

ବାରିପଦା, ୨୩।୮ (ସମିସ): ବନବିଭାଗ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ବନ କର୍ମଚାରୀଙ୍କୁ ଆକ୍ରମଣ କରି ଶିକାରୀକୁ ଖସାଇନେଲେ ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଧୀନ ଦୁମାସାହି ଜଳଡିହା ଗ୍ରାମରେ ଏହି ଘଟଣା ଘଟିଛି। ୪୦ରୁ ୫୦ ପୁରୁଷ ଓ ମହିଳା ଏକଜୁଟ୍ ହୋଇ ବନ ବିଭାଗର ବଲେରୋକୁ ଭଙ୍ଗାରୁଜା କରିବା ସହ ବନ କର୍ମଚାରୀଙ୍କୁ ଆକ୍ରମଣ କରି ଜଣେ ଅଭିଯୁକ୍ତକୁ ଖସାଇ ନେଇଛନ୍ତି। ଗ୍ରାମବାସୀଙ୍କ ଆକ୍ରମଣରେ ଜଣେ ମହିଳା ବନରକ୍ଷୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ମହିଳାଜଣଙ୍କ ହେଲେ, ଶ୍ୟାମସୁନ୍ଦର ବିଟ୍ ହାଉସର ବନରକ୍ଷୀ ମୀନାକ୍ଷୀ ମଞ୍ଜରୀ ସାହୁ। ତାଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତ ୧୫ ତାରିଖ ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲେ ହେଁ ଆଜି ପଦାକୁ ଆସିଛି। ଏନେଇ ପୁଲିସ୍ ନମ୍ବର ୨୩୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କିନ୍ତୁ ଏଯାଏ ଫେରାର୍ ଶିକାରୀକୁ ଗିରଫ କରିପାରିନାହିଁ।

- ଆକ୍ରମଣରେ ମହିଳା ବନରକ୍ଷୀ ଗୁରୁତର
- ଭାଙ୍ଗିଦେଲେ ବନ ବିଭାଗ ଗାଡ଼ି

ସୂଚନାନୁଯାୟୀ, ଗତବର୍ଷ ନଭେମ୍ବର ୧୧ରେ ଏକ କଲରାପତରିଆ ବାଘ ଚମଡ଼ା ଜବତ ଘଟଣାରେ ଦୁମାସାହି ଗ୍ରାମର କିଛି ଶିକାରୀ ଜଡ଼ିତ ଥିଲେ। ବନବିଭାଗ ପକ୍ଷରୁ ସେତେବେଳେ ମାମଲା ରୁଜୁ ହୋଇଥିଲା। ଘଟଣାରେ ଜଡ଼ିତ ଥିବା ଶିକାରୀ ସହ ୬ ଅଭିଯୁକ୍ତଙ୍କୁ ଧରିବା ପାଇଁ ବାରିପଦା ବନଖଣ୍ଡର ଅତିରିକ୍ତ ବନସଂରକ୍ଷକ ମେହେରବାନ ଅଲ୍ଲୀଙ୍କ ନେତୃତ୍ୱରେ ଗଠିତ ୨୦ଜଣିଆ ଟିମ୍ ଗତ ୧୫ତାରିଖ ବିଳମ୍ବିତ ରାତିରେ ଗାଁରେ ଚଢ଼ଉ କରିଥିଲେ। ଅଭିଯୁକ୍ତ ଭାଗୀରଥି ମାରାଣ୍ଡି ଓ ଟୋପା ସୋରେନଙ୍କୁ ସେମାନେ ଧରି ଆଣୁଥିବା ବେଳେ ଗ୍ରାମର ୪୦ରୁ ୫୦ ପୁରୁଷ ଓ ମହିଳା ଏକଜୁଟ ହୋଇ ବିରୋଧ କରିଥିଲେ। ଅଭିଯୁକ୍ତମାନଙ୍କୁ ଛାଡ଼ିଦେବା ପାଇଁ ଗାଁ ଲୋକେ କହିବାରୁ ବନ କର୍ମଚାରୀଙ୍କ ସହ ସେମାନଙ୍କର କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଗ୍ରାମବାସୀ ବନକର୍ମଚାରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରି ଟୋପା ସୋରେନକୁ ଖସାଇ ନେଇଥିଲେ। ଏହାସହ ବନବିଭାଗର ବଲେରୋ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏଥିରେ ଶ୍ୟାମସୁନ୍ଦର ବିଟ୍ ହାଉସର ମହିଳା ବନରକ୍ଷୀ ମୀନାକ୍ଷୀ ମଞ୍ଜରୀ ସାହୁ ଗୁରୁତର ଆହତ ହୋଇଥିଲେ। ଘଟଣାର ପରଦିନ ବାଙ୍ଗିରିପୋଷି ରେଞ୍ଜ ଅଧିକାରୀ ମହେଶ୍ୱର ସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

■ ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

## ୪ ଅଭିଯୁକ୍ତଙ୍କ ଜାମିନ ଖାରଜ

କଟକ, ୨୩।୮ (ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିବା ସନାତନ ବିଶୋୟୀ ଓ ରାମଜୀ ପ୍ରସାଦ ଗୁପ୍ତା, ଜୟନ୍ତ ରାଉତ ଓ ବିଜୟ କୁମାର ମିଶ୍ରଙ୍କ ଜାମିନ ଆବେଦନ ଖାରଜ ହୋଇଛି। କଟକ ତୃତୀୟ ଅତିରିକ୍ତ ଦୌରାଜଜ୍ ଅଦାଲତ ଅଭିଯୁକ୍ତମାନଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଖାରଜ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଟକ ଜେଏମ୍‌ଏଫସି-୩ ଅଦାଲତରେ ଜାମିନ ଖାରଜ ହେବା ପରେ ଦୁଇ ଅଭିଯୁକ୍ତମାନେ ଦୌରା ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଉପ-ସଭାପତି ଡକ୍ଟର ନୀହାର ରଞ୍ଜନ ମହାନ୍ତି ଓ ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣାଙ୍କ ଜାମିନ ଆବେଦନର ଶୁଣାଣି ଅସନ୍ତା ସପ୍ତାହକୁ ଧାର୍ଯ୍ୟ କରାଯାଇଛି।

## ବୋଟ୍‌ରୁ ମାଛ କାଢୁକାଢୁ ଚାଲିଗଲା ୨ ଜୀବନ

ବାଲେଶ୍ୱର, ୨୩।୮ (ସମିସ): ବୋଟ ମଧ୍ୟରେ ବରଫରେ ଥିବା ମାଛକୁ କାଢୁଥିବା ବେଳେ ଦୁଇଜଣ ମତ୍ସ୍ୟଜୀବୀଙ୍କ ଆଜି ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଏଭଳି ଅଘଟଣ ଘଟିଛି, ବାଲେଶ୍ୱର ଜିଲ୍ଲା ବଳରାମଗଡି ମେରାଇନ ଥାନା ଅର୍ନ୍ତଗତ ବଳରାମଗଡିରେ। ମୃତକଦ୍ୱୟ ହେଲେ, ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳର ମଧୁସୂଦନ ମଲିକ ଏବଂ ସନ୍ତୋଷ ମଲିକ। ୮/୧୦ ଦିନ ତଳେ ବଳରାମଗଡ଼ିରୁ ନାଗେଶ୍ୱରୀ ବୋଟ୍ ସମୁଦ୍ରକୁ ମାଛ ମାରିବାକୁ ଯାଇଥିଲା। ଶନିବାର ଉକ୍ତ ବୋଟ୍‌ଟି କୂଳକୁ ଫେରିଥିଲା। ସମୁଦ୍ରରୁ ଯାହା ମାଛ ମରାଯାଇଥିଲା, ତାହା ବୋଟ ମଧ୍ୟରେ ବରଫ ଦେଇ ରଖାଯାଇଥିଲା। କୂଳକୁ ଫେରିବା ପରେ ମଧୁସୂଦନ ଏବଂ ସନ୍ତୋଷ ବରଫ ମଧ୍ୟରୁ ମାଛ କାଢୁଥିଲେ। ଏହି ସମୟରେ ଉଭୟ ଶ୍ୱାସରୁଦ୍ଧ ହୋଇ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ବଳରାମଗଡ଼ି ଥାନାଧିକାରୀ ନରେନ୍ଦ୍ର ପାଳ କହିଛନ୍ତି ଯେ ମାଛ ଗ୍ୟାସ୍‌ରେ ସେମାନଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।

### ୧୩ ଦିନରେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ

# ସମାଧାନ ପରିବର୍ତ୍ତେ ବିଜେଡି ଉପରେ ଦୋଷ ଲଦିଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୩।୮ (ସମିସ): ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଶନିବାର ୧୩ ଦିନରେ ପହଞ୍ଚିଛି। ଏଥିଯୋଗୁଁ ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଲୋକମାନେ ରାଜସ୍ୱ କାର୍ଯ୍ୟ ପାଇଁ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ସରକାର ଆନ୍ଦୋଳନରତ କର୍ମଚାରୀଙ୍କ ସହ ଏଯାଏ ଆଲୋଚନା କରୁନାହାନ୍ତି। ସଂଘର କର୍ମକର୍ତ୍ତାଙ୍କୁ ଡାକି ଆନ୍ଦୋଳନ ଏବଂ ଅସନ୍ତୋଷକୁ ପ୍ରଶମିତ କରିବା ପରିବର୍ତ୍ତେ ଶନିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆନ୍ଦୋଳନ ପାଇଁ ବିଜେଡିକୁ ଦାୟୀ କରିଛନ୍ତି। ଖାଲି ସେତିକି ନୁହେଁ, ସଂଘକୁ ଚେତାବନୀ ବି ଦେଇଛନ୍ତି। ସୋମବାର ସୁଦ୍ଧା ଆନ୍ଦୋଳନରୁ ନ ଓହରିଲେ ସରକାରଙ୍କ ପାଖରେ ଥିବା ବହୁ ବଡ଼ବଡ଼ ଅସ୍ତ୍ର ସେମାନେ ଦେଖିବେ ବୋଲି କହିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ଏହି ବୟାନକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବିଜେଡି ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଛି। ରାଜସ୍ୱ ଅମଲା ସଂଘ ମଧ୍ୟ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ରଖିଛି। ସଂଘ କହିଛି, ଆମେ ସରକାରୀ କର୍ମଚାରୀ। କୌଣସି ରାଜନୈତିକ ଦଳର ନେତା, କର୍ମୀ ନୋହୁଁ। ସରକାରଙ୍କ ଚେତାବନୀରେ ସଂଘ ଡରିଯିବ ନାହିଁ। ତେଣୁ, ସରକାର ଆମକୁ ଡାକି ଆଲୋଚନା କରନ୍ତୁ ବୋଲି ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ବର୍ତ୍ତମାନ ମଧ୍ୟ ରାଜ୍ୟରେ ବିଜେଡି ସରକାର ଚାଲୁଛି ବୋଲି କିଛି ଲୋକ ଭାବୁଛନ୍ତି। ସେମାନେ କେଉଁ କେଉଁ ନେତାଙ୍କ ପାଖକୁ ଯାଉଛନ୍ତି, ସେ ରିପୋର୍ଟ ମଧ୍ୟ ମୋ ପାଖରେ ଅଛି। ଏଯାବତ୍ କ୍ଷମତାରୁ ବାହାରି ଯାଇଥିବା ନେଇ ସେମାନଙ୍କର ହଜମ ହେଉନାହିଁ। ମୁଁ ପୁରା ବିଜେଡିକୁ କାଠଗଡ଼ାରେ ଠିଆ କରିବାକୁ ଚାହୁଁନାହିଁ। ମାତ୍ର ଯେଉଁମାନେ ବିଜେଡି ସରକାର ସମୟରେ ସମ୍ପୂର୍ଣ୍ଣ କ୍ଷମତା ଉପଭୋଗ କରୁଥିଲେ, ସେମାନଙ୍କର ଏହା ହଜମ ହେଉନାହିଁ। କେମିତି ସରକାର ପଳେଇବ, ତାଙ୍କ ସରକାର ପୁଣି ଆସିବ ଏବଂ ସେମାନେ ପୁନଃ କ୍ଷମତା ଉପଭୋଗ କରିବେ, ତାହା ସେମାନଙ୍କର ଲକ୍ଷ୍ୟ। ୮ ହଜାର ଅମଲାଙ୍କୁ ଆନ୍ଦୋଳନ କରାଇ ସେମାନେ କ'ଣ ସରକାରଙ୍କୁ ଅପଦସ୍ଥ କରାଇଦେବେ ବୋଲି ରାଜସ୍ୱ ମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

ସେ ଆହୁରି କହିଛନ୍ତି, ମୋର ମନେ ହେଉଥିଲା ଯେଉଁମାନେ ଅମଲା ସଂଘର ଦାୟିତ୍ୱରେ ଅଛନ୍ତି, ସେମାନେ ସଂଘର ବିକାଶ ଏବଂ ସମସ୍ୟାର ସମାଧାନ ଚାହୁଁଛନ୍ତି। ମାତ୍ର ପରେ ହୃଦ୍‌ବୋଧ ହେଲା ଯେ ଅନ୍ୟମାନଙ୍କ ଦ୍ୱାରା ପ୍ରେରିତ ହୋଇ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ପାଇଁ ସେମାନେ କେବଳ ଦାୟିତ୍ୱରେ ଅଛନ୍ତି। ସମସ୍ୟାର ସମାଧାନ କରିବା ସେମାନଙ୍କର ଆଦୌ ଉଦ୍ଦେଶ୍ୟ ନୁହେଁ। ମୋ ପାଖରେ ଏନେଇ ବିଭିନ୍ନ ମହଲରୁ ତଥ୍ୟ ହସ୍ତଗତ ହୋଇଛି। ଅମଲାମାନଙ୍କୁ ଢାଲ କରି ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ସେମାନଙ୍କର ଲକ୍ଷ୍ୟ ବୋଲି ଶ୍ରୀ ପୂଜାରୀ ଅଭିଯୋଗ କରିଛନ୍ତି। ଅମଲା ସଂଘର ସମସ୍ତ ସଦସ୍ୟ, ସଦସ୍ୟା ରାଜସ୍ୱ ପରିବାରର। ପରିବାରର ମୁରବୀ ଭାବେ ସେମାନଙ୍କ ଯୁକ୍ତି, ଦାବି ଶୁଣିବା ମୋ ଦାୟିତ୍ୱ। ସେମାନେ ଆମ ପରିବାରର ଲୋକ ବୋଲି ଆମେ ଅସ୍ତ୍ର ବ୍ୟବହାର କରୁନାହୁଁ। ଯଦି ଆମେ ଭାବିବୁ ଯେ ଏମାନେ ସୁଧୁରିବେ ନାହିଁ, ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ମଙ୍ଗଳ ଚାହିଁବେ ନାହିଁ, ଅନ୍ୟ ଦଳ ଦ୍ୱାରା ପ୍ରେରିତ ହୋଇ ସରକାରଙ୍କୁ ଅପଦସ୍ଥ କରିବାକୁ ଚାହିଁବେ, ତାହେଲେ ରାଜସ୍ୱ ବିଭାଗ ପାଖରେ ବହୁ ଅସ୍ତ୍ର ଅଛି। ସେହି ଅସ୍ତ୍ରକୁ ସେମାନେ ସମ୍ଭାଳି ପାରିବେ ନାହିଁ। ତେଣୁ ସମସ୍ତେ କାର୍ଯ୍ୟରେ ଯୋଗ ଦିଅନ୍ତୁ ବୋଲି ରାଜସ୍ୱ ମନ୍ତ୍ରୀ ନିବେଦନ କରିଛନ୍ତି।

ଅପରପକ୍ଷେ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ଏ ନେଇ ସାମାଜିକ ଗଣମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ଅପାରଗତା ଯୋଗୁଁ ସମସ୍ୟାର ସମାଧାନ ହୋଇପାରୁନାହିଁ। ମାତ୍ର ନିଜ ଦୋଷକୁ ଲୁଚାଇବାକୁ ଯାଇ ସେ ବିଜେଡି ଆଡ଼କୁ ଇଙ୍ଗିତ କରୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି ସେ ମତପ୍ରକାଶ କରିଛନ୍ତି।

- ସୋମବାର କାର୍ଯ୍ୟରେ ଯୋଗ ନଦେଲେ ବଡ଼ ଅସ୍ତ୍ର ପ୍ରୟୋଗ ଚେତାବନୀ
- ରାଜସ୍ୱ ମନ୍ତ୍ରୀଙ୍କ ଅପାରଗତା ଯୋଗୁଁ ଅଚଳାବସ୍ଥା: ବିଜେଡି
- ମନ୍ତ୍ରୀଙ୍କ ବୟାନ ଦୁର୍ଭାଗ୍ୟପୂର୍ଣ୍ଣ ଓ ନିନ୍ଦନୀୟ
- ସରକାରଙ୍କ ଚେତାବନୀରେ ଡରିଯିବୁ ନାହିଁ: ସଂଘ

### ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀଙ୍କ ୬୧ତମ ଦୀକ୍ଷାନ୍ତ ସମାରୋହ

## ଅଗ୍ନିଶମ ବାହିନୀରେ ସାମିଲ ହେଲେ ୯୧୧ ଅଗ୍ନିଯୋଦ୍ଧା



- ଡିସେମ୍ବର ସୁଦ୍ଧା ୩୦୦ ପଦବୀ ପୂରଣ ହେବ: ମୁଖ୍ୟମନ୍ତ୍ରୀ
- ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଓଡ଼ିଶା ଅଗ୍ନିଶମ ବିଭାଗ

ଭୁବନେଶ୍ୱର, ୨୩।୮ (ସମିସ): ସାରା ଦେଶରେ ଓଡ଼ିଶା ଅଗ୍ନିଶମ ବିଭାଗ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କାର୍ଯ୍ୟଦକ୍ଷତା ଭିତ୍ତିରେ ଦେଶର ସର୍ବଶ୍ରେଷ୍ଠ ତିନି ଗୋଟି ରାଜ୍ୟ ମଧ୍ୟରେ ନିଜକୁ ସ୍ଥାନିତ କରିଛି। ଓଡ଼ିଶା ଅଗ୍ନିଶମ ବିଭାଗ ଏବଂ ଏହାର ଅଗ୍ନିଯୋଦ୍ଧାମାନେ ଦେଶରେ ସର୍ବଶ୍ରେଷ୍ଠ। ଭୁବନେଶ୍ୱର ବରମୁଣ୍ଡା ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ୬୧ତମ ଅଗ୍ନିଯୋଦ୍ଧା ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି। ସମାରୋହରେ ସମୁଦାୟ ୯୧୧ ଅଗ୍ନିଯୋଦ୍ଧା ପାସିଂଆଉଟ୍ ପରେଡ୍‌ରେ ଯୋଗଦେଇ ଆଜିଠାରୁ ଅଗ୍ନିଶମ ବାହିନୀରେ କାର୍ଯ୍ୟାରମ୍ଭ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ ବର୍ଷକ ମଧ୍ୟରେ ଅଗ୍ନିଶମ ବିଭାଗର ଖାଲିଥିବା ୯୧୧ ପଦବୀ ପୂରଣ ହୋଇଛି। ସେମାନେ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଆଉ ପ୍ରାୟ ୩୦୦ ପଦବୀ ଖାଲି ରହିଛି ଏବଂ ଏହାକୁ ଡିସେମ୍ବର ସୁଦ୍ଧା ପୂରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଗତ ଏକ ବର୍ଷ ମଧ୍ୟରେ ରାଜ୍ୟରେ ଥିବା ୩୪୬ଟି ଦମକଳ କେନ୍ଦ୍ର ପାଖାପାଖି ୫୦ ହଜାର କଲ୍ ଆଟେଣ୍ଡ କରିଛନ୍ତି। ୬୫୯୯ ମୂଲ୍ୟବାନ ଜୀବନ ବଞ୍ଚାଇଛନ୍ତି, ୧୭ ହଜାର ପ୍ରାଣୀଙ୍କୁ ଉଦ୍ଧାର କରିଛନ୍ତି। ଏ ସମସ୍ତ କାମ ସରକାରଙ୍କ ପାଇଁ ସୁନାମ ଆଣିଛି। ବର୍ତ୍ତମାନର ପରିବର୍ତ୍ତନଶୀଳ ପରିବେଶକୁ ନେଇ ଆମକୁ ଆହୁରି ସୁଦୃଢ଼ ହେବାକୁ ପଡ଼ିବ। ନୂଆନୂଆ ଜ୍ଞାନ କୌଶଳ ପ୍ରୟୋଗ ବିଷୟରେ ଆମକୁ ସଜାଗ ହେବାକୁ ପଡ଼ିବ ବୋଲି ସେ ନବନିଯୁକ୍ତ ଅଗ୍ନିଯୋଦ୍ଧାମାନଙ୍କୁ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ପୁଲିସ ଓ ଅଗ୍ନିଶମ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ।

■ ନ୍ୟାୟ ନ ମିଳିବାରୁ ଚରମ ନିଷ୍ପତ୍ତି

## ଏସ୍‌ପି ଅଫିସ୍ ସମ୍ମୁଖରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

ଢେଙ୍କାନାଳ, ୨୩।୮ (ସମିସ): ସଦର ଥାନା ଅନ୍ତର୍ଗତ ଅଙ୍କରାନ୍ତିପୁରର ଜଣେ ମହିଳା ଶନିବାର ଅପରାହ୍ଣରେ ଢେଙ୍କାନାଳ ଏସ୍‌ପି ଅଫିସ୍ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଥାନାରୁ ନ୍ୟାୟ ନ ମିଳିବାରୁ ସେ ଏପରି ଚରମ ନିଷ୍ପତ୍ତି ନେଇଥିବା କହିଛନ୍ତି। ମହିଳାଜଣଙ୍କ ନିଜ ଦେହରେ ପେଟ୍ରୋଲ ଢାଳିବାକୁ ଉଦ୍ୟମ କରୁଥିବା ବେଳେ ପାଖରେ ଥିବା ପୁଲିସ କର୍ମଚାରୀମାନେ ତାଙ୍କ ହାତରୁ ପେଟ୍ରୋଲ ବୋତଲ ଛଡ଼ାଇନେବା ସହ ମହିଳାଙ୍କୁ ରକ୍ଷା କରିଛନ୍ତି। ଫଳରେ ଏକ ବଡ଼ ଅଘଟଣ ଟଳି ଯାଇଛି। ଏସ୍‌ପି ଅଭିନବ ସୋନକର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅପରପକ୍ଷେ, ଏହି ଘଟଣାର ୪ ଘଣ୍ଟା ଭିତରେ ୨ଜଣ ସବ୍-ଇନ୍ସପେକ୍ଟର୍‌ଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ, ଟାଉନ ଥାନାର ସବ୍‌ଇନ୍ସପେକ୍ଟର (ଡିସିଓ) ଉତ୍କଳ ବିଜୟ ମହାନ୍ତି ଏବଂ ସଦର ଥାନା ସବ୍ ଇନ୍ସପେକ୍ଟର (ଡିସିଓ) ରୋଜାଲିନ ମିଞ୍ଜ୍। ମହିଳାଙ୍କ ଅଭିଯୋଗ ନରଖିଥିବାରୁ ଏସ୍.ପି ଅଭିନବ ସୋନକର ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

**୨ ସବ୍-ଇନ୍ସପେକ୍ଟର୍ ନିଲମ୍ବିତ**

ସୂଚନାନୁଯାୟୀ, ଅଙ୍କରାନ୍ତିପୁର ଗ୍ରାମର ଅମରନାଥ ଜେନା ଅନୁଗୋଳ ଜିଲ୍ଲାର ଲିଜା ସେଠୀ (୨୮)ଙ୍କୁ କୋର୍ଟରେ ବିବାହ କରିଥିଲେ। ବାହାଘର ପରେ ଲିଜାଙ୍କୁ ତାଙ୍କ ଦିଅର ସୁବାସ ନାଥ ଓ ଶାଶୂ ନିର୍ଯାତନା ଦେଉଥିଲେ। ଏ ସମ୍ପର୍କରେ ସେ ସଦର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। କିନ୍ତୁ ପୁଲିସ ତାଙ୍କୁ ନ୍ୟାୟ ଦେବା ତ ଦୂର କଥା, ଅଭିଯୋଗ ମଧ୍ୟ ଗ୍ରହଣ କରି ନ ଥିଲା। ଏଥିରେ ଅତିଷ୍ଠ ହୋଇ ସେ ଆତ୍ମାହୁତି ଉଦ୍ୟମ କରିଥିବା କହିଛନ୍ତି। ଅନ୍ୟପଟେ ଏସ୍‌ପି ସୋନକର ଘଟଣାକୁ ଗୁରୁତ୍ୱର ସହ ନେଇ ଲିଜାଙ୍କ ଅଭିଯୋଗର ତଦନ୍ତ କରିବାକୁ ସଦର ଏସ୍‌ଡିପିଓଙ୍କୁ ଦାୟିତ୍ୱ ଦେଇଛନ୍ତି। ପରେ ଲିଜାଙ୍କୁ ପୁଲିସ ବୁଝାସୁଝା କରି ଘରକୁ ପଠାଇଦେଇଛି।

## ପାହାଡ଼ ଖୋଲରେ ବୁଡ଼ିଗଲେ ଦୁଇ ଯୁବକ

### ଜଣେ ମୃତ; ଯୁବ ଇଞ୍ଜିନିୟର ନିଖୋଜ

ସୁକିନ୍ଦା, ୨୩।୮ (ସମିସ): ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅଞ୍ଚଳରେ ଥିବା ଏକ ପାହାଡ଼ ଖୋଲରେ ଗାଧୋଇବା ବେଳେ ପାଣିରେ ବୁଡ଼ି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନିଖୋଜ ହୋଇଯାଇଛନ୍ତି। ସୁକିନ୍ଦା ବ୍ଲକ୍ ବନ୍ଧଗାଁ ପଞ୍ଚାୟତ ଅଧୀନ ରାଙ୍କିଆ ଗ୍ରାମ ନିକଟ ମାଗାଗିରି ପାହାଡ଼ ନକଟରେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଲେମ୍ବୋ ପଞ୍ଚାୟତ ଅଧୀନ କାଞ୍ଚିଆପାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ପୁଅ ଶମ୍ଭୁ ପ୍ରଧାନ(୨୨)। ନିଖୋଜ ଯୁବକ ହେଲେ, କୋଇଲ ଗ୍ରାମ ମନମୋହନ ମହାନ୍ତଙ୍କ ପୁଅ ଇଂ.ମାନସ ମହାନ୍ତ(୨୩)।

ଶନିବାର ପୂର୍ବାହ୍ନରେ ଶମ୍ଭୁ, ମାନସ ଓ ଅନ୍ୟ ଜଣେ ସାଙ୍ଗ ରାଙ୍କିଆ ପାହାଡ଼ ନିକଟକୁ ଯାଇଥିଲେ। ସେଠାରେ ଥିବା ଏକ ପାହାଡ଼ ଖୋଲରେ ମାନସ ଓ ଶମ୍ଭୁ ଗାଧୋଉଥିବା ବେଳେ ଦୁହେଁ ହଠାତ୍ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ସହ ଥିବା ବୁଡୁରୁ ନାମକ ନାବାଳକ ଫୋନ୍ କରି ଗାଁ ଲୋକଙ୍କୁ ଖବର ଦେବା ପରେ ଘଟଣା ପଦାକୁ ଆସିଥିଲା। ଗାଁ ଲୋକଙ୍କଠାରୁ ସୂଚନା ପାଇ ସୁକିନ୍ଦା ଓ ଭୁବନ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ



ଦୀର୍ଘ ୬ ଘଣ୍ଟା ଧରି ଖୋଜାଖୋଜି କରିବା ପରେ ଶମ୍ଭୁର ମୃତଦେହ ଉଦ୍ଧାର କରିଥିଲେ। ମାନସ ଏବେ ବି ନିଖୋଜ ଥିବା ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଡୁଡୁମାରେ ଭାସିଗଲେ ୟୁ-ଟ୍ୟୁବର୍

ଲମତାପୁଟ, ୨୩।୮ (ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ୍‌ରେ ଥିବା ଡୁଡୁମା ଜଳପ୍ରପାତରେ ଭାସି ଜଣେ ୟୁଟ୍ୟୁବର୍ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକଜଣଙ୍କ ହେଲେ, ବ୍ରହ୍ମପୁରର ସାଗର ଟୁଡୁ। ସୂଚନାନୁଯାୟୀ, ସାଗର ଓ କଟକର ଅଭିଜିତ ବେହେରା ଡୁଡୁମା ଜଳପ୍ରପାତ ଭିତରକୁ ଯାଇ ଡ୍ରୋନ୍ ସାହାଯ୍ୟରେ ଭିଡିଓ ସୁଟିଂ କରୁଥିଲେ। ଏହି ସମୟରେ ମାଛକୁଣ୍ଡ ଡି-ଡ୍ୟାମର ଗେଟ୍ ଖୋଲିଥିଲା। ଫଳରେ ହଠାତ୍ ଜଳସ୍ତର ବଢ଼ିଯାଇଥିଲା। ପର୍ଯ୍ୟଟକ ପାଣି ମାଡ଼ି ଆସୁଥିବା ଦେଖି ପାଟି କରିବାରୁ ଅଭିଜତ ଜଳପ୍ରପାତ ମଧ୍ୟରୁ ବାହାରି ଆସିଥିଲେ। କିନ୍ତୁ ସାଗର ସ୍ରୋତରେ ଭାସିଯାଇ ଜଳପ୍ରପାତ ଉପରୁ ପ୍ରାୟ ୫୫୦ ଫୁଟ୍ ତଳକୁ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ମାଛକୁଣ୍ଡ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି। ଉଦ୍ଧାର କାର୍ଯ୍ୟ ପାଇଁ ଲମତାପୁଟ ଦମକଳବାହିନୀ ମଧ୍ୟ ପହଞ୍ଚିଥିବା ସୂଚନା ମିଳିଛି।

## ଶ୍ରୀମନ୍ଦିର ପରିସରରେ ହେବ ସ୍ତନ୍ୟପାନ ଗୃହ

ପୁରୀ, ୨୩।୮ (ସମିସ): ଛୋଟ ଶିଶୁଙ୍କୁ ନେଇ ଶ୍ରୀମନ୍ଦିରକୁ ଆସୁଥିବା ମା'ମାନେ କେଉଁ ଜାଗାରେ ପିଲାକୁ ସ୍ତନ୍ୟପାନ କରାଇବେ, ସେ ନେଇ ଚିନ୍ତାରେ ପଡୁଥିଲେ। ଲୋକଙ୍କ ଗହଳି ଭିତରେ ସେମାନେ ଅସହଜ ମନେ କରୁଥିଲେ। ଏଣିକି ମା'ମାନଙ୍କର ଏହି ଚିନ୍ତା ଦୂର ହେବ। ଶ୍ରୀମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ସ୍ତନ୍ୟପାନ ଗୃହ କରାଯିବାକୁ ଯୋଜନା କରିଛି ମନ୍ଦିର ପ୍ରଶାସନ। ଏହି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ଶ୍ରୀମନ୍ଦିର ପରିସରରେ ପ୍ରଶାସନର ଶାଖା କାର୍ଯ୍ୟାଳୟ ନିକଟରେ ଏହା କାର୍ଯ୍ୟକ୍ଷମ ହେବାକୁ ନିଷ୍ପତ୍ତି ହୋଇଛି। ସମ୍ପୃକ୍ତ ଗୃହରେ ଗୋପନୀୟତା, ପରିମଳ ଏବଂ ମା' ତଥା ଶିଶୁଙ୍କ ସ୍ୱାଚ୍ଛନ୍ଦ୍ୟ ଉପରେ ଦୃଷ୍ଟି ଦିଆଯିବ। ଏହି ଗୃହ ସକାଶେ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ମଧ୍ୟ ରହିବେ। ଦୀର୍ଘ ଦିନ ଧରି ଏ ନେଇ ଦାବି ହୋଇ ଆସୁଥିବା ବେଳେ ଭକ୍ତ ଶ୍ରଦ୍ଧାଳୁ ତଥା ବିଶେଷକରି ମହିଳାଙ୍କ ପ୍ରତି ଉତ୍ତରଦାୟିତ୍ୱ ନିର୍ବାହ ପାଇଁ ଏହି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ଅନ୍ୟପକ୍ଷରେ ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ହେବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

- ଗୃହରେ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ରହିବେ
- ଗୃହରେ ଗୋପନୀୟତା, ପରିମଳ ଉପରେ ଦୃଷ୍ଟି ଦିଆଯିବ

# ସୋୟାବିନ୍: ବ୍ୟବହାର ବଢୁଛି; ଉତ୍ପାଦନ ନାହିଁ

ଭୁବନେଶ୍ୱର, ୨୩।୮ (ସମିସ): ରାଜ୍ୟରେ ସୋୟାବିନର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଛି। ବିଶେଷକରି ନିରାମିଷାସୀମାନେ ଖାଦ୍ୟରେ ପୁଷ୍ଟିସାର (ପ୍ରୋଟିନ୍) ପରିମାଣ ପୂରଣ କରିବା ପାଇଁ ସୋୟାବିନ୍‌କୁ ବ୍ୟବହାର କରୁଛନ୍ତି। ତେଣୁ ସୋୟାବିନ୍ ଚାଷ ପାଇଁ ଚାଷୀଙ୍କ ଭିତରେ ଆଗ୍ରହ ବଢୁଛି। ମାତ୍ର ଆବଶ୍ୟକ ସରକାରୀ ପ୍ରୋତ୍ସାହନ ଓ ସଚେତନତା ନଥିବା ଯୋଗୁଁ ଆଗ୍ରହ ଥିବା ସତ୍ତ୍ୱେ ଚାଷୀମାନେ ଚାଷ କରିପାରୁନାହାନ୍ତି। ତେଣୁ, ରାଜ୍ୟର ଖାଉଟିମାନେ ସଂପୂର୍ଣ୍ଣ ଭାବେ ବାହାର ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ଛତିଶଗଡ଼ ଓ ମଧ୍ୟପ୍ରଦେଶରୁ ଆମଦାନୀ କରିବାକୁ ପଡୁଥିବା ବ୍ୟବସାୟୀମାନେ କହିଛନ୍ତି। କିନ୍ତୁ, ସରକାର ଏହା ଉପରେ ଦୃଷ୍ଟି ଦେଲେ, ଓଡ଼ିଶା ଜଳବାୟୁରେ ସୋୟାବିନ୍ ଚାଷ ହୋଇପାରିବ ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି।

ଭାରତର ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର ଓ ରାଜସ୍ଥାନରେ ଅଧିକ ସୋୟାବିନ ଚାଷ ହୋଇଥାଏ। ୨୦୧୧ରୁ ଓଡ଼ିଶାରେ ସୋୟବିନ ଚାଷ ପାଇଁ ସରକାରୀସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। ମାତ୍ର ସରକାରୀ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଚାଷ ଆରମ୍ଭ ହେଉ ହେଉ ବନ୍ଦ ହୋଇଗଲା। ନଚେତ ଅନ୍ୟ ରାଜ୍ୟରୁ ପ୍ରାୟ ୪୦ରୁ ୫୦କିସମର ବିହନ ଆଣି ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ କେବଳ ଏମ୍ଏସ୍ -୧୪୬୦, ଆର୍‌ଏସ୍‌ସି ୧୦-୪୬, ଆର୍‌ଏସ୍‌ସି ୧୧- ୦୭,



ଜେଏସ୍ ୨୦-୧୧୬, ଏନ୍‌ଆର୍‌ସି -୧୨୮ କିସମ ସୋୟାବିନ ବିହନ ଓଡ଼ିଶା ମାଟିରେ ଚାଷ ପାଇଁ ଉପଯୋଗୀ ବୋଲି ପରୀକ୍ଷାରୁ ଜଣାପଡ଼ିଥିଲା। ୨୦୧୧ ମସିହା ପରେ ସରକାରୀ ଭାବେ ସୋୟାବିନ ଚାଷ ଓଡ଼ିଶାରେ ହେଉ ନଥିବା ଯୋଗୁ ଅଧିକ ଗବେଷଣା ପାଇଁ ସୁଯୋଗ ମିଳିପାରୁନାହିଁ। ରାଜ୍ୟ ବାହାରରୁ ସୋୟାବିନ ଆମଦାନୀ ହେଉଥିଲେ ମଧ୍ୟ ସରକାରୀସ୍ତରରେ ଏନେଇ କୌଣସି ଉଦ୍ୟମ ହେଉନାହିଁ। ସୋୟାବିନରେ ପ୍ରାୟ ୨୦ ପ୍ରତିଶତ ତୈଳ ଅଂଶ ଥିବା ବେଳେ ୪୦ ପ୍ରତିଶତ ପ୍ରୋଟିନ୍ ଅଂଶ ରହିଛି। ଲୋକଙ୍କ ମଧ୍ୟରେ ସୋୟାବିନ ବଡି, ସୋୟାବିନ ତେଲ ଓ ସୋୟାବିନ ପନିରର ଆଦର ବୃଦ୍ଧି ପାଉଛି। ଓଡ଼ିଶାର ଏକ ଗବେଷଣା ଟିମ୍ ଛତିଶଗଡ଼ ଓ ମଧ୍ୟପ୍ରଦେଶ ଗସ୍ତରେ ଯାଇ ଅନୁଧ୍ୟାନ କରି ଆସିଥିଲେ। କିନ୍ତୁ ଏହାପରେ ମଧ୍ୟ ସରକାରୀସ୍ତରରେ କୌଣସି ଉଦ୍ୟମ ହେଉନଥିବା ଚାଷୀ ଅଭିଯୋଗ କରିଛନ୍ତି। ସୋୟାବିନ ଚାଷ ହେଉ ନଥିବା ଯୋଗୁଁ ଏହାର ଗବେଷଣା ମଧ୍ୟ ଆଣ୍ଠେଇବାରେ ଲାଗିଛି। ସୋୟାବିନ୍ ଚାଷ ପାଇଁ ନାତିଶୀତୋଷ୍ଣ ଜଳବାୟୁ ଉପଯୋଗୀ।

**ଚାଷୀଙ୍କ ଆଗ୍ରହ ଅଛି; ସହଯୋଗ ମିଳୁନି**

ଏ ସଂପର୍କରେ କୃଷି ଗବେଷକ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ସୋୟାବିନ ଚାଷରୁ ସୋୟା ବଡି, ସୋୟା କ୍ଷୀର, ସୋୟା ପନିର୍ ଭଳି ଜିନିଷ ଉତ୍ପାଦନ ହୋଇପାରିବ। ଏହା ଏକ ତୈଳବୀଜ ଫସଲ ଏବଂ ଏହା ଦେଶର ଅନେକ ରାଜ୍ୟରେ ଚାଷ କରାଯାଉଛି। ଭାରତ ପ୍ରତିବର୍ଷ ପ୍ରାୟ ୧୨ନିୟୁତ ଟନ୍ ସୋୟାବିନ୍ ଉତ୍ପାଦନ କରୁଛି। ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଝାଡ଼ଖଣ୍ଡ ରାଜ୍ୟରେ ବହୁ ପରିମାଣରେ ଚାଷ କରାଯାଉଛି। ସୋୟାବିନ୍ ବିହନ ଜୁନ୍ ମାସରୁ ବୁଣାଯାଏ। ବମ୍ପର୍ ଅମଳ ପାଇଁ କୃଷକମାନଙ୍କ ପାଇଁ ଏହାର ଉନ୍ନତ କିସମ ଏବଂ ବିହନ ବୁଣିବାର ସଠିକ୍ ପଦ୍ଧତି ବିଷୟରେ ଜ୍ଞାନ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବଜାରରେ ସୋୟାବିନ୍ ତେଲର ବହୁତ ଚାହିଦା ଅଛି। ଯେଉଁଥିପାଇଁ ଚାଷୀ ଏହି ଚାଷ କଲେ ଲାଭବାନ ହେବ। ଓଡ଼ିଶା ଚାଷୀମାନେ ଅନ୍ୟ ତୈଳବୀଜ ଫସଲ ଭଳି ସୋୟାବିନ୍ ଚାଷ ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି।

## ସପ୍ଲିମେଣ୍ଟାରୀ ପରୀକ୍ଷା ଖାତା ପୁନଃ ଯାଞ୍ଚ ଆବେଦନ ୨୫ରୁ

କଟକ, ୨୩।୮ (ସମିସ): ୨୦୨୫ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାର ଉଭୟ ଅବଜେକ୍ଟିଭ ଓ ସବଜେକ୍ଟିଭ ବିଷୟରେ ମାର୍କ ଯାଞ୍ଚ ଓ ପରୀକ୍ଷା ଖାତାର ସ୍କାନ କପି ପାଇବା ପାଇଁ ଅଫଲାଇନରେ ଆବେଦନ ଗ୍ରହଣ କରାଯିବ। ଆସନ୍ତା ୨୫ ତାରିଖରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ମାଧ୍ୟମିକ ଶିକ୍ଷା ପରିଷଦର ମୁଖ୍ୟ କାର୍ଯ୍ୟାଳୟରେ ଆବେଦନ କରିବାକୁ କୁହାଯାଇଛି। ଆବେଦନ କରିବା ପାଇଁ ଦରଖାସ୍ତ ଫର୍ମାଟ୍ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ ହୋଇଛି। ଏହାର ସଫ୍ଟକପି ଡାଉନଲୋଡ୍ କରି ନିର୍ଦ୍ଧାରିତ ଦେୟ ସହ ଆବେଦନ କରିପାରିବେ। ବୋର୍ଡ କର୍ତ୍ତୃପକ୍ଷ ଯାଞ୍ଚ ପ୍ରକ୍ରିୟାକୁ ସମାପ୍ତ କରି ସଂଶୋଧିତ ମାର୍କ ପ୍ରଦାନ କରିବେ ଏବଂ ଆବେଦନକାରୀମାନେ ବୋର୍ଡର ଉପରୋକ୍ତ ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ। ଏ ସମ୍ବନ୍ଧୀୟ ତଥ୍ୟ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯିବ। ସେହିଭଳି ଖାତାର ଅବିକଳ ନକଲ, ଆବେଦନକାରୀମାନଙ୍କୁ ଡାକ ମାଧ୍ୟମରେ ପ୍ରେରଣ କରାଯିବ।

ସକାଳ THE SAKALA



# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ଅନୁଗୋଳ,୨୩।୮ (ସମିସ): ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଶୁଣାଣି କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ, ସ୍ଥାନୀୟ ରାଣୀଗୁଡ଼ା ଗ୍ରାମର ରିପୁ ଓରଫ ରିପୁରାଜ ବିଶ୍ୱାଳ।

୨୦୨୧ ନଭେମ୍ବର ୧୬ରେ ଅନୁଗୋଳ ଥାନା ଅଞ୍ଚଳର ଜଣେ ନାବାଳିକା ଟିଉସନ ଯାଉଥିବା ସମୟରେ ରିପୁ ତାଙ୍କୁ ବାଟରୁ ଉଠାଇ ନେଇ ଦୁଷ୍କର୍ମ କରିଥିଲା। ଏ ସମ୍ପର୍କରେ କାହାକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। କିଛି ଦିନ ପରେ ସମ୍ପୃକ୍ତା ନାବାଳିକା ଗର୍ଭବତୀ ହେବାରୁ ରିପୁ ଜୋରଜବରଦସ୍ତ ଗର୍ଭନଷ୍ଟ ମଧ୍ୟ କରାଇଥିଲା। ଏ ସମ୍ପର୍କରେ ନାବାଳିକା ତାଙ୍କ ପରିବାରଲୋକଙ୍କୁ ଜଣାଇବା ପରେ ପରିବାରଲୋକେ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ରିପୁକୁ ଗିରଫ କରିଥିଲା। ଶନିବାର ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ୧୫ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ରିପୁକୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଦୀପ କୁମାର ଭୂତିଆ ଏହି ମାମଲା ପରିଚାଳନା କରୁଥିଲେ।

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ୩ ଅଟକ

ପାରାଦୀପ, ୨୩।୮ (ସମିସ): ଜଣେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ପାରାଦୀପ ଲକ୍ ଥାନା ପୁଲିସ୍ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ମୁତାବକ, ଲକ୍ ଥାନା ଅଞ୍ଚଳର ୯ ଜଣ ଛାତ୍ରୀ ପ୍ରତ୍ୟେକ ଦିନ ଟିଉସନ୍‌କୁ ଯାଇଥା'ନ୍ତି। ଛାତ୍ରୀଙ୍କ ଯିବା ଓ ଫେରିବା ସମୟରେ କିଛି ଯୁବକ ସେମାନଙ୍କୁ ଅଟକାଇବା ସହ ଅସଦାଚରଣ ଓ କମେଣ୍ଟ କରିଥା'ନ୍ତି। ଏ ସମ୍ପର୍କରେ ଛାତ୍ରୀମାନେ ଘରେ ଜଣାଇବା ସହ ଟିଉସନ ସାରଙ୍କୁ କହିଥିଲେ। ଗତକାଲି ସନ୍ଧ୍ୟାରେ ଛାତ୍ରୀମାନେ ଟିଉସନ୍ ଯିବା ସମୟରେ ତିନିଜଣ ଯୁବକ ପୁନର୍ବାର ସେମାନଙ୍କୁ ଅଟକାଇବା ସହିତ ପ୍ରାୟ ଅଧଘଣ୍ଟା କାଳ ଅଟକାଇ ଅସଦାଚରଣ ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏ ସମ୍ପର୍କରେ ଥାନାରେ ଏତଲା ଦେଲେ କିମ୍ବା କାହାକୁ କହିଲେ, ଏସିଡ୍ ପକାଇ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଜୀବନ ପ୍ରତି ବିପଦ ଥିବାରୁ ଉକ୍ତ ୯ଜଣ ନାବାଳିକା ଛାତ୍ରୀ ଗତରାତିରେ ଲକ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ୍ ତିନିଜଣ ଯୁବକଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିବା ସହିତ ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ସୂତ୍ରରୁ ଜଣାପଡିଛି। ୩ ଯୁବକଙ୍କ ବୟସ ଜାଣିବା ପାଇଁ ପୁଲିସ ପରିବାର ଲୋକଙ୍କୁ ଡକାଇ ତଦନ୍ତ ଆରମ୍ଭ କରିଛି।

# ଏସ୍‌ସିବିରୁ ଡିସଚାର୍ଜ ହେଲେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ

କଟକ,୨୩।୮ (ସମିସ): ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ପ୍ରିୟଙ୍କା ମାରାଣ୍ଡି ଆଜି ଏସ୍‌ସିବି ମେଡିକାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଅସ୍ତ୍ରୋପଚାର ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ଆଜି ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିବା ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋତିର୍ମୟ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଏସ୍‌ସିବିର ସର୍ଜରୀ ୱାର୍ଡରେ ସିଷ୍ଟ ଅସ୍ତ୍ରୋପଚାର କରିବା ପାଇଁ ସେ ଭର୍ତ୍ତି ହୋଇଥିଲେ। ଏହା ପରେ ୨୧ ତାରିଖ (ଗୁରୁବାର) ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ସର୍ଜନ ପ୍ରଫେସର ଡାକ୍ତର ଏଲ.ଭି ଗୌରୀଙ୍କ ନେତୃତ୍ୱରେ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ଜୟନ୍ତ ବିଶ୍ୱାଳଙ୍କ ସମେତ ଭେଷଜ, ସ୍ତ୍ରୀ ଓ ପ୍ରସୂତି ରୋଗ, ପଲ୍ମୋନାରୀ ମେଡିସିନ, ଆନେସ୍ଥେସିଆ, ଏଣ୍ଡୋକ୍ରାଇନୋଲୋଜି, କାର୍ଡିଓଲୋଜି ବିଭାଗର ୧୦ ଜଣିଆ ଡାକ୍ତରୀ ଟିମ୍ ଗଠନ କରାଯାଇ ତାଙ୍କର ଚିକିତ୍ସା କରାଯାଇଥିଲା। ୨୨ତାରିଖ ଶୁକ୍ରବାର ସ୍ୱାସ୍ଥ୍ୟ ସଚିବ ଏସ୍.ଆଶ୍ୱସ୍ତୀ ଏସ୍‌ସିବି ଗସ୍ତରେ ଆସି ରୋଗୀଙ୍କୁ ଭେଟିବା ସହ ପ୍ରିୟଙ୍କାଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

# ଧାଡ଼ି ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ରହିଛି: ଜିଲ୍ଲାପାଳ

ପୁରୀ,୨୩।୮ (ସମିସ): ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ସରିବା ପରେ ପ୍ରଥମ ବୈଠକରେ ନାଟମଣ୍ଡପରୁ ହୁଣ୍ଡି ସ୍ଥାନାନ୍ତରଣ କରାଯିବ। ଏହାପରେ ସେପ୍ଟେମ୍ବର ୧୫ରୁ ଧାଡ଼ି ଦର୍ଶନ ଆରମ୍ଭ ହେବ ବୋଲି ଶୁକ୍ରବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ। ତେବେ ଏହି ଧାଡ଼ି ଦର୍ଶନ ବ୍ୟବସ୍ଥା ନେଇ ଶନିବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ନାଟମଣ୍ଡପରେ ହୁଣ୍ଡି ସ୍ଥାନାନ୍ତର ପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ। ଆସନ୍ତା ସେପ୍ଟେମ୍ବର ୩ରୁ ୪ ମଧ୍ୟରେ ପରିଚାଳନା କମିଟି ଗଠନ ସମାପ୍ତ ହେବ। ଏହାପରେ କମିଟି ବୈଠକ ଅନୁଷ୍ଠିତ ହେବ। ଏଥିରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବା ନେଇ ବିସ୍ତୃତ ଭାବେ ଆଲୋଚନା ହେବ। ଏଥିସହ ନାଟମଣ୍ଡପରୁ ହୁଣ୍ଡି ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନିଆଯାଇ ସରକାରଙ୍କୁ ଅବଗତ କରାଯିବ। ଏହାପରେ ଧାଡ଼ି ଦର୍ଶନ ଆରମ୍ଭ ହେବ। ଏହି ବ୍ୟବସ୍ଥା ଆରମ୍ଭ ହେଲେ ଭକ୍ତମାନେ ସୁଗମ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଭିଡ଼କୁ ନିୟନ୍ତ୍ରଣ କରାଯାଇପାରିବ। ଦର୍ଶନାର୍ଥୀଙ୍କ ପାଇଁ ଏହା ସହଜ ହେବ ବୋଲି ସୂଚନା ଦେଇଥିଲେ ଆଇନ ମନ୍ତ୍ରୀ।

# ତିନି ମାସରେ ୧.୨୨ କୋଟି ଲାଭ କଲା ଓମ୍‌ଫେଡ୍

ଭୁବନେଶ୍ୱର, ୨୩।୮ (ସମିସ): ଗତବର୍ଷ ୧୦୨୮କୋଟି ଟଙ୍କାର କାରବାର କରି ପୂର୍ବର ସମସ୍ତ ରେର୍କଡକୁ ଭାଙ୍ଗିଥିବା ଓମଫେଡ୍ ଚଳିତ ବର୍ଷର ପ୍ରଥମ ତିନି ମାସ ଅର୍ଥାତ୍ ଏପ୍ରିଲ ୧ରୁ ଜୁନ୍ ୩୦ ତାରିଖ ମଧ୍ୟରେ ୧.୨୨ କୋଟି ଟଙ୍କାର ଲାଭ କରିଛି। ଏପ୍ରିଲ ୧ ତାରିଖରୁ ଚାଷୀଙ୍କୁ ବର୍ଦ୍ଧିତ ଦାମ ଦେଇଥିବା ବେଳେ ବର୍ଷର ପ୍ରଥମ ତିନିମାସରେ ଓମଫେଡ୍ ମୋଟ ୨୪୭ କୋଟି ଟଙ୍କାର କାରବାର କରିଛି। ନୂତନ ପଦକ୍ଷେପ, ମାର୍କେଟ ବିସ୍ତାର, ନୂଆ ନୂଆ ଉତ୍ପାଦ ଏବଂ ଚାଷୀଙ୍କୁ ପ୍ରୋତ୍ସାହନ ପ୍ରଦାନ ସହ ଦୁଗ୍ଧ ସଂଗ୍ରହ ବୃଦ୍ଧି କରିବା ଦ୍ୱାରା ଏହି ସଫଳତା ମିଳିଥିବା କୁହାଯାଇଛି। ଆସନ୍ତା ତିନୋଟି କ୍ୱାର୍ଟର୍ ବା ୯ ମାସ ମଧ୍ୟରେ ୯୦୦ କୋଟି ଟଙ୍କାର କାରବାର କରିବାକୁ ଲକ୍ଷ୍ୟ ରଖିଛି ଓମଫେଡ୍। ଏହି ସମୟ ମଧ୍ୟରେ ୧୦ କୋଟି ଟଙ୍କାରୁ ଅଧିକ ଲାଭ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛି।

## ଭାଲୁ ଆକ୍ରମଣରେ ଗୁରୁତର ଡାକ୍ତର ମୁଣ୍ଡା

# ଚିକିତ୍ସା ଅଧାରୁ ଏସ୍‌ସିବିରୁ ଡିସ୍‌ଚାର୍ଜ!

- ଅଭିଯୋଗ ପରେ ମିଳିଲା ପୁନଃ ଆଡ୍‌ମିସନ୍
- ମୁଣ୍ଡ, ବାମ ହାତ, ଜଙ୍ଘ, ଆଖିରେ ଗଭୀର କ୍ଷତ
- ପ୍ଲାଷ୍ଟିକସର୍ଜରୀ ୱାର୍ଡରେ ସୋମବାର ଅସ୍ତ୍ରୋପଚାର

କଟକ, ୨୩।୮ (ସମିସ): ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲ ଆସିଥିବା ଜଣେ ରୋଗୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଚିକିତ୍ସା ଅଧାରୁ ତାଙ୍କୁ ଏଠାରେ ଡିସ୍‌ଚାର୍ଜ ଅର୍ଡର୍ ଧରାଇ ଦିଆଗଲା। ଫଳରେ ଗୋଟିଏ ୱାର୍ଡରୁ ଚିକିତ୍ସା ସାରି ଆଉ ଗୋଟିଏ ୱାର୍ଡରେ ଭର୍ତ୍ତି ହେବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଲା। ଏତଦ୍‌ବ୍ୟତୀତ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଏହି ରୋଗୀଙ୍କୁ ଠିକ୍ ସମୟରେ କୌଣସି ଚିକିତ୍ସା ମିଳିନାହିଁ ବୋଲି ତାଙ୍କ ପରିବାରଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ କରିବା ପରେ ତାଙ୍କୁ ଆଜି ପ୍ଲାଷ୍ଟିକ୍ ସର୍ଜରୀ ୱାର୍ଡରେ ଭର୍ତ୍ତି କରାଯାଇଛି। ସୋମବାର ତାଙ୍କର ଅସ୍ତ୍ରୋପଚାର କରାଯିବ। ଘଟଣା ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ମିଳିଥିବା ସୂଚନା ମୁତାବକ, କେନ୍ଦୁଝରର ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଖେର୍ଦ୍ଦାପଡା ଗ୍ରାମର ଡାକ୍ତର ମୁଣ୍ଡା (୪୬) ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଗତ ୨୧ତାରିଖରେ ତାଙ୍କ ଗାଁକୁ ଏକ ଭାଲୁ ପଶି ଆସିଥିଲା। ପୂର୍ବାହ୍ନରେ ଏକ ଶିଶୁକନ୍ୟାକୁ ଭାଲୁ ଆକ୍ରମଣ କରିଥିଲା। ତେବେ ଦ୍ୱିପହରେ ଡାକ୍ତର ବିଲକୁ ଯାଇଥିବା ବେଳେ ଭାଲୁ ସାମ୍ନାରେ ପଡ଼ିଯାଇଥିଲେ। ତାଙ୍କ ସାନ ଭାଇ ସତ୍ୟସୁନ୍ଦର ମୁଣ୍ଡାଙ୍କ କହିବା ମୁତାବକ, ନିଜ ପ୍ରାଣ ବଞ୍ଚାଇବା ପାଇଁ ଡାକ୍ତର ଭାଲୁ ସହ ଲଢ଼େଇ କରିଥିଲେ। ହେଲେ ଡାକ୍ତରଙ୍କ ମୁଣ୍ଡ, ବାମ ଜଙ୍ଘ, ବାମହାତକୁ ଭାଲୁ କାମୁଡି କ୍ଷତବିକ୍ଷତ କରିଦେଇଛି। ଏପରିକି, ବାମ ଆଖିର ଡୋଳା ମଧ୍ୟ ବାହାରକୁ ଚାଲି ଆସିଥିଲା। ୨୧ ତାରିଖ ଦିନ ପ୍ରଥମେ ଡାକ୍ତରଙ୍କୁ କେନ୍ଦୁଝର ମେଡିକାଲକୁ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ ଏସ୍‌ସିବି ସ୍ଥାନାନ୍ତର କରାଯାଇଥିଲା। ସେଦିନ ବିଳମ୍ବିତ ରାତିରେ ଡାକ୍ତର କଟକରେ ପହଞ୍ଚିଥିଲେ। ଟ୍ରମା କାଜୁଆଲିଟିରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ବାହାରକୁ ଚାଲି ଆସିଥିବା ଆଖିର ଡୋଳାକୁ ନଷ୍ଟ ହେବାରୁ ରକ୍ଷା କରିବା ପାଇଁ ତାଙ୍କୁ ଚକ୍ଷୁ ବିଭାଗକୁ ପଠାଇ ଦିଆଯାଇଥିଲା। ତେବେ ସେଠାରେ ଚିକିତ୍ସା କରାଯିବା ପରେ ଅନ୍ୟ ବିଭାଗକୁ ଚିକିତ୍ସା ନିମନ୍ତେ ପଠାଇବା ବଦଳରେ ଡିସଚାର୍ଜ ଚିଠା ଧରାଇ ଦିଆଯାଇଥିଲା। ମୁଣ୍ଡ, ଜଙ୍ଘ, ହାତରେ ଗଭୀର ଆଘାତ ଥିବା ଯୋଗୁଁ ଅନ୍ୟ ବିଭାଗରେ ଡାକ୍ତରଙ୍କ ଚିକିତ୍ସା ଆବଶ୍ୟକ ଥିଲା। ହେଲେ ଡିସଚାର୍ଜ ଚିଠା ହୋଇଥିବା ଯୋଗୁଁ ଡାକ୍ତରଙ୍କୁ ଅନ୍ୟ ବିଭାଗରେ ଭର୍ତ୍ତି କରାଇ ଦିଆଯାଇ ନଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଡାକ୍ତରଙ୍କୁ ଧରି ତାଙ୍କ ପରିବାର ଲୋକେ ମେଡିକାଲର ଗୋଟିଏ ୱାର୍ଡରୁ ଅନ୍ୟ ୱାର୍ଡକୁ ଘୂରି ବୁଲିଥିଲେ। ଶେଷରେ ପରିବାରଲୋକଙ୍କ ଅଭିଯୋଗ ପରେ ଡାକ୍ତରଙ୍କୁ ପ୍ଲାଷ୍ଟିକସର୍ଜରୀ ବିଭାଗରେ ଭର୍ତ୍ତି କରାଯାଇଥିଲା।

# ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓଙ୍କୁ 'ବାବୁ ଗଙ୍ଗାଶରଣ ସିଂହ' ପୁରସ୍କାର



ଭୁବନେଶ୍ୱର,୨୩।୮ (ସମିସ): କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ ଡକ୍ଟର କେ. ଶ୍ରୀନିବାସରାଓଙ୍କୁ ଆଜି ବିହାର ସରକାରଙ୍କ ମନ୍ତ୍ରିମଣ୍ଡଳ ସଚିବାଳୟ (ରାଜଭାଷା) ବିଭାଗ ତରଫରୁ 'ବାବୁ ଗଙ୍ଗାଶରଣ ସିଂହ' ପୁରସ୍କାରରେ ସମ୍ମାନିତ କରାଯାଇଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପାଟନା ସଚିବାଳୟର ସମ୍ବାଦ ଭବନରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ହିନ୍ଦୀ ସେବା ସମ୍ମାନ ଏବଂ ପୁରସ୍କାର ଯୋଜନା ୨୦୨୩-୨୪ ବର୍ଗରେ ଡକ୍ଟର ରାଓଙ୍କୁ ଏହା ପ୍ରଦାନ କରାଯାଇଛି।

ବିଶିଷ୍ଟ ବିଦ୍ୱାନ ତଥା ପ୍ରଶାସକ ଡକ୍ଟର ରାଓ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଏବଂ ପିଏଚଡି ତଥା ଛତିଶଗଡ଼ର ସହିଦ ମହେନ୍ଦ୍ର କର୍ମା ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡି.ଲିଟ୍ ଡିଗ୍ରୀ ଲାଭ କରିଛନ୍ତି। ସେ ବହୁ ଅନ୍ତର୍ଜାତୀୟ ମଞ୍ଚରେ ଲେଖକଗୋଷ୍ଠୀଙ୍କ ପ୍ରତିନିଧିତ୍ୱ କରିବା ପୂର୍ବକ ୨୦ରୁ ଅଧିକ ଦେଶରେ ଆୟୋଜିତ ମହୋତ୍ସବରେ ଅଂଶଗ୍ରହଣ କରିଛନ୍ତି। ସେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଏବଂ ଜାତୀୟ ଅନୁଷ୍ଠାନର ସଦସ୍ୟ ଅଛନ୍ତି। ତାଙ୍କ ଦ୍ୱାରା ପ୍ରକାଶିତ ଉଲ୍ଲେଖଯୋଗ୍ୟ ପୁସ୍ତକଗୁଡ଼ିକ ହେଉଛି, ମିଥସ୍, ପ୍ଲେଜ ଏଣ୍ଡ ଗିରିଶ କର୍ଣ୍ଣାଡ, ଭାରତୀୟ ସାହିତ୍ୟ ଔର ସଂସ୍କୃତି, ଇଣ୍ଡିଆନ ଷ୍ଟୋରିଜ, ଭିତାସ୍ତା: ୟୁନାଇଟିଙ୍ଗ କଲଚର ଇତ୍ୟାଦି। ସେ ଦିଲ୍ଲୀ ତେଲୁଗୁ ଏକାଡେମୀ ପୁରସ୍କାର, କିନ୍ନରା ଉଗାଦି ପୁରସ୍କାର, ଭାରତୀୟ ବାଙ୍ମୟ ପୀଠ ପୁରସ୍କାର, ନଦୀ ସେବା ଟ୍ରଷ୍ଟର ସୃଜନ ଶିଖର ସମ୍ମାନ, ଦିଲ୍ଲୀ ହିନ୍ଦୀ ଏକାଡେମୀର ହିନ୍ଦୀ ସେବା ସମ୍ମାନ, ଜୀ ନ୍ୟୁଜର "ଶିକ୍ଷା କନକ୍ଲେଭ ୨୦୨୫"ରେ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ପାଇଁ ସ୍ୱତନ୍ତ୍ର ପୁରସ୍କାର, ଆନ୍ଧ୍ରପ୍ରଦେଶ ସରକାରଙ୍କ ସର୍ବୋଚ୍ଚ ନାଗରିକ ସମ୍ମାନ କଳାରତ୍ନ ପୁରସ୍କାର ଇତ୍ୟାଦି ବହୁ ପୁରସ୍କାର ଲାଭ କରିଛନ୍ତି। ବିଶ୍ୱର ସର୍ବବୃହତ୍ ସାହିତ୍ୟ ମହୋତ୍ସବ ଭାବେ ମାର୍ଚ୍ଚ ୨୦୨୪ରେ ଅନୁଷ୍ଠିତ ସାହିତ୍ୟ ଏକାଡେମୀର ସାହିତ୍ୟ ଉତ୍ସବ ପାଇଁ ଦୁବାଇର ଆଇନଷ୍ଟାଇନ୍ ୱାର୍ଲ୍ଡ ରେକର୍ଡସ୍ ଦ୍ୱାରା ବିଶ୍ୱ ରେକର୍ଡର ପ୍ରମାଣପତ୍ର ସେ ପାଇଛନ୍ତି।

# ସ୍ତ୍ରୀ, ପୁଅ ଆଖି ଆଗରେ ସମୁଦ୍ରରେ ଭାସିଗଲେ

ପୁରୀ,୨୩।୮ (ସମିସ): ପୁରୀ ସମୁଦ୍ରରେ ଅଘଟଣ। ଗାଧୋଇବାବେଳେ ବୁଡ଼ିଯାଇ ନିଖୋଜ ହୋଇଯାଇଛନ୍ତି ଜଣେ ପର୍ଯ୍ୟଟକ। ଚୈତନ୍ୟ ଛକ ବେଳାଭୂମି ସେକ୍ଟର ୯ରେ ସ୍ନାନ କରୁଥିବା ସମୟରେ ସ୍ତ୍ରୀ ଓ ପୁଅ ଆଖିଆଗରେ ଭାସି ଯାଇଛନ୍ତି ହାଇଦରାବାଦର ବିକାଶ ଚାନ୍ଦ। ଉଦ୍ଧାର କରିବା ପାଇଁ ସ୍ତ୍ରୀ ଓ ପୁଅ ଡାକ ପକାଇଥିଲେ। ସେଠାରେ ଉପସ୍ଥିତ ଲାଇଫଗାର୍ଡ ସମୁଦ୍ରକୁ ଯାଇ ଖୋଜାଖୋଜି କରିଥିଲେ। ପରେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପହଞ୍ଚି ଖୋଜାଖୋଜିରେ ଲାଗିଥିଲେ। ହେଲେ ବିକାଶଙ୍କର କୌଣସି ସୂଚନା ମିଳି ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବିକାଶ ତାଙ୍କ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ଶନିବାର ଚୈତନ୍ୟ ଛକ ନିକଟ ସମୁଦ୍ରରେ ସ୍ନାନ କରୁଥିବାବେଳେ ଏକ ବଡ଼ ଲହଡ଼ି ତାଙ୍କୁ ସମୁଦ୍ର ଭିତରକୁ ଟାଣି ନେଇଥିଲା।

# ସ୍ତ୍ରୀର ପ୍ରେମିକକୁ ଗୋଡ଼ାଇ ଗୋଡ଼ାଇ ହାଣିଲା

ଜଟଣୀ, ୨୩।୮ (ସମିସ): ବିଚ୍ ରାସ୍ତାରେ ସ୍ତ୍ରୀର ପ୍ରେମିକକୁ ଗୋଡ଼ାଇ ଗୋଡ଼ାଇ ହାଣିଲା ସ୍ୱାମୀ। ଜୀବନ ବିକଳରେ ପ୍ରେମିକଜଣଙ୍କ ଥାନା ଭିତରେ ପୁଲିସ୍‌ର ଶରଣ ପଶିଲେ। ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅଞ୍ଚଳରେ ଆଜି ଏପରି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନାନୁଯାୟୀ, ଜଟଣୀ ବାଛରା ଅଞ୍ଚଳର ଚନ୍ଦନ ନାଏକ ନାମକ ଜଣେ ଯୁବକ ଗଞ୍ଜାମ ଜିଲ୍ଲା ରମ୍ଭା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ପ୍ରେମ କରି ନିଜ ପାଖରେ ରଖିଥିଲେ। ମହିଳାଜଣଙ୍କ ୪ ବର୍ଷ ହେବ ନିଜ ସ୍ୱାମୀ ସୁଶାନ୍ତ ନାଏକଙ୍କୁ ଧୋକା ଦେଇ ଚନ୍ଦନ ସାଥିରେ ରହୁଥିଲେ। ସ୍ୱାମୀ ସୁଶାନ୍ତ ଏହା ଜାଣିବା ପରେ ବିଭିନ୍ନ ସମୟରେ ଜଟଣୀ ଆସି ଚନ୍ଦନଙ୍କୁ ଆକ୍ରମଣ କରିବାକୁ ଯୋଜନା କରିଥିଲେ। ଶନିବାର ସୁଯୋଗ ପାଇ ଦନି ଦ୍ୱିପହରେ ସୁଶାନ୍ତ ଜଟଣୀ ଥାନାଠାରୁ ମାତ୍ର ଅଳ୍ପ ଦୂରରେ ପୋଷ୍ଟ ଅଫିସ ଛକଠାରେ ଏକ ଚାପଡ଼ରେ ଚନ୍ଦନଙ୍କୁ ଗୋଡ଼ାଇ ଗୋଡ଼ାଇ ଚୋଟ ପକାଇଥିଲେ। ଜୀବନ ବିକଳରେ ଚନ୍ଦନ ଥାନା ଭିତରକୁ ପଶି ଯାଇଥିଲେ। ପଛେପଛେ ସୁଶାନ୍ତ ମଧ୍ୟ ଥାନା ଭିତରେ ପଶି ଯାଇଥିଲେ। ପୁଲିସ ସୁଶାନ୍ତଙ୍କୁ କାବୁ କରିବା ସହ ଗୁରୁତର ଚନ୍ଦନଙ୍କୁ ପ୍ରଥମେ ଜଟଣୀ ହସ୍ପିଟାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖା ହେବା ସୁଦ୍ଧା ଥାନାରେ ଏନେଇ କୌଣସି ଅଭିଯୋଗ ହୋଇନାହିଁ।

# ସ୍ପା' ଆଳରେ ସେକ୍ସ ରାକେଟ୍

**୯ ଯୁବତୀ ଉଦ୍ଧାର, ୪ ଗ୍ରାହକ ଅଟକ**

ପାରାଦୀପ, ୨୩।୮ (ସମିସ): ପାରାଦୀପରେ ବିଭିନ୍ନ ମସାଜ ସେଣ୍ଟର ଓ ସ୍ପା' ସେଣ୍ଟର୍ ଆଳରେ ଦେହ ବ୍ୟବସାୟ ଚାଲିଥିବା ନେଇ ପୁଲିସ ପାଖରେ ଅନେକ ଦିନରୁ ଖବର ଥିଲା। ଏ ନେଇ ସ୍ଥାନୀୟ ଲୋକେ ମଧ୍ୟ ବାରମ୍ବାର ଥାନାରେ ଅଭିଯୋଗ କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଆଜି ସନ୍ଧ୍ୟାରେ ତାରିଣୀଗଡ଼ାରେ ଥିବା ଗୋଲଡେନ୍ ସ୍ପା'ରେ ପାରାଦୀପ ଆଦର୍ଶ ଥାନାର ଏକ ଟିମ୍ ଚଢ଼ଉ କରିଥିଲା। ସେଠାରୁ ୯ ଜଣ ଯୁବତୀଙ୍କୁ ଉଦ୍ଧାର କରିବା ସହ ୪ ଜଣ ଗ୍ରାହକଙ୍କୁ ଥାନାକୁ ଆଣିଛି। ଯୁବକମାନେ ପାରାଦୀପର ଏକ କେନ୍ଦ୍ରୀୟ ସଂସ୍ଥାର କର୍ମଚାରୀ ବୋଲି ଜଣାଯାଇଛି। କିଛି ମାସ ତଳେ ଆଦର୍ଶ ଥାନା ପୁଲିସ ଏହି ସ୍ପା' ଉପରେ ଚଢ଼ଉ କରି କିଛି ଯୁବତୀ ଓ ଗ୍ରାହକଙ୍କୁ ଧରି ଛାଡ଼ିଦେଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ତେବେ ଏହି ସ୍ପା' ସେଣ୍ଟର୍‌ରେ ଏଭଳି ଅନୈତିକ କାରବାର ରୀତିମତ ଚାଲୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଥିରେ ପାରାଦୀପ ଅଞ୍ଚଳର କିଛି ଦଲାଲ ସାମିଲ ରହିଛନ୍ତି।

## ୧୭୫ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

# ରେଭେନ୍ସା କଲିଜିଏଟ୍ ସ୍କୁଲ 'ନେତୃତ୍ୱ' ତିଆରି କାରଖାନା: ଧର୍ମେନ୍ଦ୍ର




କଟକ, ୨୩।୮ (ସମିସ): ରେଭେନ୍ସା କଲିଜିଏଟ୍ ସ୍କୁଲ ଏକ 'ନେତୃତ୍ୱ' ତିଆରି କାରଖାନା। ଏହି ସ୍କୁଲ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭଳି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ତିଆରି କରିଛି, ଯେଉଁମାନେ ଆମର ରାଷ୍ଟ୍ରର ଗୌରବ ବଢ଼ାଇଛନ୍ତି। ସ୍କୁଲର ୧୭୫ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବକୁ ଉଦ୍‌ଘାଟନ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏହା କହିଛନ୍ତି। ମୁଖ୍ୟଅତିଥି ରୂପେ ଯୋଗଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ଭାବେ ଗଢ଼ି ତୋଳିବାରେ ଅଭିଭାବକ ଏବଂ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରେଭେନ୍ସା କଲିଜିଏଟ୍ ସ୍କୁଲ ରାଜ୍ୟର ଏକ ସର୍ବପୁରାତନ ଆଦର୍ଶ ଶିକ୍ଷାନିକେତନ। ଏହାର ଇତିହାସ ମହାନ। ଆଜି ମହାକାଶ ଅଭିଯାନ ଦିବସ ଅବସରରେ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

ସାଂସଦ ଭର୍ତ୍ତୃହରି ମହତାବ, ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ସାଂସଦ ରୁଦ୍ର ନାରାୟଣ ପାଣି, ବିଧାୟିକା ସୋଫିଆ ଫିରଦୋସ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଏବଂ ବିଦ୍ୟାଳୟର ଇତିହାସ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଚଳିତବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଏ-୧ ହାସଲ କରିଥିବା ୫ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ପୁରାତନ ଛାତ୍ରଛାତ୍ରୀମାନଙ୍କୁ 'କୃତବିଦ୍ୟ ସମ୍ମାନ'ରେ ୧୦ଜଣଙ୍କୁ ଏବଂ 'ବିଦ୍ୟାମିତ୍ର ସମ୍ମାନ'ରେ ୩ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଗତି ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ପୁରାତନ ଛାତ୍ର କମିଟିର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କିଶୋର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନନ୍ଦନ ମହାନ୍ତି, ସଂଘମିତ୍ରା ପଟ୍ଟନାୟକ, ପରେଶ୍ ମଲ୍ଲ, ଦିଲ୍ଲୀପ ଜେନା, ପୁଷ୍ପାଞ୍ଜଳି ବେହେରା, ଜ୍ଞାନରଞ୍ଜନ ଧଳ, କଳ୍ପନା ବ୍ରହ୍ମା ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଦେଇଥିଲେ। ପରେ, ଜାତୀୟ 'ମହାକାଶ ଦିବସ' ଅବସରରେ କଟକ ରେଭେନ୍ସା କଲିଜିଏଟ୍ ସ୍କୁଲ ପରିସରରେ ଆୟୋଜିତ 'ବିଜ୍ଞାନ ମେଳା'କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବୁଲି ଦେଖିବା ସହ ବୁଲିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଓ ପ୍ରଦର୍ଶିତ ଉପକରଣ ଦେଖି ପ୍ରଶଂସା କରିଥିଲେ। ପୁରାତନ ଛାତ୍ର ସଂସଦର ୱେବସାଇଟ୍ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ "ଶିକ୍ଷା ଜ୍ୟୋତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

## ସମୀକ୍ଷା ବୈଠକରେ ଅଧିକାରୀମାନଙ୍କୁ ରାଜ୍ୟପାଳଙ୍କ ପରାମର୍ଶ

# ଯୋଜନା କାର୍ଯ୍ୟାନ୍ୱୟନ ବେଳେ ସହାନୁଭୂତିଶୀଳ ହୁଅ



ଭୁବନେଶ୍ୱର,୨୩।୮ (ସମିସ): ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ବେଳେ ଅଧିକାରୀମାନେ ମାନବିକ ଓ ସହାନୁଭୂତିଶୀଳ ଆଭିମୁଖ୍ୟ ଗ୍ରହଣ କରନ୍ତୁ। ଶନିବାର ରାଜଭବନର ନ୍ୟୁ-ଅଭିଷେକ ହଲ୍‌ଠାରେ ବିଭିନ୍ନ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆଜି ଅଧିକାରୀମାନଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟପାଳ କହିଥିଲେ, ଜନଜାତିମାନଙ୍କ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉପରୋକ୍ତ ଯୋଜନା ସମ୍ପର୍କରେ ସେମାନଙ୍କୁ ସଚେତନ କରାଇପାରିଲେ ଯୋଜନାର ସୁଫଳ ମିଳିବ ଏବଂ ସେମାନେ ଉପକୃତ ହୋଇପାରିବେ। ତେଣୁ ସମ୍ପୃକ୍ତ ବିଭାଗ ତରଫରୁ ବିଭିନ୍ନ ଯୋଜନା ସମ୍ପର୍କରେ ପୁସ୍ତିକା ପ୍ରସ୍ତୁତ କରି ଜନସାଧାରଣଙ୍କୁ ବଣ୍ଟନ କରିବା ପାଇଁ ବିଭାଗୀୟ କମିଶନର ତଥା ଶାସନ ସଚିବଙ୍କୁ ପରାମର୍ଶ ଦେଇଥିଲେ। ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଯୋଜନା, ଫରେଷ୍ଟ ରାଇଟ୍ ଆକ୍ଟ-୨୦୦୬ର କାର୍ଯ୍ୟକାରିତା, ଜଙ୍ଗଲଜାତ ଦ୍ରବ୍ୟର ବିପଣନ ପାଇଁ ସର୍ବନିମ୍ନ ସହାୟତା ମୂଲ୍ୟ, ଧାରା-୨୭୫(୧), ପ୍ରଧାନମନ୍ତ୍ରୀ ଜନମନ ଯୋଜନା, ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଇତ୍ୟାଦି ଯୋଜନାର କାର୍ଯ୍ୟକାରିତା ଏବଂ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ରାଜ୍ୟପାଳ ସମୀକ୍ଷା କରିଥିଲେ। ଏହାସହ ଜଙ୍ଗଲ ଅଧିକାର ଆଇନ ଅଧୀନରେ ବିଭିନ୍ନ ଜିଲ୍ଲାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ବିଚାରାଧୀନ ଆବେଦନଗୁଡ଼ିକୁ ଆଗାମୀ ୯୦ ଦିନ ମଧ୍ୟରେ ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତି ଗ୍ରାମରେ ମୋବାଇଲ ନେଟୱାର୍କ ଉପଲବ୍ଧ କରାଇବା, ସୌରଶକ୍ତିର ବ୍ୟବହାର, ସିଏସଆର କାର୍ଯ୍ୟକ୍ରମ ସହଯୋଗରେ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍ ବ୍ୟବସ୍ଥା କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟର ବିଭିନ୍ନ ଜିଲ୍ଲାର ଡିଏଫଓ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା କଲ୍ୟାଣ ଅଧିକାରୀ ତଥା ବିଭିନ୍ନ ପ୍ରକଳ୍ପର ଅଧିକାରୀମାନେ ଯୋଗ ଦେଇଥିଲେ।

# ମହାପ୍ରଭୁଙ୍କୁ ଲାଗିହେଲା ସାତପୁରୀ ପିଠା



ପୁରୀ,୨୩।୮ (ସମିସ): ସପ୍ତପୁରୀ ଅମାବାସ୍ୟାରେ ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଲାଗି ହୋଇଛି ସାତପୁରୀ ପିଠା। ଅମାବାସ୍ୟା ଯୋଗୁଁ ନାରାୟଣ ସାଗର ବିଜେ କରିଛନ୍ତି। ଏଥିସହ ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳାରେ ବସ୍ତ୍ରହରଣ ନୀତି ମଧ୍ୟ ଅନୁଷ୍ଠିତ ହୋଇଛି।

ଅବକାଶ ନୀତି ସମ୍ପନ୍ନ ପରେ ତିନିବାଡ଼ରେ ବେଶ ବଢ଼ି ୬ ମୂର୍ତ୍ତି ଅଲଙ୍କାର ଲାଗି ହୋଇଥିଲେ। ସାତପୁରୀ ରୋଷରେ ରୋଷ ହୋମ ସମ୍ପନ୍ନ ହୋଇ ସେଠାରେ ସାତପୁରୀ ପିଠା ପ୍ରସ୍ତୁତ କରାଯାଇଥିଲା। ସକାଳ ଧୂପରେ ସାତପୁରୀ ଭୋଗ ଟାଟ ରୋଷରୁ ମହାପ୍ରଭୁଙ୍କ ନିକଟକୁ ଅଣାଯାଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ମଣୋହୀ କରିଥିଲେ। ଭିତର ଆଳତି ବଢ଼ିବା ପରେ ପୂଜପଣ୍ଡା, ମୁଦିରସ୍ତ ଏବଂ ପତିମହାପାତ୍ର ତିନିବାଡ଼ରେ ବନ୍ଦାପନା କରିଥିଲେ।

**ବସ୍ତ୍ରହରଣ ଲୀଳା**

ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ମଦନମୋହନ ସିଂହାସନ ଉପରକୁ ବିଜେ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ନାଟପା ମନ୍ଦିରରେ ପଡ଼ିଥିବା ଖଟ ଉପରକୁ ବିଜେ ହୋଇଥିଲେ। ସେଠାରେ ବସ୍ତ୍ରହରଣ ଲୀଳା ଅନୁଷ୍ଠିତ ହୋଇଥିଲା। ଦ୍ୱାପର ଯୁଗରେ ଗୋପପୁରରେ ଗୋପୀମାନେ ଗାଧୋଉଥିବାବେଳେ ତାଙ୍କ ବସ୍ତ୍ରକୁ ଶ୍ରୀକୃଷ୍ଣ ହରଣ କରି ନେଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହେଉଛି। ଏହି ନୀତି ସମ୍ପନ୍ନ ପରେ ଶୀତଳଭୋଗ ବନ୍ଦାପନା ହୋଇଥିଲା। ଏହାପରେ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ।

# କଟକ ସିଟି



## ହାର୍ଡୱେର୍ ଦୋକାନରୁ ୨ ଲକ୍ଷ ଟଙ୍କା ଲୁଟ୍

କଟକ,୨୩।୮ (ସମିସ): ବାଙ୍କି ଥାନା ଅନ୍ତର୍ଗତ ସିନେମା ହଲ ପାଖରେ ଥିବା ଏକ ହାର୍ଡୱେର ଦୋକାନରୁ ଦୁର୍ବୃତ୍ତମାନେ ୨ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ସେମାନେ ଦୋକାନର ମୁଖ୍ୟ ଫାଟକ ଭାଙ୍ଗି ଭିତରେ ଥିବା ବିଭିନ୍ନ ଆସବାପତ୍ର ଯଥା ଲାପଟପ୍‌କୁ ବାଡେଇ ଭାଙ୍ଗଥିଲେ। ଏହାପରେ ଦୋକାନ ମାଲିକଙ୍କୁ ବିଭିନ୍ନ ମାରଣା ଅସ୍ତ୍ର ଦେଖାଇ ଦୋକାନର ଟଙ୍କା ଡ୍ର'ରୁ ନଗଦ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ବାଙ୍କି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ବୀନିତ୍ କୁମାର ବଥ୍‌ୱାଲ୍ ହାର୍ଡୱେର୍ ଦୋକାନ କରିଛନ୍ତି। ଅପରାହ୍ନରେ ବାଙ୍କି ଅଞ୍ଚଳର ଜଣେ ଯୁବକ ଏବଂ ୨ଜଣ ଅଭିଯୁକ୍ତ ଆସି ଗାଳି ଦେବା ସହିତ ମାରଣାସ୍ତ୍ର ଦେଖାଇ ଦୋକାନରୁ ବାହାରିଯିବା ପାଇଁ କହିଥିଲେ। ଏହାପରେ ଦୋକାନ ଭିତରେ ପଶି ଦୋକାନ ଆସବାବପତ୍ର ବାଡେଇ ଭାଙ୍ଗିବା ସହ ଟଙ୍କା ଡ୍ର'ରୁ ନଗଦ ୨ଲକ୍ଷ ଟଙ୍କା ଲୁଟି ନେଇଥିଲେ।

## ଥମୁନି କଟକରେ ବୁଲା କୁକୁରଙ୍କ ଆତଙ୍କ

# କେବଳ ଅଭିଯୋଗ ଆଧାରରେ ବନ୍ଧ୍ୟାକରଣ

କଟକ,୨୩।୮ (ସମିସ):

କଟକ ମହାନଗର ଅଞ୍ଚଳରେ ବୁଲା କୁକୁରଙ୍କ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ପ୍ରତିଦିନ ବୁଲା କୁକୁରଙ୍କ ଆକ୍ରମଣରେ ଏକାଧିକ ଆହତ ହେଉଥିବା ବେଳେ ଏଥିପାଇଁ ଅନେକ ଦୁର୍ଘଟଣା ମଧ୍ୟ ଘଟୁଛି। ବୁଲା କୁକୁରଙ୍କ ବଂଶ ବୃଦ୍ଧି ନିୟନ୍ତ୍ରଣ କରିବା ପାଇଁ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଉଥିଲେ ମଧ୍ୟ ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଫଳରେ କଟକ ସହରରେ ବୁଲା କୁକୁର ବଂଶବୃଦ୍ଧିକୁ ଆଉ ନିୟନ୍ତ୍ରଣ କରିବାରେ ସିଏମସି ବିଫଳ ହୋଇଥିବା ଅଭିଯୋଗ ହୋଇଛି। କଟକ ମହାନଗର ନିଗମର ୫୯ଟି ୱାର୍ଡରେ ବୁଲା କୁକୁରଙ୍କ ସଂଖ୍ୟା ବ୍ୟାପକ ବୃଦ୍ଧି ପାଇ ପ୍ରାୟ ୧୫ହଜାର ହେବ ବୋଲି ଜଣାପଡିଛି। ଏହି ବୁଲା କୁକୁରଙ୍କ ଉପଦ୍ରବ ସମସ୍ୟାକୁ ନେଇ ହାଇକୋର୍ଟ ମଧ୍ୟ ଅତୀତରେ ଗଭୀର ଅସନ୍ତୋଷ



ପ୍ରକାଶ କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଓ କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଅନୁସାରେ ବୁଲାକୁକୁରଙ୍କ ବନ୍ଧ୍ୟାକରଣ ପାଇଁ ଆନିମଲ ବାର୍ଥ କଣ୍ଟ୍ରୋଲ ଅଫ ଇଣ୍ଡିଆର ଏନଓସି(ନୋ ଅବଜେକ୍ସନ ସାର୍ଟିଫିକେଟ) ଆବଶ୍ୟକ ପଡିଥିଲା। ଏହି ପ୍ରତିବନ୍ଧକ ଦୀର୍ଘ ୧୦ମାସ ପରେ ଦୂର ହୋଇଥିଲା। ଅତୀତରେ ମଧ୍ୟ କଟକସ୍ଥିତ ଏନଏଲୟୁ (ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ)ରେ ମଧ୍ୟ ବୁଲା କୁକୁର ଉପଦ୍ରବ ନେଇ ଏକ ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ଏହି ମାମଲାର ଶୁଣାଣି କରି ୨୪ଘଣ୍ଟା ମଧ୍ୟରେ

### କୁକୁର ଧରିବା ପାଇଁ ୫୯ ୱାର୍ଡକୁ ମାତ୍ର ଗୋଟିଏ ଗାଡ଼ି

ଏନଏଲୟୁ କ୍ୟାମ୍ପସରୁ କୁକୁରଙ୍କୁ ସ୍ଥାନାନ୍ତର ପାଇଁ ସିଏମସିକୁ ନିର୍ଦ୍ଦେଶ ଦେଇଥିଲେ ଅଦାଲତ। ଗତ ୨୦୨୪ମାର୍ଚ୍ଚ ୧୯ରୁ ସିଏମସି ପକ୍ଷରୁ ଏହି ଏନଓସି ପାଇଁ ଆବେଦନ କରାଯାଇଥିଲା। ଏନଓସି ମିଳିବା ବିଳମ୍ବ ପାଇଁ ଦିନାକେତେ ବୁଲା କୁକୁର ବନ୍ଧ୍ୟାକରଣ ପ୍ରଭାବିତ ହୋଇଥିଲା। ଏବେ ଏହା ଚାଲୁ ରହିଥିବା ଜଣାପଡିଛି। ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଡା. ଅରୁଣ ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ ଆନିମଲ ବାର୍ଥ କଣ୍ଟ୍ରୋଲ(ଏବିସି) କାର୍ଯ୍ୟକ୍ରମ ଅଧୀନରେ ସାର୍ତ୍ତୋଳଠାରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଅପରେସନ କରାଯାଉଛି। ମହାନଗର ନିଗମ କେବଳ ଅଭିଯୋଗ ପାଇଲା ପରେ ହିଁ ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରାଉଥିବା ସେ କହିଛନ୍ତି।

ଅନ୍ୟପଟରେ ସିଏମସି ପକ୍ଷରୁ ନିଜ ଆଡୁ ଏହି ଅପରେସନ କରାଯାଉ ନଥିବାରୁ ଏମାନଙ୍କ ସଂଖ୍ୟା ନିୟନ୍ତ୍ରଣ ହୋଇପାରୁନଥିବା ଜଣାପଡିଛି। ମିଳିଥିବା ସୂଚନାନୁସାରେ, ସାର୍ତ୍ତୋଳସ୍ଥିତ ଏବିସି ୟୁନିଟଠାରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ଡାକ୍ତରୀ ସରଞ୍ଜାମ ରହିଛି। ହେଲେ ବୁଲା କୁକୁରଙ୍କୁ ଧରିବା ପାଇଁ ସିଏମସିର ମାତ୍ର ଗୋଟିଏ ଗାଡି ରହିଛି। ମହାନଗର ନିଗମର ୫୯ଟି ୱାର୍ଡରୁ ନିୟମିତ ଅଭିଯୋଗ ଅନୁସାରେ ବୁଲା କୁକୁରଙ୍କୁ ଧରି ବନ୍ଧ୍ୟାକରଣ ଅପରେସନ କରିବାରେ ମଧ୍ୟ ସମସ୍ୟା ଦେଖାଦେଇଛି।


## ଜୁଆ ଆଡ୍ଡାରେ ଚଢ଼ଉ; ୨ ଗିରଫ

### ନଗଦ ଟଙ୍କା ସହ ୪ଟି ଗାଡ଼ି ଓ ୨ ମୋବାଇଲ ଜବତ

ଟିଗିରିଆ,୨୩।୮ (ସମିସ): ଟିଗିରିଆ ଥାନା ଅନ୍ତର୍ଗତ ଭୁଡିଆଡିହ ଅଞ୍ଚଳରେ ଟିଗିରିଆ ପୁଲିସ ପକ୍ଷରୁ ଏକ ଜୁଆ ଆଡ୍ଡା ଉପରେ ଚଢଉ କରାଯାଇଛି। ସେଠାରୁ ନଗଦ ୨୧୩୫୦ ଟଙ୍କା ସହିତ ୩ଟି ମୋଟର ସାଇକଲ, ଗୋଟିଏ ସ୍କୁଟି, ୨ଟି ଦାମୀ ମୋବାଇଲ ଫୋନ ସହ ୨ ଜଣ ଜୁଆଡିଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରୁ ବିନ୍ଧାଣିମା ଗ୍ରାମର ନରେଶ ନାୟକ ଏବଂ ଢେଙ୍କାନାଳ ଜିଲ୍ଲା ଭାପୁର ଥାନା ଭାପୁର ଗ୍ରାମର ଲିଂଗରାଜ ବେହେରାଙ୍କୁ ଗିରଫ କରିଛି। ଟିଗିରିଆ ଥାନାରେ ଏକ ମାମଲା ରୁଜୁ ହେବା ସହ ଦୁଇ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

## କଳିଙ୍ଗ ଭାରତୀ ସଂସ୍କୃତି ସଂଗଠକ ସମ୍ମାନ ପାଇବେ ପତିତ ପାବନ ସ୍ୱାଇଁ ଓ ଚୌଧୁରୀ ଭାରତୀ କୃଷ୍ଣ

ବାଙ୍କି,୨୩।୮ (ସମିସ): ଓଡିଶୀ ସଙ୍ଗୀତ, ରିତିଯୁଗୀୟ ସାହିତ୍ୟ ଓ ପୌରାଣିକ ବୈଭବର ପ୍ରଚାର ପ୍ରସାର ଓ ସାଂଗଠନିକ ଅବଦାନ ପାଇଁ ଚଳିତ ବର୍ଷର ମର୍ଯ୍ୟାଦାପୂର୍ଣ୍ଣ କଳିଙ୍ଗ ଭାରତୀ ପୁରୁଷୋତ୍ତମ ପଟ୍ଟନାୟକ ସ୍ମାରକୀ "କଳିଙ୍ଗ ଭାରତୀ ସଂସ୍କୃତି ସଂଗଠକ ସମ୍ମାନ' ପାଇବା ପାଇଁ ମନୋନୀତ ହୋଇଛନ୍ତି। ପ୍ରାର୍ଥନା ଲାଇଭ ଚ୍ୟାନେଲର ମୁଖ୍ୟ ପତିତପାବନ ସ୍ୱାଇଁ ଓ ବିଶିଷ୍ଟ ସଙ୍ଗୀତ ଓ ନାଟ୍ୟ ବିଶାରଦ ଚୌଧୁରୀ ଭାରତୀ କୃଷ୍ଣ ଏହି ସମ୍ମାନ ପାଇବେ ବୋଲି କଳିଙ୍ଗ ଭାରତୀ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ଅଗଷ୍ଟ ୨୮ ତାରିଖ ସନ୍ଧ୍ୟା ୬ଟାରେ ଓଡ଼ିଶାର ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ କଳିଙ୍ଗ ଭାରତୀର ୫୫ତମ ଭଞ୍ଜ ମଣ୍ଡପ ପ୍ରତିଷ୍ଠା



ଦିବସ ପାଳନ ଅବସରରେ ମିଶନ ରୋଡସ୍ଥିତ ଭଞ୍ଜ ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଶ୍ରୀ ସ୍ୱାଇଁ ଓ ଭାରତୀ କୃଷ୍ଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ଅବସରରେ କଳିଙ୍ଗ ଭାରତୀର ସଭାପତି ଡାକ୍ତର ଶୈଳେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ "ଓଡିଶାର ଅସ୍ମିତା ରକ୍ଷାରେ ଭଞ୍ଜ ମଣ୍ଡପର ଅବଦାନ ବିଷୟରେ ଆଲୋଚନା ହେବ ବୋଲି କଳିଙ୍ଗ ଭାରତୀର ନିର୍ବାହୀ ସଭାପତି ତଥା ଭଞ୍ଜ ଗବେଷକ ପ୍ରଭାତ କୁମାର ନନ୍ଦ ସୂଚନା ଦେଇଛନ୍ତି।

## ସମନ୍ୱିତ ଧାନ କୀଟ ପରିଚାଳନା ପ୍ରଶିକ୍ଷଣ

କଟକ, ୨୩।୮ (ସମିସ): ଆଇସିଏଆର-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ଆଇସିଏଆର-ସିଆରଆରଆଇ), କଟକ ପକ୍ଷରୁ ଅନୁସୂଚିତ ଜାତି ଉପଯୋଜନା (ଏସସିଏସପି) ଅଧୀନରେ ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ାର ଚାଷୀଙ୍କ ପାଇଁ ୧୮ରୁ ୨୨ ଅଗଷ୍ଟ ପର୍ଯ୍ୟନ୍ତ 'ଧାନର ସମନ୍ୱିତ କୀଟ ପରିଚାଳନା' ଉପରେ ଏକ ପାଞ୍ଚଦିନିଆ ତାଲିମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଜି.ଏ.କେ. କୁମାର ଉଦଘାଟନ କରିଥିଲେ, ଫସଲ ସୁରକ୍ଷା ବିଭାଗର ମୁଖ୍ୟ ଏବଂ ପାଠ୍ୟକ୍ରମ ସଂଯୋଜକ ଡ. ଶ୍ୟାମରଞ୍ଜନ ଦାସ ମହାପାତ୍ର ତାଲିମର ରୂପରେଖ ଉପସ୍ଥାପନ କରିଥିଲେ। ପରିବେଶ ଅନୁକୂଳ କୀଟ ପରିଚାଳନାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏସସିଏସପିର ଅଧ୍ୟକ୍ଷ ଡ଼. ବି. ମଣ୍ଡଳ ଏହି ଯୋଜନାର ଲାଭ ଏବଂ ଅନୁସୂଚିତ ଜାତିର ଚାଷୀମାନଙ୍କ ପାଇଁ ଅନୁଷ୍ଠାନର ପଦକ୍ଷେପ ବିଷୟରେ କହିଥିଲେ। ଡ. ରୂପକ ଜେନା, ବୈଜ୍ଞାନିକ(ନେମାଟୋଲଜି) ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସହସଂଯୋଜକ ତାଲିମ କାର୍ଯ୍ୟକଳାପ ବିଷୟରେ ଆଲୋଚନା କରିଥିଲେ। ମୋଟ ୨୨ ଜଣ ଚାଷୀ ଓ ମହିଳାଚାଷୀ ଅଂଶଗ୍ରହଣ କରିଥିଲେ ଏବଂ ଡ୍ରୋନ ବ୍ୟବହାର କରି କୀଟ, ରୋଗ ଏବଂ ନେମାଟୋଡ୍ ପରିଚାଳନା, ସୁରକ୍ଷିତ କୀଟନାଶକ ପ୍ରୟୋଗ ଏବଂ ଜୈବ ନିୟନ୍ତ୍ରଣ ପଦ୍ଧତି ସମ୍ବନ୍ଧୀୟ ଜ୍ଞାନ ଲାଭ କଲେ ଏବଂ ବ୍ୟବହାର ବିଷୟରେ ଶିଖିଥିଲେ। ପରେ ଚାଷୀମାନଙ୍କୁ ପ୍ରମାଣପତ୍ର, ତାଲିମ କିଟ୍ ଏବଂ ଜୈବ ସାର ପ୍ରଦାନ କରାଯାଇଥିଲା।

## ରାଞ୍ଚିର ନିଖୋଜ ଯୁବକ କଟକରୁ ଉଦ୍ଧାର

### ଚୋର ସନ୍ଦେହରେ ଲୋକେ କାବୁ କରିଥିଲେ

କଟକ,୨୩।୮ (ସମିସ): ରାଞ୍ଚିରୁ ନିଖୋଜ ଥିବା ଜଣେ ମାନସିକ ରୋଗୀ ଯୁବକ କଟକରୁ ଉଦ୍ଧାର ହୋଇଛି। ଚୋର ସନ୍ଦେହରେ ଲୋକେ ଦୁର୍ଘଟଣାଗ୍ରସ୍ତ ଯୁବକକୁ କାବୁକରି ବାଦାମବାଡି ଥାନା ପୁଲିସ ଜିମା ଦେଇଥିଲେ। ପୁଲିସ ଉକ୍ତ ଯୁବକକୁ ନେଇ ମେଡିକାଲରେ ଚିକିତ୍ସା କରାଇବା ସହ ତାର ପରିବାର ଲୋକଙ୍କୁ ଜଣାଇଛି। ଗତକାଲି ରାତି ୯ଟାରେ ଝାଞ୍ଜିରୀମଙ୍ଗଳା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରେ ହଠାତ ଜଣେ ୨୭/୨୮ ବର୍ଷୀୟ ଯୁବକ ପଶିଯାଇଥିଲା। ଯୁବକ ଜଣକ ସିଡି ଦେଇ ଛାତକୁ ଯାଉଥିଲା ବେଳେ ହଠାତ ଖସି ପଡ଼ିଥିଲା। ଏଥିଯୋଗୁଁ ତାର ଡାହାଣ ହାତରେ ଗଭୀର ଆଘାତ ଲାଗିଥିଲା। ତଳେ ପଡିବାର ଶବ୍ଦ ଶୁଣି ପରିବାର ଲୋକେ ଆସି ଉକ୍ତ ଯୁବକକୁ ଦେଖି ଚୋର ଭାବି ଚିତ୍କାର କରିଥିଲେ। ସୂଚନା ପାଇ ବାଦାମବାଡି ଥାନା ପିସିଆର ସଂଗେ ସଂଗେ ସେଠାରେ ପହଞ୍ଚି ଯୁବକକୁ ନିଜ ହେଫାଜତକୁ ନେଇଥିଲା। ତୁରନ୍ତ ସିଟି ହସ୍ପିଟାଲ ନିଆଯାଇଥିଲା। ଏହି ସମୟରେ ଯନ୍ତ୍ରଣାରେ ଛଟପଟ ହେଉଥିବା ଯୁବକ କହୁଥିବା ଭାଷାକୁ ପୁଲିସ କର୍ମଚାରୀମାନେ ବୁଝିପାରି ନଥିଲେ। ଥାନାଧିକାରୀ ଅଜୟ ରାଉଳ ମେଡିକାଲରେ ପହଞ୍ଚି ତାକୁ ପଚରାଉଚରା କରିଥିଲେ। ହାବଭାବରୁ ସେ ମାନସିକ ବିକାରଗ୍ରସ୍ତ ଥିବା ଜଣାପଡ଼ିଥିଲା। ଥାନାଧିକାରୀ ଠିକଣା କିମ୍ବା ଫୋନ ନମ୍ବର ଲେଖିବା ପାଇଁ ତାକୁ ଏକ କାଗଜ ଓ କଲମ ଦେଇଥିଲେ। ସେଥିରେ ଯୁବକ ଜଣକ ବହୁ କଷ୍ଟରେ ଏକ ଫୋନ ନମ୍ବର ଲେଖିଥିଲା। ଉକ୍ତ ନମ୍ବରରେ ଯୋଗାଯୋଗ କରିବାରୁ ଝାଡଖଣ୍ଡ ରାଞ୍ଚିସ୍ଥିତ ତାର ପରିବାର ଲୋକେ କଲ୍ ରିସିଭ କରିଥିଲେ। ପରିବାର ଲୋକଙ୍କ କହିବାନୁସାରେ, ଯୁବକ ଜଣକ ସାମାନ୍ୟ ମାନସିକ ବିକାରଗ୍ରସ୍ତ। ରାଞ୍ଚିର ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ତାଙ୍କ ଘର। ଦେଢ ମାସ ତଳେ ଯୁବକ ଜଣକ ଘରୁ କେଉଁଆଡେ ପଳାଇଥିଲା। ଏନେଇ ସେମାନେ ସ୍ଥାନୀୟ ଥାନାରେ ଏତଲା ଦେଇଛନ୍ତି। ବାଦାମବାଡି ପୋଲିସ ଠାରୁ ସୂଚନା ପାଇବା ପରେ ପରିବାର ଲୋକଙ୍କୁ ଆଶ୍ୱସ୍ତି ମିଳିଛି। ଯୁବକର ଠିକଣା ଓ ପରିଚୟ ମିଳିବା ପରେ ତାକୁ ନେଇ ଏସସିବିର ଡେଷ୍ଟିଚ୍ୟୁଟ ୱାର୍ଡରେ ଭର୍ତ୍ତି କରାଯାଇଛି। ଶନିବାର ରାତି ସୁଦ୍ଧା ପରିବାର ଲୋକେ କଟକରେ ପହଞ୍ଚିବେ।

## କମଳାକାନ୍ତ ହାଇସ୍କୁଲର ହୀରକ ଜୟନ୍ତୀ ସମାରୋହ ଉଦ୍‌ଯାପିତ



କଟକ,୨୩।୮ (ସମିସ): ଶିଖରପୁର କମଳାକାନ୍ତ ହାଇସ୍କୁଲ ହୀରକ ଜୟନ୍ତୀ ସମାରୋହ ଆଜ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଆ ପିଲାମାନଙ୍କୁ ମଧୁ ବାବୁ ଜୟ ରାଜଗୁରୁ, ଧର୍ମପଦ, ବାଇମୁଣ୍ଡି, ବାଜିରାଉତଙ୍କ ଆଦର୍ଶରେ ଅନୁପ୍ରାଣିତ ହେବ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ରାଜ୍ୟର ୧୦୦ଟି ସ୍କୁଲକୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ କରାଯିବ ବୋଲି ଘୋଷଣା କରିଥିଲେ। ଏହାସହ କମଳାକାନ୍ତ ହାଇସ୍କୁଲକୁ ମଧ୍ୟ ଯୁକ୍ତଦୁଇ ପାଠ୍ୟକ୍ରମ ଯୋଜନାରେ ସାମିଲ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବି ବୋଲି ସେ କହିଥିଲେ। ଏଥିରେ ରାଜ୍ୟ ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, କଟକ ସାଂସଦ ଭର୍ତ୍ତୃହରି ମହତାବ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଓ କଟକ ସଦର ବିଧାୟକ ପ୍ରକାଶ ସେଠୀ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଶୁଭଦର୍ଶନୀ ନନ୍ଦ, ପୁରାତନ ଛାତ୍ର ସଂସଦ ସମ୍ପାଦକ ସୁବ୍ରତ ମହାନ୍ତି, ଏହି ପୁରାତନ ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇଥିଲେ। ସୁବାଶିଷ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ଶିଳାନ୍ୟାସ

କଟକ,୨୩।୮ (ସମିସ): ନୂଆପଡ଼ାଠାରେ କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କଟକ ଗସ୍ତ କରି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୫ ଏକର ଜମି ପରିମିତରେ କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ କରାଯିବ। ଆସନ୍ତା ୨ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୪୦ କୋଟି ଟଙ୍କା ବ୍ୟୟ ମଞ୍ଜୁର କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ନୂତନ କ୍ୟାମ୍ପସ ଶିଳାନ୍ୟାସ କରି କହିଲେ ଯେ ବର୍ତ୍ତମାନ କେନ୍ଦ୍ର ସରକାର ଜାତୀୟ ଶିକ୍ଷାନୀତି ପ୍ରଣୟନ କରିଛନ୍ତି। ଓଡ଼ିଶାରେ ମଧ୍ୟ ଜାତୀୟ ଶିକ୍ଷାନୀତିକୁ ପ୍ରଚଳନ କରାଯାଇଛି। ଜାତୀୟ ଶିକ୍ଷାନୀତି ମାତୃଭାଷା ଉପରେ ଗୁରୁତ୍ୱ ଦିଆଯାଇଛି। ଏଣିକି ଛାତ୍ରଛାତ୍ରୀମାନେ




ନିଜନିଜ ମାତୃଭାଷାରେ ପଠା ପଢିବେ। ଶିଳାନ୍ୟାସ ବେଳେ ସାଂସଦ ଭର୍ତ୍ତୃହରି ମହତାବ, ବିଧାୟକ ପ୍ରକାଶ ସେଠୀ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ସିନ୍ଦେ, ସିଏମସି. କମିଶନର କିରଣ ଦୀପ କୌର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସେପ୍ଟେମ୍ବର ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୨୩।୮ (ସମିସ): କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ ସେବା କମିଟି ପରିସରରେ ଆସନ୍ତା ସେପ୍ଟେମ୍ବର ୧୩ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମକଦ୍ଦମା ଯଥା ମୋଟରଯାନଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଲୋକ ଅଦାଲତରେ ମକଦ୍ଦମା ଓ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଅଟେ।




# କୋଲକାତା ବ୍ୟାଣ୍ଡରେ ଦୁଲୁକିବ ଭସାଣି

### ଜେମିନୀ କ୍ଲବ୍, ଆଲାମଚାନ୍ଦ ବଜାର/ବିନୋଦବିହାରୀ

କଟକ,୨୩।୮ (ସମିସ):

ପାର୍ବଣର ପ୍ରଥମ ପର୍ଯ୍ୟାୟ ଭାଦ୍ରବ ଶୁକ୍ଳ ଚତୁର୍ଥୀ ଦିନରେ ରୌପ୍ୟନଗରୀକୁ ଆସିବେ ଗଜାନନ। ପାର୍ବଣର ପହିଲି ଚିଟାଉ ଧରି ହଜାର ବର୍ଷର ସହରରେ ପୂଜା ପାଇବେ ଶ୍ରୀଗଣେଶ...ଦୁଲୁକିବ କଟକ। ବାଜା, ବାଣ ଓ ଆକର୍ଷଣୀୟ ଆଲୋକ ସଜ୍ଜାରେ ଝଲସି ଉଠିବ ମହାନଦୀବିହାରରୁ ମର୍କତନଗର। ମହାନଦୀ ଆଉ କାଠଯୋଡିର ହୃଦୟ ଚିରା ବକ୍ଷରେ ଏ ସହରରେ ଶୁଭିବ 'ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭଃ..ନିର୍ବିଘ୍ନ କୁରୁମେ ଦେବୋ, ସର୍ବକାର୍ଯ୍ୟେଷୁ ସର୍ବଦା'.. କଟକିଆ ବରାଦ ଦେଇ ନିର୍ଦ୍ଧୁମ୍ ପିଟିବେ ଶିଙ୍ଘ ବାଜା, ଦୁଲୁଦୁଲି, ମାଦଳ, ପଞ୍ଜାବୀ ବାଜା, ଘଣ୍ଟ ସାଂଗକୁ ବ୍ୟାଣ୍ଡ ବାଜା। ମୂର୍ତ୍ତି ଗଢ଼ା ଚାଲିଲାଣି। ପୂଜାର ପୂର୍ବପ୍ରସ୍ତୁତିର ଝଲକକୁ ନେଇ ଆରମ୍ଭ ବିଶେଷଃ ଉପସ୍ଥାପନା.... ଆସୁଛନ୍ତି ଗଜାନନ।

ଆଲାମ୍ ଚାନ୍ଦ ବଜାର ଏବଂ ବିନୋଦ ବିହାରୀ ବାଲୁ ବଜାର ଅଞ୍ଚଳରେ ଦୀର୍ଘ ୯୧ବର୍ଷ ପୁରୁଣା କ୍ଲବ୍ ହେଉଛି ଜେମିନୀ କ୍ଲବ୍। ଜେମିନୀ କ୍ଲବ୍ ପ୍ରତି ବର୍ଷ ଗଣେଷ ପୂଜା ଧୁମଧାମରେ ପାଳନ କରାଯାଏ।





କଟକ ସହରରେ ବୁଢ଼ା ଗଣେଶ ପୂଜା ପାଉଥିବା ମଣ୍ଡପ ମଧ୍ୟରେ ଜେମିନୀ କ୍ଲବ୍‌ର ସ୍ୱତନ୍ତ୍ରତା ରହିଆସିଛି। ବିଶେଷ ଭାବରେ ମାନସିକଧାରୀ ଏଠାରେ ପ୍ରତି ବର୍ଷ ଗଣେଶ ପୂଜା କରିଥାନ୍ତି। ଏହାବ୍ୟତୀତ ପୂଜାରେ ବୁନ୍ଦିଆ ଭୋଗ କରାଯାଏ। ଏହା ସାହିର ସମସ୍ତ ଘର ଏବଂ ଦୋକାନରେ ବୁନ୍ଦିଆଭୋଗ ବଣ୍ଟନ କରାଯାଏ। ଏହି ଅଞ୍ଚଳର ବୁଢା ଗଣେଶ ମାନ୍ୟତା ପାଉଥିବାରୁ ଦ୍ୱିତୀୟା ବାହନ ଓଷା ପାଳନ କରାଯାଏ। ତେବେ ଦ୍ୱିତୀୟା ଘାଣ୍ଟ ତିଥିରେ ଜେମିନୀ କ୍ଲବ୍ ପକ୍ଷରୁ ଘାଣ୍ଟ ପ୍ରସ୍ତୁତ ହୁଏ। ଯାହାକି ଗଣେଶଙ୍କ ପାଖରେ ଭୋଗ କରାଯାଏ। ଆଲାମ୍ ଚାନ୍ଦ ବଜାର, ବିନୋଦ ବିହାରୀ ବାଲୁ ବଜାର, ସାହିର ସମସ୍ତ ଘର ଘାଣ୍ଟ ବି ବଣ୍ଟନ କରାଯାଏ। ଘାଣ୍ଟ ଭୋଗ ପରେ ଗଣେଶ ବିସର୍ଜନ ହୁଅନ୍ତି। ବିନୋଦ ବିହାରୀ ବାଲୁ ବଜାର ସର୍ବପୁରାତନ ପରିବା ହାଟରେ ରହି ପୂଜା ପାଉଥିବାରୁ ସାହି ବାସିନ୍ଦା ପ୍ରଭୁ ଶ୍ରୀ ଗଣେଶଙ୍କୁ (ଜେମିନୀର ରାଜ) ଭାବେ ନାମ କରଣ କରିଥାନ୍ତି। ସାହିର ବରିଷ୍ଠ ମୁରବୀଙ୍କର ମତ ଅନୁସାରେ, ୧୯୩୪ରୁ ପ୍ରଥମ ଚାଳ ଛପର ଘର ଗଣେଶ ପୂଜା କରାଯାଉଥିଲା। ପରେ ପରେ ସାହି ଲୋକଙ୍କ ସହଯୋଗରେ ସ୍ଥାୟୀ ମଣ୍ଡପ କରାଯାଇଥିଲା। କମିଟିରେ ୧୨୦ଜଣ ସଦସ୍ୟମାନେ ଥିବା ବେଳେ ପୂଜା କାର୍ଯ୍ୟରେ ସମସ୍ତେ ସହଯୋଗ କରନ୍ତି। ଏ ବର୍ଷ ପୂଜା ପାଇଁ ୪ଲକ୍ଷଟଙ୍କା ବଜେଟ୍ ହୋଇଛି। ମଣ୍ଡପରେ ୧୨ଫୁଟ ଉଚ୍ଚର ଗଣେଶ ମୂର୍ତ୍ତି ପୂଜା ପାଇବେ। ମଣ୍ଡପ ନିକଟରେ ଲାଇଟ୍ ତୋରଣ ଶୋଭା ପାଇବ। ଏଥର କମିସନ୍ ରେଟ ପୁଲିସର ବାର୍ତ୍ତା ରକ୍ଷା କରି ଡିଜେ ମୁକ୍ତ ରୋଶଣି ଏବଂ ନିଶାମୁକ୍ତ ଭସାଣି କରିବାକୁ ଜେମିନୀ କ୍ଲବ ପକ୍ଷରୁ ପ୍ରତିଶ୍ରୁତିବଦ୍ଧ। ଏଥର ବହୁପ୍ରକାର ବାଜା ଲାଇଟ୍ ସହିତ ନୂଆ କରି ଓଡିଶା ବାହାରୁ ବେଙ୍ଗଲୁରୁ ବାଜା କଟକ ଗଣେଶ ଭସାଣିର ମୁଖ୍ୟ ଆକର୍ଷଣ ରହିବ। ଏହାସହ ବେଙ୍ଗଲ ଲୋକ ନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିବ ବୋଲି ଜେମିନୀ କ୍ଲବର ସଭାପତି ବିପିନ୍ ସିଂ ଓ ସମ୍ପାଦକ ନିତାଇ ରଏ କହିଛନ୍ତି।

## ମୋକିମ ଫାଉଣ୍ଡେସନ ପକ୍ଷରୁ 'ଅମୃତଧାରା'



କଟକ,୨୩।୮ (ସମିସ): ମୋକିମ ଫାଉଣ୍ଡେସନ ପକ୍ଷରୁ 'ଅମୃତଧାରା' ନାମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ସେଲଟର ଛକସ୍ଥିତ ବିଧାୟିକାଙ୍କ ଆବାସିକ କାର୍ଯ୍ୟାଳୟ, ମାଣିକଘୋଷ ବଜାରସ୍ଥିତ ମାରୱାଡି କ୍ଲବ, ସିଡିଏସ୍ଥିତ ଟାଇକୋଣ୍ଡା ଏକାଡେମୀଠାରେ ଏହି ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଧାୟିକା ସୋଫିଆ ଫିରଦୋସଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ଶିବିରରେ ମୋଟ ୨୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏଥିପାଇଁ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ସମସ୍ତ ରକ୍ତଦାତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏସସିବି ମେଡିକାଲ ବ୍ଲଡ ବ୍ୟାଙ୍କ ଅଧିକାରୀ ଓ ଟିମ ସଦସ୍ୟମାନଙ୍କର ନିଷ୍ଠାପର ସହଯୋଗ ପାଇଁ ଡାକ୍ତର ନୟିମା ତାର୍ଜନ ଧନ୍ୟବାଦ ଜଣାଇଥିଲେ। ଫାଉଣ୍ଡେସନର ଅନ୍ୟତମ ଟ୍ରଷ୍ଟି ସରାବର ହାସିବ ରକ୍ତଦାନ ପରି ଜନକଲ୍ୟାଣ କାର୍ଯ୍ୟକ୍ରମ ଫାଉଣ୍ଡେସନ ପକ୍ଷରୁ ଆଗାମୀ ଦିନରେ କରାଯିବ ବୋଲି କହିଥିଲେ। ଏଥିରେ ଗିରିବାଳା ବେହେରା, ନିକୁଞ୍ଜ ପସାୟତ, ଶରତଚନ୍ଦ୍ର ଶେଠୀ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଶୁବାଶିଷ ପଟ୍ଟନାୟକ, ଜେ କାମେଶ୍ୱର ରାଓ, ଲିଜା ରାଉତ, ଜନାର୍ଦ୍ଦନ ପରିଡା, କଂଗ୍ରେସ ନେତା ଅଜିତ ବେହେରା, ସୂର୍ଯ୍ୟକାନ୍ତ ରାଉତ, ଆର୍ଯ୍ୟବୀର ଲେଙ୍କା, ଜିତେନ୍ଦ୍ର ନାୟକ, ବିକି ଚକ୍ରବର୍ତ୍ତୀ, ଦିଲ୍ଲୀପ ମହାନ୍ତି, ସନ୍ତୋଷ ପାତ୍ର, ସୁରଜିତ ସାହୁ, ଦିଲ୍ଲୀପ ନାୟକ, ପ୍ରତାପ ପରିଡା, ଅଜୟ ଗୋଛାୟତ, ଗୁଲଜାର ଅହମ୍ମଦ, ସୁନୀଲ ପଣ୍ଡା, ଦେବେନ୍ଦ୍ର ପ୍ରସାଦ ଶେଠୀ, ମମତା ପଣ୍ଡା, ସେକ କରିମ, ସତ୍ୟଶ୍ରୀ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ମା' ବୁଢ଼ୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବରିଷ୍ଠ ନାଗରିକ ଦିବସ

କଟକ,୨୩।୮ (ସମିସ): ମା' ବୁଢ଼ୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଟରା ସାହିଠାରେ ସଭାପତି ହରି ନାରାୟଣ ବେବର୍ତ୍ତାଙ୍କ ଅଧକ୍ଷତାରେ ହୋଇଯାଇଛି। ସଙ୍ଘର ଉପଦେଷ୍ଟା ପ୍ରଫେସର ଡାକ୍ତର ପ୍ରଫୁଲ୍ଲ କୁମାର ମହାପାତ୍ର, ରମାକାନ୍ତ ପ୍ରଧାନ, ପୂଣ୍ୟଶ୍ଳୋକ ଦାସ



ବକ୍ତବ୍ୟ ରଖିଥିଲା ବେଳେ ଅନୁଷ୍ଠାନର ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ରଙ୍କ ସହିତ ଅକ୍ଷୟ ସାହୁ, ମିହିର କର, ବରଦା ପ୍ରସାଦ ପଟ୍ଟନାୟକ, ନରେନ୍ଦ୍ର ଚୌଧୁରୀ, ରାଜୀବ ଲୋଚନ ଦାଶ, ପ୍ରଫୁଲ୍ଲ ଲେଙ୍କା, ଉମାକାନ୍ତ ସାହୁ, ଅଶୋକ ସେନାପତି, ରାଜୀବ ଲୋଚନ ଦାସ, ନରେନ୍ଦ୍ର ଚୌଧୁରୀ, ବୀରକିଶୋର ଜେନା, ବିଜୟ ବାରିକ, ରାଜକିଶୋର ବେହେରା, ପ୍ରଶାନ୍ତ ତ୍ରିପାଠୀ, ହରମୋହନ ସେଠୀ, ପ୍ରସନ ଲେଙ୍କା, ରାମଚନ୍ଦ୍ର ବାରିକ, ପ୍ରତାପ କିଶୋର ଦାସ, କାଶୀନାଥ ବେହେରା, ବିଷ୍ଣୁଚରଣ ସାହୁ, ଗୌରାଙ୍ଗ ବେହେରା ପ୍ରମୁଖ ଯୋଗ ଦେଇଥିଲେ।



# ଚିହ୍ନା ଅଚିହ୍ନା



ରମାକାନ୍ତ ସାମନ୍ତରାୟ

ଏବେ ଏତେ ଗହଳିରେ ମୁଁ ତାକୁ ଚିହ୍ନିବି ବା କେମିତି? ପୂରା ଶହେ ଚାଳିଶ କିଲୋମିଟର ମୁଁ ନବେ ସ୍ପିଡରେ ବାଇକ ଚଲେଇ ଆସିଛି । ଏବେ ପୁଣି ଠିକ୍ ସେତିକି ବାଟ ଫେରିବାକୁ ହେବ ।

ତା' ସହରକୁ ମୁଁ ଆଗରୁ ଆଦୌ ଆସିନଥିଲି । ତାକୁ ନଜଣେଇ ପ୍ରଥମକରି ଆସିଥିଲି ଯେ, ଏବେ ଜାଣ ଦେଖାନପାଇ ଫେରିଯିବାକୁ ହେବ ।

ତା'ର ମୋର ଆଗରୁ ଦେଖା ହୋଇନଥିଲା କି ତା' ଫଟୋ କେବେବି ମୁଁ ଦେଖିନଥିଲି । ତାଆରି କଥାରୁ ଯେତିକି ଯାହା ତାକୁ ଜାଣିଥିଲି । ଫେସ୍‌ବୁକରୁ ଆମର ଚିହ୍ନା । ସେ ତା' ଫେସ୍‌ବୁକ୍‌ର ପ୍ରୋଫାଇଲ୍‌ରେ କେବଳ ଫୁଲଙ୍କ ଫଟୋ ଦେଉଥିଲା ଓ ମୁଁ ମୋ ପିଲାଦିନର ଫଟୋ ଗୋଟେ ଦେଇ ବଦଳାଇବାକୁ ଭୁଲି ଯାଇଥିଲି । ସେ ତା' ୱାଲ୍‌ରେ କେବଳ କୋଟେସନ୍ ସେୟାର୍ କରୁଥିଲା ଓ ମୁଁ କେବେବି କିଛି ପୋଷ୍ଟ କରୁନଥିଲି ।

ସେ ହିଁ ମୋତେ ପ୍ରଥମ କରି ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠେଇଥିଲା ଓ ଦିନେ ପୁଣି ମେସେଞ୍ଜରରେ ପ୍ରଥମ କରି ପିଙ୍ଗ୍ କରିଥିଲା । ଆମର ସତର ଜଣ ମ୍ୟୁଚୁଆଲ୍ ଫ୍ରେଣ୍ଡ ଥିଲେ । ମୋର କିନ୍ତୁ ପ୍ରଥମରୁ ସନ୍ଦେହ ଥିଲା ପ୍ରକୃତରେ ବବିତା ରାୟ ନାମରେ ଝିଅଟେ ସତରେ ଅଛି ନା ଏଇଟା ଗୋଟେ ଫେକ୍ ଆଇ.ଡି ।

ଧୀରେ ଧୀରେ ଆମ ଗପର ସମୟ ବଢ଼ିଥିଲା ଓ ଡେରୀ ରାତିରେ ତା' ସହ କଥା ହେବାକୁ ମୋତେ ଭଲ ଲାଗୁଥିଲା । ତାଆରି ସର୍ତ୍ତ ଥିଲା ଆମେ କେହି କାହାକୁ କେବେବି ଭେଟିବାନି କି କେହି କାହାକୁ କେବେବି କଲ୍ କରି କଥା ବି ହେବାନି । କେବଳ ମେସେଞ୍ଜର ଓ ହ୍ୱାଟସ୍ ଆପ୍‌ରେ ଚାଟିଂ କରିପାରିବା । ଆହାଃ ଏମିତି ଗୋଟେ ଅଜବ ପ୍ରେମ କାହାଣୀ ମୋଆରି ଭାଗ୍ୟରେ ଥିଲା ବୋଲି ମୁଁ କେବେବି ଭାବିନଥିଲି ।

ଆମେ ସକାଳ-ସଞ୍ଜ, ଦିନ-ରାତି ପ୍ରବଳ ଗପୁଥିଲୁ । ଆବୁରୁ ଜାବୁରୁ, ଇଆଡୁ ସିଆଡୁ । ସେ ବହୁ ସ୍ପିଡ୍‌ରେ ଲମ୍ବା ଲମ୍ବା ମେସେଜ୍ ଲେଖିପାରୁଥିଲା । ମୁଁ ପାରୁ ନଥିଲି । କେବେ କେବେ ସେ ଚାରିଦିନ ଗାୟବ ରହୁଥିଲା ତ କେବେ ପୁଣି ରାତି ସାଢ଼େ ତିନି ପର୍ଯ୍ୟନ୍ତ ଚାଟିଂ କରୁଥିଲା । ତଥାପି ମୁଁ ତା' ବିଷୟରେ ବେଶି କିଛି ଜାଣି ନଥିଲି । ତା' ସହର କଥା ମୁଁ ଜାଣିଥିଲି କିନ୍ତୁ ତା' ପରିବାର କଥା କିଛି ଜାଣିନଥିଲି । ତା'ର ପସନ୍ଦ ଅପସନ୍ଦ ଜାଣିଥିଲି କିନ୍ତୁ ତା' ରୂପ ଦେଖିନଥିଲି କି ତା' ସ୍ୱର ଶୁଣିନଥିଲି । ସେ ମୋର ବ୍ୟକ୍ତିଗତ କଥା କେବେବି ପଚାରୁନଥିଲା ବୋଲି ମୁଁ ବି ପଚାରିପାରୁନଥିଲି । ଧୀରେ ଧୀରେ ମୁଁ ଜାଣି ସାରିଥିଲି ତା' ସହ କୋଉ ବିଷୟରେ କଥା ହେବି ଓ କୋଉ ବିଷୟରେ ହେବିନି । ମୁଁ ତାକୁ ଗେହ୍ଲାରେ ବିଲେଇ ଡାକୁଥିଲି ତ ସେ ଗେହ୍ଲାରେ ମୋତେ ମେଘ ଡାକୁଥିଲା । ମୁଁ କେବେ କେବେ ତା'ର ସବୁ କଥାକୁ ମିଛ ଭାବୁଥିଲି ତ କେବେ ଶହେରୁ ଶହେ ସତ ଭାବୁଥିଲି । ତା' ବିଷୟରେ ମୋର କୌଣସି ସାଙ୍ଗସାଥି କିଛି ବି ଜାଣିନଥିଲେ । ସେ ମୋର ଏକାନ୍ତ ବ୍ୟକ୍ତିଗତ ବ୍ୟାପାର ଥିଲା । କିନ୍ତୁ ତା'ର ଗୋଟେ ପୁଅ ସାଙ୍ଗ ମୋ ବିଷୟରେ ଜାଣିଛି ବୋଲି ସେ କହୁଥିଲା ।

ମଝିରେ ମଝିରେ କେବଳ ଥରୁଟେ ହେଉ ପଛେ ଦେଖା କରିବାକୁ ମୁଁ ଢେର ଜିଦି କରୁଥିଲି । ସେ କିନ୍ତୁ ଏଡ଼େଇ ଯାଉଥିଲା । ମୁଁ ରାଗି ରୁଷି କେଇଦିନ ତାକୁ ବ୍ଲକ୍ କରୁଥିଲି ଅବା ତା' ମେସେଜ୍‌ର ଉତ୍ତର ଦେଉନଥିଲି । ସେ ବି ବେଶୀ କିଛି ବୁଝଉନଥିଲା ମୋତେ ।

ଜାଣିଥିଲି ତାଙ୍କ ସହରର ଟାଉନ୍ ହଲ୍ ପାଖରେ ଗୋଟେ ପାର୍କ ଅଛି ଓ ଜାଣିଥିଲି ସବୁ ରବିବାର ସନ୍ଧ୍ୟାରେ ସେ ସେଇଠିକି ଯାଏ । ଦିନେ ଶନିବାର ରାତିରେ ମୁଁ ଲେଖିଲି କାଲି ତ ଛୁଟି... ଯିବି କି? ସେ ହଁ କି ନା କିଛି କହିଲାନି । ସବୁଥର ପରି କେବଳ ସ୍ମାଇଲି ଇମୋଜି ଗୋଟେ ପଠେଇ ମୋ କଥାକୁ ଏଡ଼େଇ ଗଲା ।

ମୁଁ ଚିଡ଼ିକି ରାଗିଗଲି ଓ ଭାବିଲି ଏଥର ନିଶ୍ଚୟ ଯିବି । ରବିବାର ସନ୍ଧ୍ୟାରେ ତାକୁ ତା' ସହରରେ ଯାଇଁ ଭେଟିବି ।

ମୁଁ ତା' ସହରର ଟାଉନହଲ୍ ପାଖ ପାର୍କରେ ପହଞ୍ଚି ଦେଖିଲି ସେଠି ରବିବାରିଆ ପ୍ରବଳ ଗହଳି । ଅନେକ ଝିଅ-ପୁଅ, ବୁଢ଼ା-ବୁଢ଼ୀ ଓ ସାନ ସାନ ପିଲା ଓ ସେମାନଙ୍କ ବାପା ମା । କୋଉଠି ହଳି ହଳି ହୋଇ ପ୍ରେମୀ ଯୁଗଳ ବସିଛନ୍ତି ତ କୋଉଠି ପଲେ ପଲେ ପୁଅ ଝିଅ ଅଲଗା ଖଟି କରୁଛନ୍ତି । ଏତେ ଗହଳିରେ ବବିତା ରାୟକୁ ଏବେ ମୁଁ ଚିହ୍ନିବି କେମିତି? ହ୍ୱାଟସ୍ ଆପ୍ ଖୋଲିଲି । ତା' ଲାଷ୍ଟ ସିନ୍ ସକାଳ ଦଶଟା ପନ୍ଦର ଦେଖଉଛି । ମୋର ଛଅଟା ମେସେଜ ଅନ୍‌ସିନ୍ ହୋଇ ପଡ଼ିଛି । ତଥାପି ମୁଁ ଲେଖିଲି 'ବିଲେଇ ମୁଁ ଏବେ ତୋ ସହରରେ ।' ତାପରେ ପୂରା ପାର୍କ ଆଖି ପକେଇଲି ତନୁପାତଳୀ ସାବନୀ ଝିଅଟେ କୋଉଠି ବସିଛି କି? ମୁଁ ତାକୁ ମୋ' ମନରେ ଯେମିତିକା ଭାବିଥିଲି ସେମିତିକା ଅନେକ ଝିଅ ପାର୍କରେ ଥିଲେ । ମନା ଥିଲେ ବି ତା' ନମ୍ବରରେ କଲ୍ କଲି । ଫୋନ୍ ତା'ର ସୁଇଚ୍ ଅଫ୍ ।

ଚାରି ଆଡ଼କୁ ଚାହିଁଲି କେହି ଜଣେ ବି ମୋ ଆଡ଼କୁ ଆଡ଼ ଆଖିରେ ଚାହୁଁ ନାହାଁନ୍ତି । ସମସ୍ତେ ଯେଝା ବାଟରେ ବ୍ୟସ୍ତ । ଛଅ ଥର ପାର୍କର ଏମୁଣ୍ଡ ସେମୁଣ୍ଡ ଦରାଣ୍ଡିଲା ପରେ ମୁଁ ଅସହାୟ ହୋଇ ଶେଷରେ ବାହାରକୁ ବାହାରି ଆସିଲି । ବାଇକ୍ ଉପରେ ବସି ସିଗାରେଟ୍ ଲଗେଇଲି ଓ ଗୋଟେ ଲମ୍ବା ମେସେଜ୍ ଟାଇପ୍ କଲି । ପାର୍କ ବାହାରେ ଚାର୍ଟ ଓ ଗୁପ୍‌ଚୁପ୍ ବାଲାଙ୍କ ଠେଲା । ପାର୍କରୁ ବାହାରି ଚାର୍ଟ ଓ ଗୁପ୍‌ଚୁପ୍ ଖାଉଥିବା ପୁଅ ଝିଅଙ୍କୁ ଦେଖିଲି ଓ ବାଇକ୍ ଷ୍ଟାର୍ଟ କଲି । ସଞ୍ଜ ଗଡ଼ି ରାତି ହେଇସାରିଥିଲା । ଏବେ ମୋତେ ଶହେ ଚାଳିଶ କିଲୋମିଟର ଏକା ଏକା ଫେରିବାକୁ ହେବ ।

ଘରେ ପହଞ୍ଚିଲା ବେଳକୁ ରାତି ଗୋଟେ ପନ୍ଦର । ପେଟରେ ଆଉ ଭୋକ ନଥିଲା । କେମିତି ଗୋଟେ ବିରକ୍ତିକର ଫାଙ୍କା ଫାଙ୍କା ଉଦାସ ଉଦାସ ଲାଗୁଥିଲା ମନ । ଧୁଆଧୋଇ ନହୋଇ ବିଛଣାରେ ଗଡ଼ିଗଲି । ଫୋନ୍ ଖୋଲି ଦେଖିଲି ହ୍ୱାଟସ୍ ଆପ୍‌ରେ ତା' ଲାଷ୍ଟ ସିନ୍ ଏବେବି ସେଇ ସକାଳ ଦଶଟା ପନ୍ଦର । ମୋର କୌଣସି ମେସେଜ୍ ବ୍ଲୁ ଟିକ୍ ହୋଇନାହାନ୍ତି । ସବୁଗୁଡ଼ା ଅନସିନ୍ ମେସଜ୍‌କୁ ଡିଲିଟ୍ ଫର୍ ଅଲ୍ ମାରିଦେଲି । ମେସଞ୍ଜରକୁ ଯାଇଁ ଦେଖିଲି ସେ ଅନ୍ ଲାଇନ୍ । ପ୍ରବଳ ରାଗ ଲାଗିଲା । କିଛି କହିବିନି ଭାବିଲି । ଭାବିଲି ଆଜି ହିଁ ତାକୁ ବ୍ଲକ୍ କରିବି ଓ ତା' ନମ୍ବର ସବୁଦିନ ପାଇଁ ଡିଲିଟ୍ କରିଦେବି ।

'ଶୋଇନ କି?' ମୁଁ ପଚାରିଲି । ପଚାରି ସାରି ନିଜ ଉପରେ ରାଗିଲି ଓ କାହିଁକି ପଚାରିଲି ଭାବୁଛି ତ, ମୋ ପ୍ରଶ୍ନର ଉତ୍ତର ନଦେଇ ସେ ଓଲଟି ପଚାରିଲା 'କୋଉଠି?'


-'ଘରେ...ଏତେ ରାତିରେ ଆଉ କୋଉଠି ଥାଆନ୍ତି?'

ସେ ହସ ଇମୋଜି ଗୋଟେ ପଠେଇଲା । ନାଲିପାନ ଥିବା ଆଖି ଓ ଗାଲରେ ନାଲିପାନ ଲଗା ଇମୋଜି ସାଙ୍ଗରେ ଲେଖିଲା 'ଆଛା ଭଲରେ ଭଲରେ ଘରେ ପହଞ୍ଚିଗଲ ତେବେ...'

ତା'ପରେ ମୁଁ କିଛି ଲେଖିଲା ଆଗରୁ ଧଡ୍ କରି ଅଫ୍ ଲାଇନ୍ ହେଇଗଲା...। ■

ଫ୍ଲାଟ ନଂ-୨୦୨, ଏମ୍.ଆଇ.ଜି.-୨
ଦେବାଶ୍ରମ, ଏସ୍.ବି.ଆଇ. କଲୋନି, କେଶୁରା
ଭୁବନେଶ୍ୱର-୭୫୧୦୦୨
ମୋ: ୯୮୬୧୧୨୪୧୭୩

# ସାକ୍ଷୀ



ଡକ୍ଟର ଚିତ୍ତରଞ୍ଜନ ମିଶ୍ର



ସବୁରି ଭାଗ୍ୟରେ ଅଗ୍ନି ପରୀକ୍ଷା ନିଶ୍ଚିତ
ଦୌଡ଼ିବାକୁ ଥିବା ରାସ୍ତା ସରିଗଲା ପରେ
ଦୌଡ଼ିବା, ଚାଲିବା କିମ୍ବା ବୁହା ହୋଇ ଯିବା
ସବୁ ମିଛ ହୋଇଥାଏ
ପରୀକ୍ଷାର ଘଣ୍ଟା ବାଜିଗଲେ ।
ସେଦିନ ତୁମରି ଦେହ ଫୁଲ ଢାଙ୍କି ହୋଇ
ଶୋଇଥିଲା ଚିତ୍ ହୋଇ ସମାଧିସ୍ଥ ସ୍ୱପ୍ନଙ୍କ ସାଥିରେ ।
ମୁଁ ଦେଖିଲି ନୀରବରେ
କ୍ଷତ ଚିହ୍ନ ତୁମରି ପାଦରେ
ତୀର କାଢ଼ି ଦେଲାପରେ ରକ୍ତସ୍ରାବୀ ଯନ୍ତ୍ରଣାର
ଅନ୍ତ ହେଲାପରେ ।
ତୁମେ କିନ୍ତୁ ଏତେ ସ୍ଥିର କେମିତିକା ରହି ପାରିଥିଲ?
ଆତ୍ମ ବିଦାୟର ଦୃଶ୍ୟ ଆପେ ଦେଖୁଥିଲ ।
ଶୁଣାଇଲ ଶେଷ ଯାଏଁ ବଂଶୀ ସୁରେ
ବିରହର ବ୍ୟଥା ଯେତେ ଥିଲା
ସେ ସୁରରେ ପ୍ରୀତିଝରା ମେଘ ଯେତେ
ବରଷିଲା, ସ୍ୱର୍ଗଦ୍ୱାର ସମୁଦ୍ର ଭିଜିଲା ।

ଥର ଥର କମ୍ପୁଥିଲା ସତ୍ତା ମୋର ଧନୁ ପରି ବାଙ୍କି
ନୀଳ ନିଆଁ ଶୀତଳ ଶେଯରେ
ତୁମେ ଥିଲ ଆଖି ବୁଜି

ପଥର ପ୍ରତିମା ପରି
ସାକ୍ଷୀ ଥିଲୁ ଆମେ ସେଠି
ଅଧା ଅଧା ଜଳି । ■

(କବି ରମାକାନ୍ତ ରଥଙ୍କୁ ସମର୍ପିତ)

ମଞ୍ଜୁଳା ରେସିଡେନ୍ସି
ୱାଟର ୱର୍କ୍ସ ରୋଡ୍, ପୁରୀ -୭୫୨୦୦୨

# ସନ୍ଧାନ

ଡକ୍ଟର ଅଭୟ ନାରାୟଣ ନାୟକ



ଆ'
ନିକଟରୁ ନିକଟତର
ବିତିଯାଏ ପ୍ରହର ପରେ ପ୍ରହର
ଶେଷ ବତୀଖୁଣ୍ଟର ଆଲୁଅ ଲିଭିବା ଯାଏ
ମୁଁ ଲୋଡୁଥିବି କ୍ଲାନ୍ତ ବିଭାବରୀର କୋଳ
ମୋର ଅନ୍ଧାରର ଲୋଡ଼ାପଣ ନୁହେଁ ଅନ୍ଧତ୍ୱ
ଆଖିଖୋସି ଦେଉଥିବା ଆଲୋକର ରୋଷଣିରେ ବି
ତମେ ଆଲୁଅର ଶତ୍ରୁ
ମିତ୍ରତା କରୁଛ କିଟିକିଟି ଅନ୍ଧାର ସହ
ପିଇ ଚାଲିଛ ତୁମ ଚୟନର ପିୟୁଷ
ଆଖିବୁଜି ଦେଇ ନିର୍ବିକାର
ଅଥଚ, କହୁଛ ମୋର ଦୃଷ୍ଟି ତ
ଏକାଥରେ ଦର୍ଶନ ଅନ୍ଧତ୍ୱର

ଲୋଡ଼ା ନାହିଁ ଏଠି ପରୀକ୍ଷା ଦେବା
ପବିତ୍ରତାର
ଜାଣିଛି ଗଣିକା ଲୋଡ଼େ ନାହିଁ ସତୀତ୍ୱ
ହଜାଇ ସାରିଥିବା ଜ୍ଞାନର ଦୀପ୍ତି
ସହଭାଗୀ ଲୋଡ଼େ ଅନ୍ଧତ୍ୱ
ଯାହା ଆଲୁଅ, କାଲିବି ଥିଲା,
ଆଜି ବି ଅଛି, ରହିବ ଆସନ୍ତା କାଲିଯାଏ

ତୁମେ ହୁଏତ କହିପାର
ଅନ୍ଧାରର ବିପଣୀରେ
ତୁମେ ନିଜେହିଁ ମାଲିକାରର ତଦାରଖ
ରଖୁଥିବା ଆଲୋକର
ନବ୍ୟ ଈଶ୍ୱର
ଅଥଚ, ଘୃଣାକର ଆଲୋକର
ସନ୍ଧାନରେ ଥିବା ସତ୍ତାକୁ
କହିପାର ଯେଣୁ ଆଲୋକର ଅନ୍ୱେଷା ହିଁ ଅନ୍ଧତ୍ୱ । ■

ଉପନିର୍ଦ୍ଦେଶକ
ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା
ୟୁନିଟ-୯, ଜନପଥ, ଭୁବନେଶ୍ୱର-୨୨
ମୋ: ୯୪୩୭୮ ୯୨୫୪୦

# ଆଧୁନିକ କ୍ଷୁଦ୍ରଗଳ୍ପରେ କୋଟିଜୀବନର ସ୍ୱର

ଡକ୍ଟର ଦିଗମ୍ବର ଗିରି



ଆଜି ମଣିଷର ଅନୁଭୂତି ଭିତରୁ ଉଙ୍କି ମାରୁଛି ବଞ୍ଚିବାର ଆବଶ୍ୟକତା ସଂପର୍କରେ ନାନା ଜଟିଳ ପ୍ରଶ୍ନ । ଯେଉଁ ପ୍ରଶ୍ନବାଚୀ ଏକ ନୀରବ ଆତ୍ମସ୍ୱର ହୋଇ ଓଡ଼ିଆ କ୍ଷୁଦ୍ରଗଳ୍ପକୁ କରି ଚାଲିଛି ଚରିତାର୍ଥ । ମଣିଷର ମନସ୍ତାତ୍ତ୍ୱିକ ପ୍ରବାହ ଓ ଅନ୍ତର୍ଗତ ଚେତନାକୁ ଅଧିକ ପ୍ରାସଙ୍ଗିକ କରି ପ୍ରକାଶ କରିବାକୁ ଗଳ୍ପଶୈଳୀ ହୋଇଛି ଘଟଣାପୂର୍ଣ୍ଣ । ଅନେକ ଆଶା, ଆକାଂକ୍ଷା, କ୍ଷୁଦ୍ରଗଳ୍ପର ବ୍ୟାପ୍ତି ଓ ବୈଚିତ୍ର୍ୟକୁ ନୂଆ ନୂଆ ରୂପରେ ନୂଆ ଅନୁଭବରେ ଆଣି ଦେଇଛି ସାର୍ଥକତା । ଜୀବନର ସ୍ମରଣୀୟ ମୁହୂର୍ତ୍ତଟିଏ ମଣିଷର ମର୍ମସନ୍ଧିକୁ ଭେଦ କରୁଛି । ନିଜ ନିଜର ସ୍ଥିତି ଓ ପରିପାର୍ଶ୍ୱ ଭିତରେ ବଞ୍ଚିବାର ଜିଜ୍ଞାସା , ଜୀବନର ଗତିଶୀଳତା ଓ ପ୍ରତିଶ୍ରୁତିର ପଥ ଓ ପୃଥିବୀ ତାକୁ ଉଦ୍‌ବୁଦ୍ଧ କରିଛି । ଅନୁଭବିଛି ଜୀବନର ବାସ୍ତବତା ଓ ଜୀବନର ଚରମ ସତ୍ୟକୁ । ଏକ ବିଶେଷ ଭାବବୋଧ, ଆବେଗ ଆଡ଼କୁ ଟାଣି ହୋଇଯାଉଛି ଏବଂ ତା' ଭିତରେ ସୃଷ୍ଟି ହେଉଛି ଜୀବନ ପ୍ରତି ଏକ ଗଭୀର ପ୍ରତ୍ୟାଶା ।

ଜୀବନର ଅସ୍ଥିରତା ଓ ଅସହାୟତା ଭିତରେ ବି ସେ ବିମୁଖ ହୋଇ ନାହିଁ, ବରଂ ଜୀବନପ୍ରତି ଆତ୍ମୀୟତାର କଥା କହୁଛି ସାମ୍ପ୍ରତିକ କ୍ଷୁଦ୍ରଗଳ୍ପ । ଜୀବନ ସହିତ ଯୋଡ଼ି ହୋଇଯାଉଛି ନୂଆ ବିଶ୍ୱାସ, ନୂଆ ସମ୍ଭାବନା । ନୂଆ ସୂର୍ଯ୍ୟୋଦୟ ଭିତରେ ନୂଆ ଜୀବନକୁ ପୁଣିଥରେ, ଦେଖିବାକୁ ମନେ ହୁଏ ଆଜିର ଗାଳ୍ପିକମାନେ ଅଧିକ ବଶମ୍ବଦ । ଜୀବନର ନାନା ସ୍ମୃତି, ବିସ୍ମୃତି ପରି ଗଳ୍ପର ଭାବ ମଣ୍ଡଳରେ ପାଠକ ନିଜକୁ ଖୋଜି ପାଉଛି । ନିଜେ ନିଜର ନିବିଡ଼ତାକୁ ଦେଖି ଜୀବନନିଷ୍ଠ ହୋଇ ପଡୁଛି । ସୃଷ୍ଟି ହେଉଛି ଜୀବନ ପ୍ରତି ପ୍ରବଣତା, ଯାହାକୁ ପାଥେୟ କରି ସେ ପୁଣି ଥରେ ବାହାରି ପଡୁଛି ଅତିକ୍ରମ କରିବାକୁ ଅବଶିଷ୍ଟ ପଥ ।

ବିବର୍ତ୍ତିତ ସମୟର ପ୍ରବାହରେ ନୂତନ ଅଭିଜ୍ଞତା ଓ ଭାବକଳ୍ପନା ନେଇ କ୍ଷୁଦ୍ରଗଳ୍ପର କାୟା ଓ କଳେବର ବୃଦ୍ଧି ପାଇଛି । ବଦଳିଛି ଗଳ୍ପଧାରା । ବଦଳିଛି ପ୍ରକାଶ ଭଙ୍ଗୀ । ରଚନା ଶୈଳୀ ହୋଇଛି ଆଜିର କ୍ଷୁଦ୍ରଗଳ୍ପର ଗତିଶୀଳ ରୂପ । ପ୍ରଭାବଶାଳୀ ଭାବସ୍ପନ୍ଦନ, ନାଟକୀୟତା, ଜୀବନ ପ୍ରତି ଇଙ୍ଗିତ ଭିତରେ ଜୀବନ ସତ୍ୟ ଓ ପୂର୍ଣ୍ଣତା । ଗୁଢ଼ତର ପରିଣତିରେ ବକ୍ତବ୍ୟ ବେଶ୍ ଗମ୍ଭୀର ଓ ଭାବପୂର୍ଣ୍ଣ । ଗଳ୍ପ ଚରିତ୍ରମାନଙ୍କ ମୁଖର କଥା ଭିତରେ ଆଜିର ମଣିଷ ଶୁଣୁଛି ନିଜେ ନିଜର ସ୍ୱର । ଚରିତ୍ରମାନେ ପ୍ରତିନିଧି ସାଜି ଆସୁଛନ୍ତି ଗଳ୍ପ ପରିସରକୁ ଯୋଡ଼ି ଦେଉଛନ୍ତି ବ୍ୟକ୍ତିବିଶ୍ୱ ସହିତ ବିଶ୍ୱ ମଣିଷର ସମ୍ପର୍କ । ସେମାନଙ୍କ ମନୋଭଙ୍ଗୀ ଓ ଭାବନା ହୋଇଯାଉଛି କୋଟି ଜୀବନର ସ୍ୱର ଓ ପାଠକଟିଏ ହୋଇ ଯାଉଛି ଚେତନାଶ୍ରୟୀ ।

ବଞ୍ଚିବାର ଜୀବନଶୈଳୀରୁ ଓଡ଼ିଆ କ୍ଷୁଦ୍ର ଗଳ୍ପର ଶିଳ୍ପ ପ୍ରତ୍ୟୟ ନିରୂପଣ କରିବା ବା କ୍ଷୁଦ୍ରଗଳ୍ପର ସଂଜ୍ଞା କାଢ଼ିବା, ନିର୍ଦ୍ଦିଷ୍ଟତାକୁ ନିରୂପଣ କରିବା ଆଉ ଏଠି ପ୍ରଭାବିତ କରିପାରୁ ନାହିଁ । ଆଜିର କ୍ଷୁଦ୍ରଗଳ୍ପ ହୋଇଯାଇଛି ସ୍ୱୟଂ ରୂପକଟିଏ । ସଂକ୍ଷେପରେ କହିବାକୁ ଗଲେ, ଜୀବନ୍ତ ପରମ୍ପରା ନବୀକରଣ ବିରୋଧୀ ନୁହେଁ ।

ଆଜି ଆମକୁ ନିଜ ନିଜ ଭିତରକୁ ଅନେଇବାକୁ ପଡ଼ିବ । ବର୍ତ୍ତମାନର ବ୍ୟକ୍ତି ଜୀବନ, ସାମାଜିକ କ୍ରିୟା- ପ୍ରତିକ୍ରିୟା, ରାଜନୀତିକ ଜୀବନ , ସାହିତ୍ୟ ଓ ସଂସ୍କୃତି ଗଭୀର ଆତ୍ମ ନିରୀକ୍ଷଣର ସମୟ ଆସିଛି । ମଣିଷ ଭିତରେ ଏ ନୂଆ ଚେତନାର ଅନୁଭବ ସାର୍ବଜନୀନ । ପ୍ରତିଟି ମଣିଷର ଜୀବନ ଜିଜ୍ଞାସା ପରି ସର୍ବତ୍ର ସମଭାବରେ ଏହା ଘଟୁଛି । ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ, ଜଗତୀକରଣ, ଉପଭୋକ୍ତାବାଦ ତଥା ବାହାରର ଚାକଚକ୍ୟ, ଶିକ୍ଷିତ ଗୋଷ୍ଠୀକୁ ନୀତି ଆଦର୍ଶ ପଥରୁ କ୍ରମଶଃ ଦୂରେଇ ଦେଉଛି । ଦ୍ରୁତ ଶିଳ୍ପାୟନ, ନଗର ଜୀବନର ବାସ୍ତବତା ମଧ୍ୟରେ, ମାନବିକ ମୂଲ୍ୟବୋଧ ଅଣନିଶ୍ୱାସୀ । ମୂଲ୍ୟବୋଧର ଅବକ୍ଷୟ ସର୍ବତ୍ର ଦେଖିବାକୁ ମିଳିଛି । ଗାଁ ଭିତରକୁ ପଶି ଆସୁଛି ସହର । ଦେଶରେ ଭିତରେ ଘୁରିବୁଲୁଚି, ଭୂତ ପରି ଭ୍ରଷ୍ଟାଚାର ସାମ୍ପ୍ରଦାୟିକତା, ମାଓ ଓ ସନ୍ତ୍ରାସ । ପ୍ରଶାସନିକ ସ୍ଥାଣୁତା ପ୍ରସାରିତ କରି ଚାଲିଛି ତା'ର ପତିଆରା ସବୁର ମିଳିତ ସ୍ୱର । ସାମ୍ପ୍ରତିକ କ୍ଷୁଦ୍ରଗଳ୍ପର ସ୍ୱର । ନିଜ ନିଜ ପରିଚିତ ଅନୁଭୂତି ଓ ଅନୁଭବର ପରିଧି ମଧ୍ୟରେ ଆପଣାକୁ ଆଜି ମନରେ ଉଲ୍ଲସିତ ହୋଇପଡୁଛି ସହୃଦୟ ପାଠକ ।

ସାମ୍ପ୍ରତିକ କ୍ଷୁଦ୍ରଗଳ୍ପର ସ୍ୱର ହେଉଛି ଅନ୍ତର୍ନିହିତ ସ୍ୱର । ଏହି ସାବଲୀଳ ସ୍ୱର ସୃଷ୍ଟି କରି ଚାଲିଛି ଏକ କୋମଳ ମୂର୍ଚ୍ଛନା । ବାହାରେ ଶୁଭୁଛି, ଅସଂଖ୍ୟ କୋଳାହଳ, ଧାଁ, ଦଉଡ଼, ପ୍ରତିଯୋଗିତା, କିନ୍ତୁ ହୃଦୟ ଭିତରେ ଏକ ନିରୋଳା ନିଃସଙ୍ଗ ମୁହୂର୍ତ୍ତ ଯେଉଁଠି ଜୀବନ ଯନ୍ତ୍ରଣାର ଘନିଷ୍ଠ ସ୍ୱରଟି ଆବେଗ ଓ ଆତୁରତାରେ ଫେଣ୍ଟା ଫେଣ୍ଟି । ଆଜିର ଗଳ୍ପର ଶକ୍ତି ପାଠକକୁ ଆତ୍ମହରା କରି ପକାଉଛି । ମଣିଷର ପ୍ରାପ୍ତି, ଅପ୍ରାପ୍ତି, ଦୁଃଖ କାରୁଣ୍ୟର କଥା ଅସହାୟତା ଭିତରେ ଅର୍ଥ ଖୋଜୁଥିବା ମଣିଷଟି ପାଇଁ ଆଶ୍ୱାସନାର ଆଶ୍ରୟସ୍ଥଳୀ ପାଲଟି ଯାଇଛି । ସ୍ୱସ୍ତିରେ ଟିକିଏ ନିଶ୍ୱାସ ମାରି ଜୀବନକୁ ସକ୍ରିୟ କରିଛି । ନିଜର ଅପୂର୍ଣ୍ଣତା ଭୁଲି ଜୀବନ ହୋଇଉଠିଛି ସ୍ୱପ୍ନିଳ ଓ ଗୀତିମୟ । ଏହିପରି ବିଭିନ୍ନ ଭାବ ଓ ମାପରେ ଆଜିର ଗଳ୍ପକୁ ଯେଉଁ ଗାଳ୍ପିକମାନେ ଋଦ୍ଧିମନ୍ତ କରିଛନ୍ତି ସେମାନେ ହେଲେ ଅଖିଳ ମୋହନ ପଟ୍ଟନାୟକ, ମନୋଜ ଦାସ, ପ୍ରତିଭା ରାୟ, କିଶୋରୀ ଚରଣ ଦାସ, ବୀଣାପାଣି ମହାନ୍ତି, ଶାନ୍ତନୁ ଆଚାର୍ଯ୍ୟ, ରବି ପଟ୍ଟନାୟକ, ଜଗଦୀଶ ମହାନ୍ତି, ରାମଚନ୍ଦ୍ର ବେହେରା, ତରୁଣକାନ୍ତି ମିଶ୍ର, ପାରମିତା ଶତପଥୀ, ସରୋଜିନୀ ଦାସ, ଦେବବ୍ରତ ମଦନରାୟ, କବିତା ବାରିକ, ଗିରିଦଣ୍ଡ ସେନା, ରଜନୀକାନ୍ତ ମହାନ୍ତି, ହୃଷିକେଶ ପଣ୍ଡା, ସତ୍ୟମିଶ୍ର ଏବଂ ତରୁଣ ପିଢ଼ିର ଗାଳ୍ପିକଙ୍କ ଗଳ୍ପରେ ପରିବର୍ତ୍ତନଶୀଳ ଜୀବନର ଦୃଷ୍ଟିଭଙ୍ଗୀ ଭିନ୍ନ ଭିନ୍ନ ଚିନ୍ତନର ଦିଗ, ଦିଗନ୍ତ, ବେଶ ଗତିଶୀଳ ହୋଇପାରିଛି ।

ଜୀବନ ଯାପନ ସହ ସମ୍ପର୍କିତ ଜୀବନର ଅନୁଭୂତି । ସବୁଠାରୁ ବଡ଼ କଥା ଗଳ୍ପରେ ଏହି ଅନୁଭୂତି ସମ୍ବେଦନା ତଥା ଅନ୍ତର୍ଗତ ସ୍ପନ୍ଦନ ଗଳ୍ପରେ ଖୁବ୍ ଉଜ୍ଜ୍ୱଳ । ସ୍ୱପ୍ନମୟ ବାସ୍ତବତା ଓ ବାସ୍ତବତାମୟ ସ୍ୱପ୍ନ ଗଳ୍ପରେ ହାତ ଧରାଧରି । ଗଳ୍ପର ଅପରିହାର୍ଯ୍ୟ ରହସ୍ୟ ପାଠକ ପାଇଁ ଭରିଦିଏ ଅସରନ୍ତି ଉତ୍ସୁକତା । ନିଜ ଚାରିପଟର ପରିବେଶଗତ ବାସ୍ତବତା, ପ୍ରେମ ଓ ବିଷାଦର ବିମୁଗ୍ଧତା, ଜୀବନ ନିଷ୍ଠତା ଓ ମଣିଷ ପ୍ରତି ଆତ୍ମାର ସମର୍ଥନ ଗଳ୍ପର ଚରିତ୍ରମାନଙ୍କ ଭିତରୁ ବାରି ହୋଇଯାଏ । ଆନ୍ତରିକତାପୂର୍ଣ୍ଣ ଗାଳ୍ପିକଙ୍କ ଅନ୍ତରୀଣ ପ୍ରାଣ, ଭାବ ଓ ଆବେଗ ବେଳେ ବେଳେ କାବ୍ୟମାୟା ସୃଷ୍ଟି କରି ଥାଏ । ଶବ୍ଦ ସଂଯୋଜନାରେ ଭାବର ପ୍ରତିବନ୍ଧ ପ୍ରକଟନ, ପ୍ରତ୍ୟେକ ଅଭିବ୍ୟକ୍ତି ପାଠକର ପରିଚିତ ଅନୁଭୂତି ସହ ଏକାତ୍ମ । ଗଳ୍ପର ଗଠନ କୌଶଳ, ରୂପସଜ୍ଜା, ଭାଷା, ଚିତ୍ରକଳ୍ପ ଜୀବନ ସୃଷ୍ଟି ଅନୁସାରେ ବେଶ୍ ଉଲ୍ଲେଖଯୋଗ୍ୟ । ଜୀବନପ୍ରତି ପ୍ରତିବଦ୍ଧତା, ଶୁଭ ବିଶ୍ୱାସ ବିବିଧ ଚରିତ୍ର ଓ ଚିତ୍ର ଚିନ୍ତନର ଗଭୀରତା ଓ ବିଶ୍ୱମୟ ବ୍ୟାପ୍ତିରେ ଅପୂର୍ଣ୍ଣତାକୁ ଅର୍ଥମୟ ଓ ହୃଦୟକୁ ଲାଳିତ କରିପକାଏ ଆଜିର ଗଳ୍ପ ।

ସର୍ବୋପରି ଭାରତୀୟ ସାଂସ୍କୃତିକ -ସାମାଜିକ- ଆଧାତ୍ମିକ ପରିବେଶ ରୂପାୟନରେ ଓଡ଼ିଆ ଗଳ୍ପ ସାହିତ୍ୟ ଋଦ୍ଧିମନ୍ତ । ମାଟି ମନସ୍କତା, ଐତିହ୍ୟ ସଚେତନତା ଆଦର୍ଶବୋଧ, ମାନବତାବାଦ, ଜାତୀୟପ୍ରୀତି, ଗ୍ରାମ୍ୟ ସଂସ୍କୃତିର ଶୁଦ୍ଧ ଓ ସଫଳ ରୂପାୟନ ଆଜିର ଗଳ୍ପର ପ୍ରାଣରସ ସହ ସଂଯୁକ୍ତ । ■

ରାଇରଙ୍ଗପୁର, ୱାଡ଼ ନମ୍ବର- ୭
ମୟୂରଭଞ୍ଜ
ମୋ : ୯୪୩୭୩୮୦୯୨୭

# ପୁସ୍ତକ ଓ ପତ୍ରିକା ପରିଚୟ

## କବି ସତ୍ୟାନନ୍ଦଙ୍କ କାଞ୍ଚିଆଗଡ଼

ସଂକଳକ
ସତ୍ୟବାଦୀ ବଳିଆରସିଂହ




ସତ୍ୟାନନ୍ଦ ଚମ୍ପତିରାୟ ସ୍ମୃତି ସଂସଦ
ହଜ, ଖୋର୍ଦ୍ଧା
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୭୫ ଟଙ୍କା

ସାରସ୍ୱତ ସାଧକ ସତ୍ୟାନନ୍ଦ ଚମ୍ପତିରାୟ ଏକାଧାରରେ ଥିଲେ ଜଣେ କବି, ପ୍ରାବନ୍ଧିକ, ସାମ୍ବାଦିକ, ବିଧାୟକ । ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଓ ସମାଜର ଦିଗ୍‌ଦର୍ଶକ ଥିଲେ । ତାଙ୍କ ଜୀବନ, କୃତିକୁ ନେଇ 'କବି ସତ୍ୟାନନ୍ଦଙ୍କ କାଞ୍ଚିଆଗଡ଼' ପୁସ୍ତକକୁ ସଂକଳିତ କରିଛନ୍ତି ଐତିହାସିକ ସତ୍ୟବାଦୀ ବଳିଆରସିଂହ । ଏହି ପୁସ୍ତକରେ ସତ୍ୟାନନ୍ଦ ଚମ୍ପତିରାୟଙ୍କ 'କାଞ୍ଚିଆଗଡ଼ର ସେକାଳ କଥା' ଖଣ୍ଡ କାବ୍ୟ ସହିତ ତାଙ୍କର ସଂକ୍ଷିପ୍ତ ଜୀବନୀ ପ୍ରକାଶ ପାଇଛି । ସେ ଥିଲେ ଜଣେ କର୍ମଯୋଗୀ ଓ ଜନସେବକ । ତଥାପି ସାହିତ୍ୟ ସାଧନାରେ ସାରା ଜୀବନ ବ୍ରତୀ ହୋଇ ରହିଥିଲେ । ତାଙ୍କ ରଚିତ ୨୧ ଖଣ୍ଡ ପୁସ୍ତକ ମଧ୍ୟରୁ 'କାଞ୍ଚିଆଗଡ଼ର ସେକାଳ କଥା' ଅନ୍ୟତମ । କାଞ୍ଚିଆଗଡ଼ ହେଉଛି ବୀର ମାଟି । କରଞ୍ଜିଆଗଡ଼ର ଇତିହାସ, କିମ୍ବଦନ୍ତୀ, ବୀରତ୍ୱର ଗାଥା ଆଦି ଏହି ପୁସ୍ତକରେ ବର୍ଣ୍ଣିତ । ଏହି ଖଣ୍ଡକାବ୍ୟରେ ସାତୋଟି ସର୍ଗ ରହିଛି । ସରଳ ଭାଷା, କାବ୍ୟିକ ଭାବ, ପ୍ରାକୃତିକ ବର୍ଣ୍ଣନା ଯୋଗୁଁ କାବ୍ୟଟି ଅଧିକ ସୁଖପାଠ୍ୟ ହୋଇଛି । ଏହି ପୁସ୍ତକରେ ସୁସାହିତ୍ୟିକ ସତ୍ୟାନନ୍ଦ ଚମ୍ପତିରାୟଙ୍କ ସଂକ୍ଷିପ୍ତ ଜୀବନୀ, ତାଙ୍କର ଶେଷ ସାକ୍ଷାତକାର ପ୍ରକାଶ ପାଇଛି । ସତ୍ୟାନନ୍ଦଙ୍କ ଜୀବନ ଓ କୃତି ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । 'କବି ସତ୍ୟାନନ୍ଦଙ୍କ କାଞ୍ଚିଆଗଡ଼' ପାଠକଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ଭକ୍ତି ପ୍ରଣତି

ପୁଷ୍ପିତା ଜେନା



ଉଦୟ ପବ୍ଲିକେଶନ୍
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୭
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୩୦ ଟଙ୍କା

"ତୋର ଚରଣତଳେ ମଥାନତ କରି/ ମା' ଗୋ ତୋ କୃପା, କରୁଣା/ ସଦାସର୍ବଦା ମା', ମୁଁ ତୋ ପାଦେ ଆଶାୟୀ/ ଜଗଜ୍ଜନନୀ, ଭୟବିନାଶିନୀ/ କୃପାଦାୟିନୀ ମା'! (ସିଂହବାହିନୀ ମା'!) ମା' ଜଗଜ୍ଜନନୀ, ସିଂହବାହିନୀଙ୍କ ଆଶିଷ ଲାଭ କଲେ ଜୀବନର ସବୁ ଦୁଃଖକଷ୍ଟ ଅପସରି ଯାଏ । ମା' ହେଉଛନ୍ତି ଶାନ୍ତିଦାୟିନୀ, ଶକ୍ତିସ୍ୱରୂପିଣୀ । ଭକ୍ତି ରସସିକ୍ତ କେତୋଟି କବିତାକୁ ନେଇ ପ୍ରକାଶ ପାଇଛି ପୁଷ୍ପିତା ଜେନାଙ୍କ 'ଭକ୍ତି ପ୍ରଣତି' ପୁସ୍ତକ । ଏହି ପୁସ୍ତକରେ ସଂକଳିତ 'ଜଗା କାଳିଆ', 'ଜୟ ଜଗନ୍ନାଥ', 'ବଡ଼ ଠାକୁର', 'ମହା ଶିବରାତ୍ରି', 'ଓଁ ନମଃ ଶିବାୟ', 'ଗଣନାୟକ', 'ବାଗଦେବୀ ମା' ବୀଣାପାଣି', 'ସିଂହବାହିନୀ ମା', 'ମାତୃଶକ୍ତି', 'କରୁଣାମୟୀ ମା' ଆଦି କବିତାଗୁଡ଼ିକରେ ହୃଦୟର ଅସୀମ ଭକ୍ତି, ଶ୍ରଦ୍ଧାକୁ ବିଭିନ୍ନ ଦେବଦେବୀଙ୍କ ଉଦ୍ଦେଶ୍ୟରେ କବି ପ୍ରଣତି ବାଢ଼ିଛନ୍ତି । ସେଭଳି 'ଜନ୍ମ ଦିବସ', 'ଜନ୍ମ ଦିନର ଉପହାର', 'ନୂତନ ବର୍ଷ ମାତୃକରୁଣାରେ ଭରିଯାଉ', 'ମା' ଆନନ୍ଦମୟୀ କରୁଣା ମୁଁ ମାଗେ' ଆଦି କବିତାରେ ଦିବ୍ୟ ଜନନୀ ଶ୍ରୀମା, ଯୁଗ ପୁରୁଷ ଶ୍ରୀଅରବିନ୍ଦଙ୍କ ଜୀବନ, ଦର୍ଶନ ଓ ସେମାନଙ୍କ ପ୍ରତି ସମର୍ପିତ ଭାବନା ପ୍ରତିଫଳିତ ହୋଇଛି । 'ଭକ୍ତି ପ୍ରଣତି'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ରେବତୀ

ସଂପାଦିକା
ସୁବାସିନୀ ଜେନା



ଓଟି ରୋଡ, ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ : ୭୦ ଟଙ୍କା

ମାସିକ ସାହିତ୍ୟ ଓ ଫିଚର ପତ୍ରିକା 'ରେବତୀ'ର ଅଗଷ୍ଟ ୨୦୨୫ ପ୍ରକାଶ ପାଇଛି । ଶ୍ରୀମତୀ ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ରେବତୀ'ର ଏହି ସଂଖ୍ୟାଟି ବହୁ ବରିଷ୍ଠ ଓ ଯୁବ ଲେଖକଙ୍କ କବିତା, ଗଳ୍ପ, ଫିଚର ଆଦିରେ ସମୃଦ୍ଧଶାଳୀ ହୋଇଛି । ନାରାୟଣ ରାଉତରାୟଙ୍କ 'ଓଁ ଶ୍ରୀ ଗଣେଶାୟ ନମଃ', ଅଭୟ ଦ୍ୱିବେଦୀଙ୍କ 'ମହାରାଣୀ ଆବାକ୍କା', ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ସଂଗ୍ରାମ ସ୍ରୋତରେ ସମ୍ବାଦପତ୍ର', ଡକ୍ଟର ଫକୀର ମୋହନ ନାହାକଙ୍କ 'ଜାଲିଆଁୱାଲା ବାଗ୍', ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁଙ୍କ 'ସଉରା ସଂଗ୍ରାମୀ', ମଣୀନ୍ଦ୍ର କୁମାର ମେହେରଙ୍କ 'ନିଷ୍କଳଙ୍କ ନିକୁଞ୍ଜ ବିହାରୀ' ଆଦି ଆଲେଖ୍ୟଗୁଡ଼ିକ ମନଛୁଆଁ ହୋଇଛି । କବିତା ବିଭାଗରେ ସୌଭାଗ୍ୟବନ୍ତ ମହାରଣା, ଗଙ୍ଗାଧର ବିଶ୍ୱାଳ, ବିଜୟ ମଲ୍ଲ, ପ୍ରଦୀପ କୁମାର ପଣ୍ଡା, ରସାନନ୍ଦ ସାହୁ, ସୁରଞ୍ଜନ ପାତ୍ର, ଯାଦବେନ୍ଦ୍ର ସାହା, ଅନସୂୟା ପଣ୍ଡା ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସେଭଳି ଡାକ୍ତର ସୁଷମା ଚୌଧୁରୀ ଓ ରେବା ପଟ୍ଟନାୟକଙ୍କ ଗପ ଦୁଇଟି ମାର୍ମିକ ହୋଇଛି । ସଂପାଦକୀୟଠାରୁ ଆରମ୍ଭ କରି 'ଧାରାବାହିକ କାବ୍ୟ', 'ଧାରାବାହିକ ଆତ୍ମଜୀବନୀ', 'ରୋଷେଇଶାଳ', 'ଶେଷପୃଷ୍ଠା' ପର୍ଯ୍ୟନ୍ତ ପ୍ରତିଟି ବିଭାଗର ଲେଖାଗୁଡ଼ିକ ଉପାଦେୟ ଓ ଆକର୍ଷଣୀୟ ହୋଇଛି । ସଂପୂର୍ଣ୍ଣ ରଙ୍ଗିନ 'ରେବତୀ'ର ଏହି ସଂଖ୍ୟାଟି ପାଠକୀୟ ଆଦର ଲାଭ କରିବ ବୋଲି ଆଶା କରାଯାଏ । ■

## ଗାଁରୁ ୪୦ ବସ୍ତା ବିସ୍ଫୋରକ ଜବତ

ଖଇରା,୨୩।୮ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅଧୀନ ଗଡ଼ପୋଖରୀ ଗ୍ରାମର ସଞ୍ଜୟ କୁମାର ସେଣ୍ଠଙ୍କ ବାଡ଼ିରୁ ବ୍ୟାପକ ପରିମାଣର ବିସ୍ଫୋରକ ଜବତ କରାଯାଇଛି। ଶାରିଶୁଆ ପାହାଡ଼ରେ ବ୍ଲାଷ୍ଟିଂ ପାଇଁ ଏହି ବିସ୍ଫୋରକ ପଦାର୍ଥ ରଖାଯାଇଥିବା ସନ୍ଦେହ କରାଯାଉଛି। ପାଖାପାଖି ୪୦ ବସ୍ତା ଜିଲେଟିନ ଓ ୧୧ ବଣ୍ଡଲ ତାର ଜବତ କରାଯାଇଥିବା ବେଳେ ଏହାର ମୂଲ୍ୟ ୩୦ଲକ୍ଷ ହେବ ବୋଲି ପୁଲିସ କହିଛି। ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିବା ବେଳେ ଖଇରା ଥାନା ଏସଆଇ ତପନ କୁମାର ଜେନା, ଏଏସ୍ଆଇ ଗୌରହରି ବୁଗୁଡାଇ ପ୍ରମୁଖ ସାମିଲ ଥିଲେ। ପୁଲିସ ଆସୁଥିବା ସମ୍ପର୍କରେ ସୂଚନା ପାଇ ସଞ୍ଜୟ ଘରେ ଥିବା ଏହି ବିସ୍ଫୋରକ ସାମଗ୍ରୀଗୁଡ଼ିକୁ ବାହାରକୁ ଫିଙ୍ଗି ଦେଇଥିବା ନେଇ ଏସ୍‌ଡିପିଓ ସୂଚନା ଦେଇଛନ୍ତି।

## ୨୫ରେ ଦିଲ୍ଲୀରେ ରାଜ୍ୟ କଂଗ୍ରେସର ବୈଠକ

ଭୁବନେଶ୍ୱର,୨୩।୮ (ସମିସ): ଆସନ୍ତା ୨୫ରେ ଦିଲ୍ଲୀରେ ରାଜ୍ୟ କଂଗ୍ରେସର ବସିବ ବଡ଼ ବୈଠକ। ସାଂଗଠନିକ ସ୍ଥିତି ମଜଭୁତ ସହ ରାଜ୍ୟରେ ଆଗାମୀ ରଣନୀତି କ'ଣ ରହିବ, ସେନେଇ କରାଯିବ ମାନସମନ୍ଥନ। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡଗେଙ୍କ ସମେତ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ସାଂଗଠନିକ ସମ୍ପାଦକ କେସି ବେଣୁଗୋପାଳ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହିବେ। ଏଥିପାଇଁ ଜିଲ୍ଲା ସଭାପତି ଚୟନ ପାଇଁ ନିଯୁକ୍ତ ହୋଇଥିବା ସମସ୍ତ ୩୫ ପର୍ଯ୍ୟବେକ୍ଷକ, ପିସିସି ପ୍ରଭାରୀ ଓ କଂଗ୍ରେସ ବିଧାୟକ ଦଳ ନେତାଙ୍କୁ ଦିଲ୍ଲୀ ଡକରା ହୋଇଛି। ଆଗାମୀ ଦିନରେ କଂଗ୍ରେସ ଜିଲ୍ଲା ସଭାପତି ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଛି। ଗୁଜରାଟ ଢାଞ୍ଚାରେ ଏଠାରେ ସଂଗଠନ ସୃଜନ ମାଧ୍ୟମରେ ଜିଲ୍ଲା ସଭାପତି ଚୟନ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। କିପରି ଦକ୍ଷ ଲୋକଙ୍କ ହାତରେ ଜିଲ୍ଲା ସଂଗଠନ ଦାୟିତ୍ୱ ଦିଆଯିବ, ସେଥିପାଇଁ ଏଆଇସିସି ଲକ୍ଷ୍ୟ ରଖିଛି। ଏଆଇସିସିର ଏପରି ଅଭିଯାନକୁ ନେଇ ଓଡ଼ିଶା କଂଗ୍ରେସ ଶିବିର ମଧ୍ୟ ଉତ୍ସାହିତ ରହିଛି। ୩୫ଟି ସାଂଗଠନିକ ଜିଲ୍ଲା ସଭାପତି ଚୟନ କରିବା ନେଇ ଏଆଇସିସିର ନୂଆ ଫର୍ମୁଲାକୁ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଭିନ୍ନ ଆକଳନ କରିଛନ୍ତି। ରାହୁଲ ଗାନ୍ଧୀ ଓଡ଼ିଶାରେ ସମ୍ଭାବନା ଦେଖୁଥିବାରୁ ଏବେଠାରୁ ୨୦୨୯ ସାଧାରଣ ନିର୍ବାଚନ ପାଇଁ ଓଡ଼ିଶା କଂଗ୍ରେସକୁ ପ୍ରସ୍ତୁତ କରୁଛନ୍ତି। ପ୍ରଥମଥର ଲାଗି ଦଳୀୟ ନିଷ୍ପତ୍ତିରେ ଜିଲ୍ଲା ସଭାପତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସଂଗଠନଠାରୁ ବିଧାୟକ ଓ ସାଂସଦ ଟିକେଟ୍ ବଣ୍ଟନରେ ଜିଲ୍ଲା ସଭାପତିମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ, ୨୫ ବର୍ଷ ଧରି କ୍ଷମତା ବାହାରେ ଥିବା ଓଡ଼ିଶା କଂଗ୍ରେସକୁ ସଜାଡ଼ିବା ପାଇଁ ଏଆଇସିସି ଗୁରୁତ୍ୱ ଦେଉଛି। ଓଡ଼ିଶାରୁ ଦିଲ୍ଲୀ ଯାଏ ସାଂଗଠନିକ ସ୍ଥିତିକୁ ମଜଭୁତ କରିବାକୁ ରଣନୀତି କରାଯାଉଛି। ଆଗକୁ ରାହୁଲ ଗାନ୍ଧୀ ଘନଘନ ଓଡ଼ିଶା ଗସ୍ତରେ ଆସି ତୃଣମୂଳ କର୍ମୀଙ୍କ ମନରେ ଉତ୍ସାହ ଭରିବେ ବୋଲି ପିସିସି ପକ୍ଷରୁ କୁହାଯାଇଛି।

## ବିପଦସଙ୍କେତ ଉପରେ ବୈତରଣୀ



ଭଣ୍ଡାରିପୋଖରୀ/ବାରିକପୁର, ୨୩।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବୈତରଣୀରେ ଆଉ ଏକ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏବେ ବୈତରଣୀ କୂଳ ଲଂଘୁଥିବା ବେଳେ ଆଜି ଅପରାହ୍ଣ ୪ଟାରେ ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୩୩ ମିଟର ଅତିକ୍ରମ କରିଛି। ନଦୀର ଜଳସ୍ତର ଘଣ୍ଟା ପ୍ରତି ୫ମିମି ବୃଦ୍ଧି ପାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୬୩.୬୬ମିମି, ସ୍ୱାମୀପାଟଣାରେ ୧୯.୮ମିମି, ଆନନ୍ଦପୁରରେ ୬୮.୨ମିମି ଓ ଆଖୁଆପଦାରେ ୩୮.୧୨ମିମି ବର୍ଷା ରେକର୍ଡ କରାଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ନଦୀ ୧୮.୪୩ ମିଟରରେ ପ୍ରବାହିତ ହେଉଛି। ଏହି ବନ୍ୟା ମଧ୍ୟମଧରଣର ହେବ ଓ ବନ୍ୟାଜଳ ସର୍ବାଧିକ ୧୮.୯୦ ମିଟର ହୋଇପାରେ ବୋଲି ଆଖୁଆପଦା ଜଳସମ୍ପଦ କାର୍ଯ୍ୟାଳୟ ବନ୍ୟା ନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ଦିଆଯାଇଛି। ତଳିଆ ଅଞ୍ଚଳ ବର୍ଷାଜଳ ପଶି ଯାଇଥିବାରୁ ଚାଷ କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତି ପାଇଁ ବିଭାଗ ସଜାଗ ଅଛି ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ ପ୍ରକାଶ କରିଛନ୍ତି।

## ଦ୍ୱିତୀୟ ପର୍ଯ୍ୟାୟ ଯୁକ୍ତ ୩ ଓ ପିଜି ନାମଲେଖା ଆବେଦନ ଆରମ୍ଭ

ଭୁବନେଶ୍ୱର, ୨୩।୮ (ସମିସ): ଯୁକ୍ତ ୩ ଓ ପିଜି ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଶନିବାରଠାରୁ ଆରମ୍ଭ ହୋଇଛି। ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ପର୍ଯ୍ୟାୟର କୌଣସି ରାଉଣ୍ଡରେ ଚୟନ ହୋଇନାହାନ୍ତି କିମ୍ବା ଆବେଦନ କରିନାହାନ୍ତି, ସେମାନେ ଏହି ପର୍ଯ୍ୟାୟରେ ଆବେଦନ କରିପାରିବେ। ଯୁକ୍ତ ୩ ନାମଲେଖା ପାଇଁ ଆବେଦନ କରିବାର ଶେଷ ତାରିଖ ସେପ୍ଟେମ୍ବର ୩ତାରିଖ ରହିଛି। ଫର୍ମରେ କୌଣସି ତ୍ରୁଟି ଥିଲେ, ୪ତାରିଖସୁଦ୍ଧା ଏଡିଟ୍ କରିପାରିବେ। ୧୦ତାରିଖରେ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ରାଉଣ୍ଡ ମେଧା ତାଲିକା ସହ ୱେଟିଂଲିଷ୍ଟ ପ୍ରକାଶ ପାଇବ। ୧୧ରୁ ୧୩ତାରିଖ ଭିତରେ ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ ନିଜର ଇଣ୍ଟିମେସନ୍ ଲେଟର୍ ନେଇ ଆଡମିସନ କରିବା ସହ ଅନଲାଇନ ମାଧ୍ୟମରେ ଟଙ୍କା ପଇଠ କରିପାରିବେ। ୱେଟିଂଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ୧୫ରୁ ୧୬ତାରିଖ ମଧ୍ୟରେ ନିଜର ଆବେଦନ ଫର୍ମକୁ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନରେ ଦାଖଲ କରିପାରିବେ। ସେମାନଙ୍କର ମେଧା ତାଲିକା ୧୭ରେ ନୋଟିସ୍‌ବୋର୍ଡ, ୱେବ୍‌ସାଇଟ୍ ମାଧ୍ୟମରେ ଜାଣିପାରିବେ। ୱେଟିଂଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ସମସ୍ତ ଡକ୍ୟୁମେଣ୍ଟ ନେଇ ୧୮ରୁ ୨୨ ତାରିଖ ସୁଦ୍ଧା ଯାଇ ନାମ ଲେଖାଇ ପାରିବେ।

ସେହିପରି, ପିଜି ପାଠ୍ୟକ୍ରମରେ ନାମଲେଖା ଆବେଦନ ଆଜିଠାରୁ ଆରମ୍ଭ ହୋଇଛି। ଆବେଦନ କରିବାର ଶେଷ ତାରିଖ ୩ ସେପ୍ଟେମ୍ବରକୁ ରଖାଯାଇଛି। ପ୍ରଥମ ରାଉଣ୍ଡର ମେଧା ତାଲିକା ୯ ତାରିଖରେ ପ୍ରକାଶ ପାଇବ। ଚୟନ ଛାତ୍ରୀଛାତ୍ରମାନେ ନିଜର ଇଣ୍ଟିମେସନ୍ ଲେଟର ନେଇ ୧୦ରୁ ୧୨ ତାରିଖ ଭିତରେ ଆଡମିସନ୍ କରିପାରିବେ। ୱେଟିଂଲିଷ୍ଟରେ ଥିବା ପିଲାମାନେ ୧୩ରୁ ୧୫ ତାରିଖ ମଧ୍ୟରେ ନିଜର ଆବେଦନ ଫର୍ମକୁ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନରେ ଦାଖଲ କରିପାରିବେ। ସେମାନଙ୍କର ମେଧା ତାଲିକା ୧୬ରେ ନୋଟିସ୍‌ବୋର୍ଡ, ୱେବସାଇଟ୍ ଏବଂ ଫୋନ ମାଧ୍ୟମରେ ଜାଣିପାରିବେ। ୱେଟିଂଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ୧୭ରୁ ୨୦ ତାରିଖ ସୁଦ୍ଧା ନାମ ଲେଖାଇ ପାରିବେ।

## ଯୋଗ ସମାଧିରେ ତପସ୍ୱିନୀ

**(ଡା. ସରୋଜିନୀ ଦାଶଙ୍କ ଦ୍ୱାଦଶାହ ଉପଲକ୍ଷେ)**



ଓଡ଼ିଶାର ପ୍ରଥମ ମାନସିକ ଚିକିତ୍ସିକା ଡ. ସରୋଜିନୀ ଦାଶଙ୍କ ଗତ ଅଗଷ୍ଟ ୧୧ ତାରିଖରେ ୯୩ବର୍ଷ ବୟସରେ ପରଲୋକ ହୋଇଯାଇଛି। ମାନସିକ ଚିକିତ୍ସା ଜଗତରେ ସେ ଜଣେ ଜଣାଶୁଣା ଚେହେରା ଥିଲେ। କଟକ, ବୁର୍ଲା ଓ ବ୍ରହ୍ମପୁରରେ ମାନସିକ ଶିକ୍ଷାଦାନ ଆରମ୍ଭରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ଦିବଂଗତ ଡା. ଶରତ ଚନ୍ଦ୍ର ମିଶ୍ରଙ୍କ ପ୍ରତ୍ୟକ୍ଷ ଯୋଗଦାନରେ ଶିଶୁଭବନ ପରିସରରେ ଶିଶୁ ଚିକିତ୍ସା କେନ୍ଦ୍ର ଓ ଦିବଂଗତ ଡା. ପାର୍ଥ ରାଓଙ୍କ ପ୍ରଚେଷ୍ଟାରେ କଟକରେ ରେଡକ୍ରସ୍ ମାନସିକ ଚିକିତ୍ସା ସଂସ୍ଥା ୧୯୬୧ ମସିହାରେ ଗଠିତ ହେଲା। ସେହି ବର୍ଷ ପ୍ରଫେସର ବିମ୍ବାଧର ଦାଶ ଓ ତାଙ୍କ ସହଧର୍ମିଣୀ ଡା. ପି ସରୋଜିନୀ ଦାଶ ବଡ଼ ମେଡ଼ିକାଲ କଲେଜର ଭେଷଜ ବିଭାଗର ମାନସିକ ଉପବିଭାଗରେ ଯୋଗ ଦେଇଥିଲେ। ସେମାନେ ସର୍ବଭାରତୀୟ ମାନସିକ ସ୍ୱାୟୁବିଜ୍ଞାନ ଅନୁଷ୍ଠାନ (ନିମହନସ୍)ର ଦ୍ୱିତୀୟ ବ୍ୟାଚ୍‌ର ଡିପ୍ଲୋମା ବିଦ୍ୟାର୍ଥୀ। ତାଙ୍କର ଶିକ୍ଷା ସନ୍ତାନମାନଙ୍କ ପାଇଁ ସ୍ନେହ ପ୍ରେରଣାର ଆଶୀର୍ବାଦ ହୋଇ ରହିବ। ଗୁର୍ବୀ ଭାବେ, ମା' ଭାବେ ଆମେ ସମସ୍ତେ ତାଙ୍କ ପାଇଁ ଗର୍ବିତ। ତାଙ୍କ ବିୟୋଗ ଆମ ପାଇଁ ଅପୂରଣୀୟ କ୍ଷତି। ଦ୍ୱାଦଶାହ ଉପଲକ୍ଷେ ଆମେ ସବୁ ଛାତ୍ରଛାତ୍ରୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଡା. ନୀଳମାଧବ ରଥ

୫୫୫-ମହାନଦୀବିହାର, କଟକ- ୪

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୀନ ନିବାସରେ...

ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତ ବୁଧବାର ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ହସ୍ପିଟାଲରୁ ଘରକୁ ଫେରିଥିଲେ। ନବୀନଙ୍କ ଅସୁସ୍ଥତା ଖବର ପାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା କରିବା ସହ ସୁସ୍ଥ ହେବା ପରେ ଦିଲ୍ଲୀ ଆସି ତାଙ୍କୁ ଭେଟିବାକୁ ପ୍ରଧାନମନ୍ତ୍ରୀ ନିଜେ ଆମନ୍ତ୍ରଣ ଜଣାଇଥିଲେ। ସେହିପରି ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡଗେ ଏବଂ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ନବୀନଙ୍କ ସହ ଫୋନ ଯୋଗେ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ।

### ଆମେରିକାକୁ ଡାକ...

ଡିଏଚ୍ଏଲ୍ ଭଳି ଅନେକ କୋରିୟର ସଂସ୍ଥା ମଧ୍ୟ ଆମେରିକାକୁ ସାମଗ୍ରୀ ପରିବହନ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ତେବେ ଡିଏଚ୍ଏଲ୍ ଏକ୍ସପ୍ରେସ ସେବା ଚାଲୁ ରହିବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ଆମେରିକାକୁ ଡାକ ସେବା ବନ୍ଦ ରହିଲେ ଭାରତୀୟ ଡାକ ସେବାକୁ ଆର୍ଥିକ କ୍ଷତି ସହିବାକୁ ପଡ଼ିବ। ଗତବର୍ଷ ଆମେରିକାକୁ ଡାକସେବା ପାଇଁ ଡାକ ବିଭାଗକୁ ପ୍ରାୟ ଅଢେଇ ହଜାର କୋଟିର ରାଜସ୍ୱ ମିଳିଥିଲା। ବିଶେଷ କରି ଚିଠି ଓ ସ୍ପିଡ୍‌ପୋଷ୍ଟ ସର୍ଭିସର ବହୁତ ଚାହିଦା ରହିଛି।

### କର୍ଣ୍ଣାଟକ ବିଧାୟକ...

ଚଳାଉଥିଲେ। ବୀରେନ୍ଦ୍ର କିଙ୍ଗ୍‌୫୬୭ ଓ ରାଜା୫୬୭ ଭଳି ଏକାଧିକ ବେଟିଂ ପ୍ଲାଟଫର୍ମ ଚଳାଉଥିଲେ। ୮ ଦିନ ପୂର୍ବେ କର୍ଣ୍ଣାଟକର ଅନ୍ୟଜଣେ କଂଗ୍ରେସ ବିଧାୟକଙ୍କ ଘରୁ ଏକ କୋଟି ୪୦ ଲକ୍ଷ ଟଙ୍କା ଜବତ କରାଯାଇଥିଲା।

### ଅନିଲ ଅମ୍ବାନୀଙ୍କ...

ବିରୋଧରେ ଏତଲା ଦିଆଯାଇଥିଲା। ସିବିଆଇ ଅନିଲ ଏବଂ ତାଙ୍କ କମ୍ପାନୀ ରିଲାଏସ କମ୍ୟୁନିକେସନ (ଆର କମ୍) ବିରୋଧରେ ନୂଆ ଏତଲା ରୁଜୁ କରିଥିଲା।

ଅଭିଯୋଗରେ ସିବିଆଇ ପକ୍ଷରୁ କୁହାଯାଇଥିଲା ଯେ ଅନିଲ ଅମ୍ବାନୀଙ୍କ ଆର୍‌କମ ପକ୍ଷରୁ ୩,୦୭୩ କୋଟି ଟଙ୍କାର ଠକେଇ କରାଯାଇଛି। ପୂର୍ବରୁ ୨୦୨୦, ନଭେମ୍ବର ୧୦ରେ ଏସ୍‌ବିଆଇ ଠକେଇ ନେଇ ଏହାର ପ୍ରମୋଟର ଏବଂ ମାଲିକଙ୍କ ଆକାଉଣ୍ଟ ନମ୍ବର ଜାରି କରିଥିଲା। ୨୦୨୧ ଜାନୁଆରୀ ୫ରେ ସିବିଆଇ ଏତଲା ରୁଜୁ କରିଥିଲା। ତେବେ ୨୦୨୧ ଜାନୁଆରୀ ୬ରେ ଦିଲ୍ଲୀ ହାଇକୋର୍ଟ ସ୍ଥିତାବସ୍ଥା ନିର୍ଦ୍ଦେଶ ଦେବାରୁ ଅଭିଯୋଗ ଫେରି ଆସିଥିଲା। କିନ୍ତୁ ଏବେ ଏସ୍‌ବିଆଇ ଆନୁଷ୍ଠାନିକ ଭାବେ ଆରକମ୍ ଏବଂ ଏହାର ପ୍ରମୋଟର ନିର୍ଦ୍ଦେଶକ ଅନିଲଙ୍କୁ ଠକ ଘୋଷଣା କରିସାରିଛି। ଏହା ପୂର୍ବରୁ ଜୁଲାଇ ୨୩ରେ ଇଡି ଏହି ମାମଲାରେ ଅନିଲଙ୍କ ରିଲାଏନ୍ସ ଗ୍ରୁପ୍ ସମ୍ବନ୍ଧିତ ୩୫ରୁ ଅଧିକ ଠିକଣା ଉପରେ ଚଢ଼ଉ କରିଥିଲା। ୟେସ ବ୍ୟାଙ୍କ ସମ୍ବନ୍ଧିତ ୩ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଗତ ୫ ତାରିଖରେ ୧୭ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ଠକେଇ ମାମଲାରେ ଇଡି ଅମ୍ବାନୀଙ୍କୁ ପଚରାଉଚରା କରିଥିଲା।

### ମାରିଜୁଆନା ପାଇଁ...

କରାଯାଉଛି। ଚାଲାଣକାରୀ ଧରାପଡୁଛନ୍ତି। ମାରିଜୁଆନା ଜବତ ମଧ୍ୟ ହେଉଛି। ଏହାସତ୍ତ୍ୱେ ଚାଲାଣ ବେଧଡ଼କ ଭାବେ ଜାରି ରହିଛି। ଏହା ପଛର କାରଣ କଣ ବୋଲି ପ୍ରଶ୍ନ ଉଠିଲାଣି।

ଗତ କିଛି ମାସ ହେଲା ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲଗାତର ଭାବେ ମାରିଜୁଆନା ଜବତ ହେଉଛି। ଜୁଲାଇ ୨୯ ତାରିଖରେ ତିନି ଜଣ ଯୁବକଙ୍କୁ ଗିରଫ କରିଥିଲା ଏୟାରପୋର୍ଟ ପୁଲିସ। ସେମାନଙ୍କ ନିକଟରୁ ୨୫ କେଜିର ମାରିଜୁଆନା ଜବତ କରିଥିଲା। ଏହାପରେ ଅଗଷ୍ଟ ୨ ତାରିଖରେ ବ୍ୟାଙ୍କକରୁ ଚୋରାରେ ମାରିଜୁଆନା ଆଣୁଥିବା ବେଳେ ଜଣେ ଯାତ୍ରୀଙ୍କୁ ଗିରଫ କରିଥିଲା କଷ୍ଟମ ବିଭାଗ। ଗିରଫ ବ୍ୟକ୍ତିଙ୍କ ଠାରୁ ୧୦ କୋଟିର ମାରିଜୁଆନା ଜବତ କରାଯାଇଥିଲା। ସେହିପରି ଅଗଷ୍ଟ ୨ ତାରିଖରେ ଥାଇଲାଣ୍ଡରୁ ଚାଲାଣ ବେଳେ କଷ୍ଟମ ବିଭାଗର ହାତରେ ଲାଗିଥିଲା ୮ କୋଟିର ମାରିଜୁଆନା।

ପୁଣି ଭୁବନେଶ୍ୱର ଏୟାରପୋର୍ଟରେ ଆଜି ମାରିଜୁଆନା ଜବତ ହୋଇଛି। ବ୍ୟାଙ୍କକରୁ ୪ କୋଟି ଟଙ୍କାର ମାରିଜୁଆନା ଆଣୁଥିବା ବେଳେ ଭୁବନେଶ୍ୱରରେ ଧରାପଡିଛନ୍ତି ପ୍ରେମୀଯୁଗଳ। ଏୟାରପୋର୍ଟରେ ଦୁହିଁଙ୍କ ଉପରେ ସନ୍ଦେହ ହେବାରୁ କଷ୍ଟମ ଅଧିକାରୀ ସେମାନଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୪ କୋଟି ଟଙ୍କାର ମାରିଜୁଆନା ଜବତ କରିଥିଲା। ଏହାସହିତ ଯୁବକ ଓ ଯୁବତୀଙ୍କୁ ଅଟକ ରଖି ଜେରା କରାଯାଉଛି। ସେମାନଙ୍କର ଘର ପଞ୍ଜାବ ବୋଲି ଜଣାପଡ଼ିଛି। ତେବେ ଏହି ନିଶାଦ୍ରବ୍ୟ ବ୍ୟାଙ୍କକରୁ କେଉଁ ସ୍ଥାନରୁ ଆସିଥିଲା? ଭୁବନେଶ୍ୱରରୁ କେଉଁ କେଉଁ ଜାଗାକୁ ଚାଲାଣ ହେବାରେ ଥିଲା ? ଏଥିରେ କିଏ କିଏ ସାମିଲ ଅଛନ୍ତି ? ତାକୁ ନେଇ ଛାନ୍‌ଭିନ କରାଯାଉଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ୬ ମାସ ଭିତରେ ୫୦ କୋଟିରୁ ଅଧିକ ଏହି ବିଦେଶୀ ଡ୍ରଗ୍ସ ଜବତ କରାଗଲାଣି। ବ୍ୟାଙ୍କକରୁ ଆସୁଥିବା ଏହି ନିଶାସାମଗ୍ରୀ ଭୁବନେଶ୍ୱର ଦେଇ ଚାଲାଣ କରାଯାଉଛି। ଭୁବନେଶ୍ୱରରୁ ଏହା କେଉଁ କେଉଁ ରାଜ୍ୟକୁ ଚାଲାଣ ହେଉଛି, ତାହାର ଯାଞ୍ଚ କରାଯାଉଛି।

### ବର୍ଷାରେ ଭିଜିବ...

ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତିରେ ମଧ୍ୟ ବର୍ଷା ହେବ। ୨୫ ତାରିଖେର ବର୍ଷାର ବିସ୍ତୃତି ବଢ଼ିବା ସହ ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଯାଜପୁର, ମୟୂରଭଞ୍ଜ କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ହେବ। ବଳକା ୨୩ ଜିଲ୍ଲାରେ ମଧ୍ୟ ବର୍ଷା ସମ୍ଭାବନା ଥିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସମାନ ଭାବେ ୨୬ ଓ ୨୭ ତାରିଖରେ ରାଜ୍ୟବ୍ୟାପୀ ବର୍ଷା ସମ୍ଭାବନା ଥିବା ବେଳେ ୨୮ ତାରିଖ ବେଳକୁ ପାଗରେ ପରିବର୍ତ୍ତନ ଆସିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଏପଟେ ଲଗାଣ ବର୍ଷା କାରଣରୁ ବୈତରଣୀ ନଦୀ ଆଖୁଆପଦାଠାରେ ବିପଦ ସଙ୍କେତ ଅତିକ୍ରମ କରିଛି। ଉପରମୁଣ୍ଡରେ ଲଗାଣ ବର୍ଷା କାରଣରୁ ନଦୀର ଜଳସ୍ତର ବୃଦ୍ଧି ପାଉଥିବା ବେଳେ ଏହାଯୋଗୁଁ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଛତିଶଗଡ଼ ଉପରେ ମୁଣ୍ଡରେ ମଧ୍ୟ ପ୍ରବଳ ବର୍ଷା ହେଉଥିବାରୁ ହୀରାକୁଦରେ ଆଜି ଆଉ ୪ଟି ଗେଟ ଖୋଲାଯାଇଛି। ମୋଟ ୮ଟି ଗେଟ ଦେଇ ଜଳ ନିଷ୍କାସନ କରାଯାଉଥିବା ଜଣାପଡ଼ିଛି।

### ପୁଣି ୮ ଫାଟକ...

ବେଳେ ଅଗଷ୍ଟ ୩ ତାରିଖ ସମସ୍ତ ଗେଟ୍ ବନ୍ଦ କରି ଦିଆଯାଇଥିଲା।

ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୩୯ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ୫ଟି ଓ ଡାହାଣ ପାର୍ଶ୍ୱର ୩ଟି ଏହିପରି ମୋଟ ୮ଟି ସ୍ଲୁଇସ୍ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୧୩,୧୩୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୬୧,୬୯୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୨୬,୧୨୦ ଘନଫୁଟ, ପାୱାର ଚେନାଲ ଦେଇ ୩୨,୩୨୧ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୪,୮୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୪୩,୦୬୨ ଘନଫୁଟ, ଖଇରମାଲଠାରେ ୧,୩୪,୦୦୦ ଘନଫୁଟ, ବାରମୁଲଠାରେ ୯୬,୦୦୦ ଘନଫୁଟ ଏବଂ ମୁଣ୍ଡଳୀଠାରେ ୧,୨୧,୫୩୪ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୨୧.୬୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୨୭.୬୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୦.୮୩ ଫୁଟ୍ ରହିଥିଲା।

ଆଜି ହୀରାକୁଦ ଜଳଭଣ୍ଡାରରୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯିବା ପୂର୍ବରୁ ମହାନଦୀ ଅବବାହିକାରେ ବସବାସ କରୁଥିବା ଜନସାଧାରଣଙ୍କୁ ମହାନଦୀରେ ବନ୍ୟାଜଳ ନିଷ୍କାସନ ନେଇ ଡାକବାଜି ଯନ୍ତ୍ରରେ ସତର୍କ କରାଯାଇଥିଲା। ବନ୍ୟା ଜଳ ନିଷ୍କାସନର କେଇଘଣ୍ଟା ପୂର୍ବରୁ ସାଇରନ୍ ବାଜିଥିଲା। ଶନିବାର ସକାଳେ ଗେଟ୍ ଖୋଲିବା ସମୟରେ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ବେସିନ ପ୍ରବନ୍ଧକ, ବୁର୍ଲା ଇଂ. ସୁଶୀଲ କୁମାର ବେହେରା କହିଛନ୍ତି ଯେ, ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ। ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ୨୫ ତାରିଖରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଛି। ତାହାକୁ ଦୃଷ୍ଟିରେ ରଖି ୪ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଏହାଦ୍ୱାରା ବଢ଼ୁଥିବା ଜଳସ୍ତରକୁ ସଠିକ ପରିଚାଳନା କରିବାସହ ଲଘୁଚାପ ବର୍ଷାର ଜଳପ୍ରବେଶକୁ ମୁକାବିଲା କରିବା ପାଇଁ ଜଳଭଣ୍ଡାରରେ ଜାଗା ରହିବ। ଆବଶ୍ୟକସ୍ଥଳେ ଆଉ ୪ଟି ଗେଟ୍ ଖୋଲାଯିବ ବୋଲି ସେ ସୂଚନା ଦେଇଛନ୍ତି। ହୀରାକୁଦ ତଳମୁଣ୍ଡରେ ବନ୍ୟା ସମ୍ଭାବନା ନଥିବା ଇଂ. ବେହେରା କହିଛନ୍ତି।

### ସୁବର୍ଣ୍ଣରେଖାରେ ପୁଣି...

ପାଉଛି। ବାଲେଶ୍ୱର ଜିଲ୍ଲାରେ ଗତକାଲି ଏବଂ ଆଜିକୁ ମିଶାଇ ୨୮.୨୫ ପ୍ରତିଶତ ହାରରେ ମୋଟ ୩୩୯ ମିମି ବର୍ଷା ରେକର୍ଡ କରାଯାଇଛି। ବାହାନଗା ବ୍ଲକରେ ୨୫ମିମି ବର୍ଷା ହୋଇଥିବା ବେଳେ ବାଲେଶ୍ୱର ସଦରରେ ୫୩ମିମି, ବାଲିଆପାଳରେ ୧୬, ଭୋଗରାଇରେ ୧୫, ନୀଳଗିରିରେ ୫୮, ଔପଦାରେ ୩୯, ରେମୁଣାରେ ୪୭, ସିମୁଳିଆରେ ୨୦ ଏବଂ ସୋରରେ ୧୦ମିମି ବର୍ଷା ରେକର୍ଡ ହୋଇଛି।

ସନ୍ଧ୍ୟା ୭ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ, ରାଜଘାଟଠାରେ ସୁବର୍ଣ୍ଣରେଖାର ଜଳସ୍ତର ୭.୧୩ ମିଟର ରହିଛି। ଏହି ନଦୀର ବିପଦ ସଙ୍କେତ ୧୦.୩୬ମିଟର ଥିବା ବେଳେ ସତର୍କ ସଙ୍କେତ ୯.୪୫ମିଟର ରହିଛି। ସେହିପରି ମଥାନୀଠାରେ ଜଳକାର ଜଳସ୍ତର ୫.୦୧ମିଟର ରେକର୍ଡ ହୋଇଛି। ନଦୀର ବିପଦ ସଙ୍କେତ ୬.୫୦ମିଟର ଥିବା ବେଳେ ସତର୍କ ସଙ୍କେତ ୬ ମିଟର ରହିଛି।

### ୩୦ ହଜାର ପ୍ରିମିୟମ...

ହେଉଛି। ପ୍ରିମିୟମ ହିସାବରେ ୫୦ ପ୍ରତିଶତରୁ ଅଧିକ ଫସଲ କ୍ଷତି ହେଲେ ୩ ଲକ୍ଷ ୪୦ ହଜାର ଟଙ୍କା ମିଳିବାର ଥିଲା। ତେବେ ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି କେବଳ ୧୨୭୪ ଟଙ୍କା ପ୍ରଦାନ କରିଥିଲା। ଏହା ବହୁତ କମ୍। ଏହି ଟଙ୍କା ବ୍ୟାଙ୍କରୁ ଉଠାଇବାକୁ ମଧ୍ୟ ଲାଜ ଲାଗୁଛି ବୋଲି ସେ କହିଛନ୍ତି।

ଅତର ଗ୍ରାମର ଅନେକ ଚାଷୀଙ୍କ କ୍ଷେତ୍ରରେ ମଧ୍ୟ ଏଭଳି ଘଟିଛି। ଅନିଲ କହ୍ନେୟାଲାଲ ୧୫ ଏକର ଜମି ପାଇଁ ୪୫୭୦ ଟଙ୍କା ଦେଇ ବୀମା କରାଇ ଥିଲେ। ତେବେ ତାଙ୍କୁ ମାତ୍ର ୧୩୮୭ ଟଙ୍କା ମିଳିଛି। ସେହିପରି ପ୍ରିମିୟମ ବାବାଦକୁ ଗାଁର ଗଙ୍ଗାଲାଲଙ୍କୁ ୧୨୦୦ ଟଙ୍କା, କମଲଚନ୍ଦ ନଥୁଙ୍କୁ ୨୨୦୦ ଟଙ୍କା, ଶୁଭମ କମଲଚନ୍ଦଙ୍କୁ ୨୪୦୦ ଟଙ୍କା, ରାକେଶ ନଥୁଙ୍କ ୨୪୦୦ ଟଙ୍କା କଟିଥିଲା। କିନ୍ତୁ ଏମାନଙ୍କୁ କାହାକୁ ବୀମା ରାଶି ମିଳିପାରି ନାହିଁ।


**AFFIDAVIT**

I, Pritam Agrawal, S/o- Radhashyam Agarwal, Resident of Vill - Bazarpada (Madanmohanpada), PS/ PO/ Dist - Angul, Pin - 759122, Odisha,declare by this affidavit No - 2746, dated- 22.08.2025, that now onwards I shall be known as **PREETAM AGARWAL** for all future purposes.

**Notice (Above 18 years of age)**

By Virtue of an Affidavite sworn before the Notary Public, Udala, Mayurbhnaj, dated 22-08-2025 I, Jhankar Tudu, Address At- Taradashol, Po- Taradashol, Ps- Khunta, Dist- Mayurbhanj, Pin- 757085 declare that I have changed my name Jhinkar Tudu to Jhankar Tudu. Henceforth I shall be known as Jhankar Tudu for all purposes.

Jhankar Tudu

**AFFIDAVIT**

By virtue of an affidavit no-3869 sworn before the Executive Magistrate, Dhenkanal on dtd- 31/07/2025, I **Rasananda Garanayak**, S/o- Gumani Garanayak, resident of At/Po- Neulapoi, Ps- Gondia, Dist- Dhenkanal, Odisha. My Aadhar Card bearing No. 8632 0518 2255. I have changed my name from **Rasananda Samal** (old name) to **Rasananda Garanayak** (new name). Henceforth, both name Rasananda Samal and Rasananda Garanayak is one & same person, I will be known as **Rasananda Garanayak** for all future purposes.

Rasananda Garanayak

**Notice (for Minor)**

By virtue of an affidavit sworn before Executive Magistrate, Baripada, Mayurbhanj dated 25.03.2025 with Serial No : 1838.i, Phulamani Murmu Resident of At-bhadua, Po-danadar, Ps-jharpakharia, Dist-mayurbhanj, Odisha, Pin-757032 declare that i have change the name of my son from Sambh Murmu To Sambhunath Murmu. Henceforth, He shall be known as Sambhunath Murmu for all purposes.

Phulamani Murmu

**ହଜିଯାଇଛି**

ମୁଁ ଦୁର୍ଗା ରଞ୍ଜନ ସିଂହ ବାବୁ, ପିତା ୰ ସତ୍ୟ ଚରଣ ସିଂହ ବାବୁ, At : AM2/03, Brooke Street, Covent Garden, Adhalia, PO:Phulnakhara, Dist- Cuttack, ଘୋଷଣା କରୁଅଛି ଯେ, ମୋର ସମ୍ପତ୍ତି ସହ ସମ୍ବନ୍ଧିତ ଏକ ମୂଳ ROR ପତ୍ରଟି କେଉଁଠି ହଜାଇ ଦେଇଛି, ଯାହାର ଖତିୟାନ ନଂ.686/1000, ପ୍ଲଟ୍ ନଂ. 1118/7081, କ୍ଷେତ୍ରଫଳ : A 0.060 Dec. ଓ ଜମିଦାରଙ୍କ ନାମ ଶ୍ରୀମତୀ ଡ଼ଲି ଦାସ ଓ ବୁଲୁଲ କିଶୋର ଦାସ, ମୌଜା-ଅଢ଼ାଳିଆ। ଏହି ROR ଟି ଏସ୍.ବି.ଆଇ. ହୋମ୍ ଲୋନ୍ ସେଣ୍ଟର, ମହାନଦୀ ବିହାର, କଟକ କୁ ଜମା କରିବାକୁ ଉଦ୍ଦିଷ୍ଟ। ଯଦି କାହାକୁ ଏହି ପତ୍ରଟି ମିଳେ, ତାହେଲେ ଦୟାକରି ଏହି ନମ୍ବରରେ ସମ୍ପର୍କ କରନ୍ତୁ। 9861077996

**AFFIDAVIT**

I, Saroj Kumar Samal, S/o- Prafulla Chandra Samal, resident of At- Bantala, Po- Kurujanga, Dist- Cuttack, PIN- 754208, Odisha declared by this affidavit No. 675, dtd- 22/08/2025 that now onwards I shall be known as **SAROJA KUMAR SAMAL** for all future purposes.

**Notice (for Minor)**

By virtue of an affidavit sworn before The court of Executive Magistrate, Baripada, Mayurbhanj, dated 02-08-2025 I, Chama Marndi, Address AT- Dubulabeda, PO- Kuabuda, PS- Chandua, Dist- Mayurbhanj, PIN-757014 declare that I have changed the name of my Son from Sankh Marndi to Sankha Marndi. Henceforth, he shall be known as Sankha Marndi for all purposes.

Chama Marandi

**AFFIDAVIT**

**I, Md Muzammilur Rahman S/o-Md. Mohinuddin Ahmed, resident of Aradbazar, PS-Sahadevkhunta, Balasore, Pin-756001, Odisha, declare by this affidavit No.7238 dtd. 20/06/2025 now onwards I shall be known as Md. Muzammilur Rahman for all future purposes.**

**AFFIDAVIT**

By virtue of an affidavit No. 5151 sworn before the Executive Magistrate, Champua, dated- 18/08/2025. I, Sunita Behera, W/o- Gouttam Behera, permanent resident of Vill- Jayamangalpur, Po- Kodagadia, Ps- Champua, Dist-Keonjhar, Pin- 758041, Odisha, I have changed my minor daughter's name from **Line Behera** (old Name) to **Liza Behera** (new name). Henceforth, she shall be known as **Liza Behera** for all future purposes.

Sd/- Sunita Behera

**AFFIDAVIT**

**I, Mrs Khoosnaz Raheman W/o-Md. Muzammilur Rahman, resident of Aradbazar, PS-Sahadevkhunta, Balasore, Pin-756001, Odisha, declare by this affidavit No. 7238 dtd. 20/06/2025, now onwards I shall be known as Khoosnaz Raheman for all future purposes.**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 29-KUR-TRD-OT-2025-26

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳରେ ଗାଲ୍ଭାନାଇଜ୍ଡ (Galvanized) ଷ୍ଟିଲ୍ ତାରର ସ୍ଥାନରେ ଆଣ୍ଟିକ୍ରିପ୍ (Anticreep) ତାରର ଭାବରେ କ୍ୟାଟେନାରୀ (Catenary) ତାରର ବ୍ୟବସ୍ଥା।

ବିଜ୍ଞାପିତ ମୂଲ୍ୟ : ₹ 79,10,763.04, EMD : ₹ 1,58,200/-, ଶେଷ ହେବା ଅବଧି : 365 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.27.08.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.09.2025ରିଖ 1300 ଘଣ୍ଟାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ କୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-509/Q/25-26

**AFFIDAVIT**

By virtue of an affidavit sworn before Executive Magistrate, Gop, CF.NO-273411, dated 02-08-2025 I, **RAMESH KUMAR NAYAK, S/o Bharat Nayak** permanent resident of Village At-Barimunda, PO- Baulanga, PS- Gop, Dist- Puri, State- Odisha, PIN- 752107, declare that I have changed my name from **RAMESH NAYAK** (Old name) to **RAMESH KUMAR NAYAK** (New name), Henceforth, I shall be known as **RAMESH KUMAR NAYAK** for all purposes.

Sd-( RAMESH KUMAR NAYAK )

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIII BBS2025031, ତା.14.08.2025ରିଖ

କାର୍ଯ୍ୟର ନାମ : EPC ମୋଡ୍‌ରେ ଉପଯୋଗି ବସ୍ତୁର ସ୍ଥାନାନ୍ତରଣ, ବିଦ୍ୟୁତୀକରଣ ଏବଂ ସିଗ୍ନାଲିଙ୍ଗ୍ ଏବଂ ଦୂରସଂଚାର କାର୍ଯ୍ୟ ସହିତ ଦୈତାରୀ ଷ୍ଟେସନ ଠାରୁ କାଳିପର୍ବତ ପର୍ଯ୍ୟନ୍ତ ନୂଆ ଲାଇନର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 10633.00 ଲକ୍ଷ, EMD : ₹ 53,16,500/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.12.2025ରିଖ 1200 ଘଣ୍ଟାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ... ଫର୍ମ (Firm)ର ... www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ... ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ... IREPS ପୋର୍ଟାଲରେ ...

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ... ସମସ୍ତ ନିର୍ଦ୍ଦେଶାବଳୀକୁ ... ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-83/CI/25-26

**LOST**

I, **Smt. Chhabi Rani Ghosh**, aged about 52 years, W/o Sibanjan Ghosh, present resident of At: QTR No. JIB-43, South Balanda Colony, Talcher, Dist-Angul, Odisha do hereby declare that, on dtd- 02/08/2025, while I was coming from NSCH Colony to my resident at Balanda Colony in as Autorickshaw, I have lost my original Sale Deed No- 10051700921, dt- 02/06/2017, Hal Khata no- 370/288, Plot No- 1917, Area- 60 dcml, Mouza- Tentulei with other documents which was kept in my hand bag. If anyone finds it kindly contact to my number 9090706201 or above the address.

Chhabi Rani Ghosh

**AFFIDAVIT**

By virtue of an affidavit sworn before Executive Magistrate, Gop, CF.NO-278012, dated 05-08-2025 I, **PRAVATI NAYAK, W/o Ramesh Kumar Nayak** permanent resident of Village At-Barimunda, PO- Baulanga, PS- Gop, Dist- Puri, State- Odisha, PIN- 752107, declare that I have changed my name from **PRAVATI RANI NAYAK** (Old name) to **PRAVATI NAYAK** (New name), Henceforth, I shall be known as **PRAVATI NAYAK** for all purposes.

Sd-( PRAVATI NAYAK )

**LOST**

I, **Lingaraj Mishra**, aged about 72 years, S/o Late Raghunatha Mishra, resident of At- Biraramachandrapur Part-4, PO- Biraramachandrapur, PS- Satyabadi, Dist- Puri, PIN- 752014, Odisha declare that on dtd. 01/08/2025, while I was coming from Sakhigopal bazar to my resident at Biraramachandrapur in a Auto Rickshaw, I have lost my original interim deed (Link Document) sale deed No. 11541500182 date- 25/03/2015 and ROR Mouza- Biraramachandrapur, Khata No. 1339/5019 in name of Padmaja Priyadarshini Mishra along with other documents which was kept in my hand bag somewhere said bag has been misplaced / lost anywhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim before the LICHFL, at: IPICOL House within 15 days from the date of publication and after that the documents will lose its legal force and LICHFL will not be responsible for any claim what-so-ever on the property after 15 days.

LICHFL Branch, BBSR
N.C. Pattnaik, Advocate
Mob: 9853311189

Office of the Principal Cum-Secretary
**SHREE JAGANNATH HIGHER SECONDARY SCHOOL**
AT/P.O.- PINGUA, DHENKANAL - 759016
Email Id- s.j.m.pingua@gmail.com

Applications are invited from the eligible candidates for the Contractual Post of **Watch Man** within 7 days, to the Administrative Officer, S.J. Higher Secondary School, Pingua, Dhenkanal.

Sd/- Administrative Officer
Shree Jagannath H.S. School

# ବିଦ୍ୟାଳୟ ନିକଟରେ ଅବାଧ ମଦ ବେପାର

## ଅବକାରୀ ବିଭାଗ ନିରବଦ୍ରଷ୍ଟା

**ଭଦ୍ରେଶ୍ୱର,୨୩।୮ (ସମିସ):** ମାହାଙ୍ଗା ବ୍ଲକ ଉମର ଗ୍ରାମପଞ୍ଚାୟତ ଓସ୍ତପୁର(ନାଳିପଡିଆ) ନିକଟରେ ଦୀର୍ଘଦିନ ହେଲା ଅବାଧରେ ଦେଶୀ ଓ ବିଦେଶୀ ମଦ ବିକ୍ରୟ କରାଯାଉଥିବା ଅଭିଯୋଗ ହୋଇଛି। ଏ ଦିଗରେ ସ୍ଥାନୀୟ ଅବକାରୀ ବିଭାଗ ସର୍ବୋପରି ପୁଲିସ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନାଳିପଡିଆ ନିକଟରେ ସ୍ଥାନୀୟ ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ରହିଛି। ଏହି ବିଦ୍ୟାଳୟ ନିକଟରେ ସ୍ପଷ୍ଟ ଦିବାଲୋକରେ ସ୍ଥାନୀୟ ଜଣେ ବ୍ୟକ୍ତି ଅବାଧରେ ଦେଶୀ ଓ ବିଦେଶୀ ମଦ ବିକ୍ରୟ କରିଆସୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ମଦ ବିକ୍ରୟ କରାଯାଉଥିବା କାରଣରୁ ଏହା ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପକାଉଥିବା ଅଭିଯୋଗ ହୋଇଛି। ଏପରିକି ମଦ୍ୟପମାନେ ନିଶାଗ୍ରସ୍ତ ଅବସ୍ଥାରେ ରାସ୍ତା ଉପରେ ପଡି ରହୁଥିଲା ବେଳେ ଅଶାଳୀନ ଭାଷାରେ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଲୋକେ ସ୍ଥାନୀୟ ଭଦ୍ରେଶ୍ୱର ଥାନାରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅବକାରୀ ବିଭାଗ ମଧ୍ୟ ଏକ ପ୍ରକାର ନିରବଦ୍ରଷ୍ଟା ସାଜିଛି। ଲୋକେ ଅଭିଯୋଗ କଲେ ମଧ୍ୟ ଏହି ଚୋରା ବ୍ୟବସାୟୀଙ୍କ ସହ ବିଭାଗୀୟ ଅଧିକାରୀଙ୍କର ଅସାଧୁ ମେଣ୍ଟ ରହିଥିବା ଚର୍ଚ୍ଚା ହେଉଛି। ଏପରିକି ଚଢଉ ପୂର୍ବରୁ ସମ୍ପୃକ୍ତ ମଦ ବ୍ୟବସାୟୀଙ୍କୁ ଆଗୁଆ ସୂଚନା ପ୍ରଦାନ କରାଯାଉଛି। ଫଳରେ ଲୋକଦେଖାଣିଆ ନାମକୁ ମାତ୍ର ଚଢଉ ପୂର୍ବରୁ ମଦ ବ୍ୟବସାୟୀ ଅକ୍ଲେଶରେ ଖସି ଯାଉଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

# ଦୋକାନ ଭିତରେ ପଶିଗଲା ପିକ୍‌ଅପ



**ଟିଗିରିଆ,୨୩।୮ (ସମିସ):** ଟିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ହାଟଛକ ନିକଟରେ ଗୋଟିଏ ପାନ ଦୋକାନ ଭିତରେ ଭାରସାମ୍ୟ ହରାଇ ପିକଅପ ଗାଡ଼ି ପଶି ଯାଇଥିଲା। ଏହି ଘଟଣାରେ ଦୋକାନର ଆଜବେଷ୍ଟସ ସହ ଅନ୍ୟାନ୍ୟ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଛି। ଏହି ସମୟରେ ଦୋକାନ ବାହାରେ ବସିଥିବା ଜଣେ ବ୍ୟକ୍ତିଙ୍କ ବାଇକ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିବା ବେଳେ ବ୍ୟକ୍ତି ଜଣକ ଆହତ ହୋଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଯେ ଶନିବାର ଦିନ ପ୍ରାୟ ଦୁଇଟା ସମୟରେ ବାଙ୍କୀ ଥାନା ଅନ୍ତର୍ଗତ ବୈଦେଶ୍ୱର ଅଞ୍ଚଳର ପିକଅପ ଗାଡି ବଡମ୍ବା ଆଡୁ ଆସି ବିନ୍ଧାଣିମା ହାଟ ଛକ ଦେଇ ନଦୀକୂଳ ରାସ୍ତାରେ ଭୁବନେଶ୍ୱର ଯାଉଥିଲା। ଏହି ସମୟରେ ବିନ୍ଧାଣିମା ହାଟ ଛକ ନିକଟରେ ଗାଡିର ଡ୍ରାଇଭର ଭାରସାମ୍ୟ ହରାଇ ହାଟ ଛକ ନିକଟରେ ପାନ ଦୋକାନ କରିଥିବା ମଙ୍ଗରାଜ ସ୍ୱାଇଁଙ୍କ ପାନ ଦୋକାନ ମଧ୍ୟକୁ ପଶି ଯାଇଥିଲା।

# ଅଙ୍ଗନବାଡ଼ି ଓ ସ୍କୁଲରୁ ଚୋରି

**ନରସିଂହପୁର,୨୩।୮ (ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ନରସିଂହପୁର ଥାନା ଅନ୍ତର୍ଗତ ଘୋରାଡ଼ିଆ ଗ୍ରାମର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ୭ କୁଇଣ୍ଟାଲ ଚାଉଳ ଏବଂ ପରିସରରେ ଥିବା ଦୁଇଟି ଅଙ୍ଗନବାଡି କେନ୍ଦ୍ରରୁ ୩ଟି ଗ୍ୟାସ ଟାଙ୍କି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଏକାଧିକ ଦୁର୍ବୃତ୍ତ ତିନୋଟି ସ୍ଥାନରୁ ଏକାକାଳୀନ ଭାବେ ଚୋରି କରିଛନ୍ତି। ଶନିବାର ସକାଳୁ ବିଦ୍ୟାଳୟ ପରିସରକୁ ଶିକ୍ଷକ ପଶିବା ମାତ୍ରେ ବିଦ୍ୟାଳୟ ଗୃହର ତାଲା ଭଙ୍ଗା ଯାଇଥିବାର ଦେଖିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ନରସିଂହପୁର ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆଙ୍କୁ ଗ୍ରାମବାସୀ ଜଣାଇଥିଲେ। ପୁଲିସ ପହଞ୍ଚି ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି।

### ଜେଏନ୍ କଲେଜ ଛାତ୍ରୀଙ୍କୁ ଆକ୍ରମଣ ଘଟଣା

# ବନ୍ଧାହେଲେ ୨ ଅଭିଯୁକ୍ତ



**ମାହାଙ୍ଗା, ୨୩।୮ (ସମିସ):** ମାହାଙ୍ଗା ଥାନା ମୂଳବସନ୍ତ ଗ୍ରାମର ଜଣେ ଜେଏନ୍ କଲେଜ ଛାତ୍ରୀକୁ ମରଣାନ୍ତକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତକୁ ଉଠାଇ ଆଣିଛି ପୁଲିସ। ଅଭିଯୁକ୍ତଦ୍ୱୟ ହେଲେ ସୁନାକର ନାୟକ ଏବଂ ଚନ୍ଦନ ନାୟକ। ସୂଚନା ଅନୁସାରେ, ଗତ ୧୯ ତାରିଖ ପୂର୍ବାହ୍ଣ ୧୧.୩୦ ସମୟରେ କଲ୍ୟାଣପୁର ଗ୍ରାମ ନିକଟ କେନାଲ ବନ୍ଧ ଉପରେ ଜେଏନ କଲେଜକୁ ଯାଉଥିବା ଶୁଭସ୍ମିତା ସାହୁଙ୍କୁ ୨ ଜଣ ଅଜଣା ବାଇକ ଆରୋହୀ ଏକ ଧାରୁଆ ଛୁରି ଦ୍ୱାରା ଆକ୍ରମଣ କରିଥିଲେ। ପରେ ସାହସିକତାର ସହିତ ଛାତ୍ରୀ ଜଣକ ସେମାନଙ୍କ ମୁକାବିଲା କରିଥିଲେ। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ବାଇକ ଧରି ଫେରାର ହୋଇଯାଇଥିଲେ। ଆହତ ଛାତ୍ରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ଅପରାଧୀଙ୍କୁ ଗିରଫ ପାଇଁ ପୁଲିସ ଉପରେ ଜୋର୍‌ଦାର ଚାପ ପଡ଼ିଥିଲଶ। ଗ୍ରାମାଞ୍ଚଳ ଏସପିଙ୍କ ନିର୍ଦ୍ଦେଶ ଏବଂ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତିଙ୍କ ତତ୍ପରତା ଯୋଗୁଁ ମାହାଙ୍ଗା ଆଇଆଇସି ତପନ ରାଉତଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁର ଗାଁରୁ ଏହି ୨ ଜଣ ଅସାମାଜିକ ଯୁବକଙ୍କୁ ଧରିବାରେ ସଫଳ ହୋଇଛି ପୁଲିସ। ଛାତ୍ରୀଙ୍କୁ ଆକ୍ରମଣ ବେଳେ ବ୍ୟବହୃତ ଛୁରି, ବଳା ଏବଂ ଏକ ବାଇକକୁ ମଧ୍ୟ ଜବତ କରିଛି ମାହାଙ୍ଗା ପୁଲିସ। ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ ପରେ ପୀଡ଼ିତ ପରିବାର ପକ୍ଷରୁ ଦୋଷୀଙ୍କୁ କଡ଼ା ଦଣ୍ଡ ମିଳୁ ବୋଲି ଉକ୍ତ ଆକ୍ରମଣ ଶିକାର ଛାତ୍ରୀ ଏବଂ ପରିବାର ପକ୍ଷରୁ ଦାବି ହୋଇଛି।

# ବେସରକାରୀ ଅଧ୍ୟାପକ-କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଜାରି



**ଟିଗିରିଆ,୨୩।୮ (ସମିସ):** ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନକ୍ରମେ ଟିଗିରିଆର କଳିଙ୍ଗ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ପ୍ରସନ୍ନ ପୁରୁଷୋତ୍ତମଦେବ ମହାବିଦ୍ୟାଳୟରେ ଦୀର୍ଘ ୧୫ ବର୍ଷ ଧରି ଚାକିରି କରିଥିବା ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ଧର୍ମଘଟ ଆଜି ୬ଦିନ ପୁରିଛି। ୨୦୦୮ ରୁ ୨୦୧୮ ପର୍ଯ୍ୟନ୍ତ ନୂତନ ଜିଆଇଏ ବାହାର କରାଯାଉ ନଥିବାରୁ କେବଳ ଟିଗିରିଆ ନୁହେଁ ସମଗ୍ର ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଜିଲ୍ଲା ସଂଯୋଜକ କେଶବଚନ୍ଦ୍ର ସାହୁଙ୍କ ସମେତ ପ୍ରଶାନ୍ତ କୁମାର ବେହେରା, କୁମୁଦୁନୀ ଦାସ, ଶ୍ରଦ୍ଧାଞ୍ଜଳି ଦାସ, କବିତା ପ୍ରଧାନ, ସଂଯୁକ୍ତା ସ୍ୱାଇଁ, କବିତା ଗୁରୁ, ସୁନିତା ଦେଇ, ସୁରେଶଚନ୍ଦ୍ର ବେହେରା ଏବଂ ଅନ୍ୟାନ୍ୟ କର୍ମଚାରୀମ ସାମିଲ ଅଛନ୍ତି।

# ଶିକ୍ଷାକେନ୍ଦ୍ରରେ କୃମି ଔଷଧ ବଣ୍ଟନ

**ଟାଙ୍ଗୀ,୨୩।୮ (ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କୁ କୃମି ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ପୌରହିତରେ ଅନୁଷ୍ଠିତ ବଣ୍ଟନ କାର୍ଯ୍ୟକ୍ରମରେ ଆଶା କର୍ମୀ ବିଳାସୀ ବେହେରା ଯୋଗଦେଇ ୧୩୫ ଜଣ ଛାତ୍ରଛାତ୍ରୀଙ୍କୁ କୃମି ଔଷଧ ବଣ୍ଟନ କରିଥିଲେ। ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ ଓ ଅଭିଭାବକ ସହଯୋଗ କରିଥିଲେ।



# ବେଣ୍ଟପଦା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**ଆଠଗଡ,୨୩।୮ (ସମିସ):** ଆଠଗଡ଼ ବ୍ଲକ ଅନ୍ତର୍ଗତ ବେଣ୍ଟପଦା ନୋଡାଲ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରଧାନଶିକ୍ଷକ ପବିତ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ଲକ୍ଷ୍ମୀନାରାୟଣ ଭଞ୍ଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଠଗଡ଼ ବ୍ଲକ ଶିକ୍ଷାଧିକାରୀ କବିରାଜ ଜେନା, ସରପଞ୍ଚ ଶ୍ରୀକାନ୍ତ ପଣ୍ଡା, ସମିତି ସଭ୍ୟ ରୂପା ମଲ୍ଲିକ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ ଏବଂ ସ୍କୁଲ ପରିଚାଳନା କମିଟିର ସଭାପତି ବିଭୂପ୍ରସାଦ ସେଠୀ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରଧାନଶିକ୍ଷକ ନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଦ୍ୟୁତ ବିଭାଗ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ହଟହଟା

# ଅଟକ କର୍ମଚାରୀ ଉଦ୍ଧାର



**ନିଶ୍ଚିନ୍ତକୋଇଲି, ୨୩।୮ (ସମିସ):** ବିଦ୍ୟୁତ୍ ଉପଭୋକ୍ତାଙ୍କ ଘରେ ଚୋରା ବିଦ୍ୟୁତ୍ ବ୍ୟବହାରକୁ ରୋକିବା ପାଇଁ ଟାଟା ପାୱାର କମ୍ପାନୀର ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ଙ୍କ ଦବଙ୍ଗଗିରି ପାଇଁ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ଉପଭୋକ୍ତାମାନେ ବିରୋଧ କରି କର୍ମଚାରୀଙ୍କୁ ଅଟକ ରଖିଥିଲେ। ଶେଷରେ ପୁଲିସ ଆସି ସେମାନଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଗତ ଶୁକ୍ରବାର ଅସୁରେଶ୍ୱର ବିଦ୍ୟୁତ୍ ସେକସନ ଜମରା ପଞ୍ଚାୟତ ଆଙ୍ଖାପୁର ଗାଁରେ ବିଦ୍ୟୁତ୍ ଉପଭୋକ୍ତ ମାନିନୀ ମଳିକଙ୍କ ଘରେ ଯାଞ୍ଚ ଆଳରେ ଫଟୋ ସହ ଭିଡିଓ ଉତ୍ତୋଳନ କରାଯାଇଥିଲା। ସମ୍ପୃକ୍ତ ଗ୍ରାମବାସୀଙ୍କ ଦ୍ୱାରା ଏହି ଟିମ୍‌ର କର୍ମଚାରୀକୁ ଅଟକ ରଖାଯାଇଥିଲା ବେଳେ ଖବର ପାଇ ନେମାଳ ଥାନା ପୁଲିସ ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ହସ୍ତକ୍ଷେପରେ ସେମାନେ ଉଦ୍ଧାର ହୋଇଥିବା ଜଣାଯାଇଛି। ଆଙ୍ଖାପୁର ଗାଁର ଜଣେ ବିଦ୍ୟୁତ ଉପଭୋକ୍ତାଙ୍କ ଘରେ ପରିବାରର ଲୋକେ କେହି ନଥିଲା ବେଳେ ହଠାତ୍ କର୍ମଚାରୀ ଘରେ ପଶିଥିଲେ। ଘରେ ଥିବା ବୋହୂ ମାନିନୀ ମଳିକ ସମ୍ପୃକ୍ତ କର୍ମଚାରୀଙ୍କ ପରିଚୟ ପଚାରିବାରୁ ସେ କୌଣସି ଉତ୍ତର ନଦେଇ ମନଇଚ୍ଛା ଭିଡ଼ିଓ, ଫଟୋ ଉତ୍ତୋଳନ କରି ଚାଲିଥିଲେ। ଏଥିରେ ମାନିନୀ ଭୟଭୀତ ହୋଇ ସ୍ଥାନୀୟ ଲୋକଙ୍କୁ ଡ଼ାକ ପକାଇବାରୁ ଗାଁ ଲୋକମାନେ କର୍ମଚାରୀଙ୍କୁ ଘେରି ଯାଇଥିଲେ। ଏ ସଂକ୍ରାନ୍ତରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ କହିଛନ୍ତି, କମ୍ପାନୀର ସ୍କ୍ୱାଡ୍ କେଉଁ ସ୍ଥାନକୁ କେତେବେଳେ କେଉଁ ଉପଭୋକ୍ତାଙ୍କ ଘରକୁ ଯାଞ୍ଚ କରିବାକୁ ଯାଉଛନ୍ତି ସେ ସଂକ୍ରାନ୍ତରେ ତାଙ୍କୁ ମଧ୍ୟ ସୂଚନା ଦିଆଯାଉନାହିଁ।

# 'ମିଶନ ମେରିଟ' କାର୍ଯ୍ୟକ୍ରମର ସମୀକ୍ଷା



**ଟିଗିରିଆ,୨୩।୮ (ସମିସ):** କଟକ ଜିଲ୍ଲାରେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତାକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଜିଲ୍ଲାପାଳ ମିଶନ ମେରିଟ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିନେଇ ଟିଗିରିଆ ବ୍ଲକ୍ ଶିକ୍ଷାଧିକାରୀ ଅମର କୁମାର ମହାରଣାଙ୍କ ନେତୃତ୍ୱରେ ଟିଗିରିଆ ବ୍ଲକ୍‌ର ୧୩ଟି ଉଚ୍ଚବିଦ୍ୟାଳୟର ୭୦ଜଣ ଛାତ୍ରଛାତ୍ରୀଙ୍କୁ ମେରିଟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିଛନ୍ତି। ଯାହାକୁ ଅଭିଭାବକ ମହଲେ ସ୍ୱାଗତ କରାଯାଇଛି। ଏହାକୁ ନେଇ ଶ୍ରୀ ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ସ୍ଥାନୀୟ ପବିତ୍ର ମୋହନ ସରକାରୀ ଉଚ୍ଚବିଦ୍ୟାଳୟରେଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ବଡମ୍ବା ବ୍ଲକ୍ ପୂର୍ବତନ ଶିକ୍ଷାଧିକାରୀ ପ୍ରକାଶ ମଉଗଦ ସିଂ, ଆଠଗଡ ପୂର୍ବତନ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ଦେବୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସିଂଗୋ ହାଂସଦା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକର ସମସ୍ତ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଆଲୋଚନାରେ ଭାଗ ନେବା ସହିତ ଚଳିତ ବର୍ଷ ବ୍ଲକକୁ ଜିଲ୍ଲାରେ ୧ନଂ କରିବା ପାଇଁ ସମସ୍ତ ପଦକ୍ଷେପ ମାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅତିଥି ଭାବେ ବ୍ଲକ ସାଧାନ କେନ୍ଦ୍ର ସଂଯୋଜକ ମାଧବଚନ୍ଦ୍ର ଦେଉରୀ ଏବଂ ସହ ଶିକ୍ଷାଧିକାରୀ ସୌଦାମିନୀ ମିଶ୍ର ଯୋଗ ଦେଇଥିଲେ।

# ପ୍ରାଣଯୋଗ ପ୍ରତିଷ୍ଠାନ ପକ୍ଷରୁ ଜାତୀୟ ମହାକାଶ ଦିବସ



**ବଡମ୍ବା,୨୩।୮ (ସମିସ):** ପ୍ରାଣଯୋଗ ପ୍ରତିଷ୍ଠାନ ଆନୁକୂଲ୍ୟରେ ବଡମ୍ବାସ୍ଥିତ କର ବିଜ୍ଞାନ ଓ ବୈଷୟିକ ଏକାଡେମୀ ପରିସରରେ ଜାତୀୟ ମହାକାଶ ଦିବସ ପାଳନ କରାଯାଇଛି। ପ୍ରତିଷ୍ଠାନ ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ସୁବାସଚନ୍ଦ୍ର ଆଶ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ କେଦାର କୁମାର ସାହୁ, ଅଧ୍ୟାପକ ଶଶିକାନ୍ତ ଦାସ ଯୋଗଦେଇଥିଲେ। ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷା ବେଦ ଆଚାର୍ଯ୍ୟା ପ୍ରବୀଣା ମହାନ୍ତି ସଭା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଦିବ୍ୟଜିତ ନାୟକ, ସ୍ନେହଲତା ପରିଡା, ବିଶ୍ୱଜିତ ବେହେରା, ଚନ୍ଦ୍ରଶେଖର ଦଳେଇ, ଶୁଭସ୍ମିତା ଲେଙ୍କା ପ୍ରମୁଖ ୫ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସ୍ୱୀକୃତିପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଜହ୍ନରୂପା ମଲ୍ଲିକ, ବାସନ୍ତୀ ଦେଇ ପ୍ରମୁଖ ସହଯୋଗ କରିଥିଲେ। ଅଧୀକ୍ଷକ ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୈତନ୍ୟ ସାହୁ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ



**ଟିଗିରିଆ,୨୩।୮ (ସମିସ):** ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଚୈତନ୍ୟ ସାହୁ ସ୍ନାତକ ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ପ୍ରଥମ ବାର୍ଷିକ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ପାଳିତ ହୋଇଯାଇଛି। ସ୍ନାତକ ଶ୍ରେଣୀର ତୃତୀୟ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଗବନ୍ଧୁ ଦାସ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଦେବରାଜ ପଣ୍ଡା, ସୁରେଶ ପଣ୍ଡା, ବିନାୟକ ପଣ୍ଡା, ସରୋଜ ପାଣିଗ୍ରାହୀ, ସୁଧାକର ମୁଦୁଲି, ଜଗତ ପାଣିଗ୍ରାହୀ, ପ୍ରକାଶ ତୋଷ, ଶୁଭେନ୍ଦୁ ସାହୁ, ଅଧ୍ୟାପିକା ସିପ୍ରା ମହାପାତ୍ର, ବିଦ୍ୟୁଲତା ବାରିକ, ଅନ୍ନପୂର୍ଣ୍ଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ନୂତନ ଛାତ୍ରଛାତ୍ରୀଙ୍କୁ ତୃତୀୟ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ପୁଷ୍ପ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଶ୍ରୀ ଦାସ ଛାତ୍ର ଓଁପ୍ରକାଶ ସେଠୀଙ୍କୁ ମିଷ୍ଟର ଫ୍ରେସର ଓ ଛାତ୍ରୀ ଦୀପା ପଣ୍ଡାଙ୍କୁ ମିସ ଫ୍ରେସରରେ ସମ୍ମାନିତ କରିଥିଲେ।

# ଆଞ୍ଚଳିକ ଶାନ୍ତି କମିଟିର କାର୍ଯ୍ୟକାରିଣୀ ବୈଠକ



**ଫୁଲନଖରା,୨୩।୮ (ସମିସ):** ପ୍ରତାପନଗରୀସ୍ଥିତ ମା' ଧାକୁଲେଇଙ୍କ ମଣ୍ଡପ ସଭାଗୃହରେ ସଦର ଆଞ୍ଚଳିକ ଶାନ୍ତି କମିଟିର ଏକ କାର୍ଯ୍ୟକାରିଣୀ ବୈ÷ଠକ ସଭାପତି ନିମାଇଁ ଚରଣ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସେପ୍ଟେମ୍ବର ମାସରେ ସଦର ଥାନାଞ୍ଚଳରେ ଥିବା ସମସ୍ତ ପୂଜା ମଣ୍ଡପକୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଚାରୋଟି ୱାଡର୍‌ର କର୍ପୋରେଟର, ୧୧ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ୨ଟି ଜୋନ ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି, ପ୍ରମୋଦ ସ୍ୱାଇଁ, ଉପଦେଷ୍ଟା ଡ ଶରତ କୁମାର ରଥ, ସଂପାଦକ ତଥା ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ବିକ୍ରମ ଶତପଥୀ, ରାଜେଶ ସ୍ୱାଇଁ, ପ୍ରମୋଦ ଓଝା, ନଳିନୀ ସେନାପତି, ସୁଶାନ୍ତ ମହାନ୍ତି, ବାଦଲ ଜେନା, ଅନିଲ ବେଉରା, ଆଇନଜୀବୀ ଦିଲ୍ଲୀପ ମହାରଣା, କ୍ଷୀରୋଦ ପଟ୍ଟନାୟକ, କଳ୍ପତରୁ ଖୁଣ୍ଟିଆ, ପ୍ରସନ୍ନ ପ୍ରଧାନ, ଗୋବିନ୍ଦଚନ୍ଦ୍ର ରାଉତ, ମହେଶ୍ୱର ଭଟ୍ଟ, ପ୍ରଦୀପ କୁମାର ଦାସ, ଆଦିତ୍ୟ ଛୋଟରାୟ, ରାଜକିଶୋର ବେହେରା, ବିଭୂତି ଭୂଷଣ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

# କଟିକଟା-ଜୟପୁର ରାସ୍ତା ବେହାଲ୍; ମରାମତି ଦାବି

**ନିଶ୍ଚିନ୍ତକୋଇଲି,୨୩।୮ (ସମିସ):** କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ କଟିକଟା-ଜୟପୁର ମୁଖ୍ୟରାସ୍ତା ଏବେ ମରଣଯନ୍ତା ପାଲଟିଛି। କିଛି ଦିନ ହେବ ଲଗାଣ ବର୍ଷାରେ ଏହି ପିଚୁ ରାସ୍ତାର ଅନେକ ସ୍ଥାନରେ ପିଚୁ ଓ ଗୋଡ଼ି ଉଠିଯାଇ ବଡ଼ ବଡ଼ ଗର୍ତ୍ତମାନ ସୃଷ୍ଟି ହୋଇଛି। ରାସ୍ତାର ଏହି ଗର୍ତ୍ତରେ ବର୍ଷା ପାଣି ଭର୍ତ୍ତି ହୋଇ ରହୁଥିବାରୁ ଯାନବାହନ ଯାତାୟାତରେ ନାହିଁ ନଥିବା ସମସ୍ୟା ଉପୁଜିଛି। ଉକ୍ତ ରାସ୍ତାଟି କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଏକ ସଂଯୋଗୀକରଣ ରାସ୍ତା ଅଟେ। ଦ୍ୱୀପାଞ୍ଚଳର ୨୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଲୋକ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଜଗତସିଂହପୁର ଜିଲ୍ଲାର ଝଙ୍କଡ଼ସ୍ଥିତ ମା' ଶାରଳାଙ୍କ ପୀଠ, ଗୋରଖନାଥ ପୀଠ, ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ, ମା' ହରଚଣ୍ଡୀ ମନ୍ଦିର,



ରଘୁନାଥଜୀଉ ମନ୍ଦିର ଆଦି ବିଭିନ୍ନ ଧର୍ମ ସ୍ଥାନ, ସ୍କୁଲ, କଲେଜ ଓ କାର୍ଯ୍ୟାଳୟକୁ ଶହ ଶହ ଗାଡ଼ିରେ ହଜାର ହଜାର ଲୋକ ଯାତାୟାତ କରନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବହୁ ଯାତ୍ରୀବାହୀ ବସ୍ ଓ ବିଭିନ୍ନ ମାଲବାହୀ ଟ୍ରକ ମଧ୍ୟ ଯାତାୟାତ କରିଥାନ୍ତି। ହେଲେ ଏହି ରାସ୍ତାର ଚିତ୍ରୋତ୍ପଳା ନଦୀଗଡ଼ାଠାରୁ ସେକସନ୍ ବଜାର ପର୍ଯ୍ୟନ୍ତ ଓ ନରେନ୍ଦ୍ରପୁରଠାରୁ କଟିକଟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ ମାନ ସୃଷ୍ଟି ହୋଇଛି। ପୂର୍ବରୁ ଏହି ରାସ୍ତାକୁ କମ୍ ଦିନ ହେବ ମରାମତି କରାଯାଇଥିଲେ ମଧ୍ୟ ସଠିକ୍ ଭାବେ କାର୍ଯ୍ୟ ହୋଇ ନଥିବାରୁ ବର୍ତ୍ତମାନ ଏଭଳି ଅବସ୍ଥା ଦେଖାଯାଇଛି। ଏହି ରାସ୍ତା ଦେଇ ଯାନବାହନ ଯାତାୟାତ ବେଳେ ଛୋଟବଡ଼ ଦୁର୍ଘଣଟା ମାନ ଘଟୁଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ନିମନ୍ତେ ସାଧରଣରେ ଦାବି ହୋଇଛି।



### ମଣ୍ଡପରେ ସଚେତନତାର ବାର୍ତ୍ତା

# ସିଜୁଆ ଗଣେଶ ପୂଜାରେ 'ସୀତା ହରଣ'

ଭୁବନେଶ୍ୱର, ୨୩।୮ (ସମିସ): ଯୁଗଜ୍ୟୋତି ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ସିଜୁଆ ଗଣେଶ ପୂଜା ମଣ୍ଡପରେ ଏଥର ଥିମ୍ ରହିଛି ସୀତା ହରଣ। ଏଥିସହିତ ୮୦ ଫୁଟର ତୋରଣ ସହିତ ୧୫ ଫୁଟର ମୂର୍ତ୍ତି ମଣ୍ଡପରେ ଶୋଭା ପାଇବ। ମଣ୍ଡପ ଠାରୁ ୩ କିଲୋମିଟର ଯାଏ ସଜେଇ ହେବ ଆଲୋକର ତୋରଣ ଏହା ସହ ଭକ୍ତଙ୍କ ମନୋରଞ୍ଜନ ପାଇଁ ୩୦, ୩୧ ଓ ୧ ତାରିଖ ତିନି ଦିନ ଧରି ଯାତ୍ରା ସିଂହବାହିନୀର ଫ୍ରି 'ସୋ ର ମଧ ବ୍ୟବସ୍ଥା କରାଯିବା ସହ ଭକ୍ତଙ୍କ ପାଇଁ ପ୍ରସାଦର ମଧ ବ୍ୟବସ୍ଥା କରାଯାଇଛି। ଏହିପରି ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ୧୫ଟି ସିସିଟିଭି ଲଗାଯିବାର ବ୍ୟବସ୍ଥା କରାଯାଇଛି ଓ ୧୫୦ ଜଣ ଭଲ୍ୟୁଣ୍ଟିୟରଙ୍କୁ ମଣ୍ଡପରେ ନିୟୋଜିତ କରାଯିବାର ବ୍ୟବସ୍ଥା ରହିଛି।

ସଭାପତି ବବ୍ରୁବାହାନ ଗୁମାନସିଂ କହିଛନ୍ତି ଯେ ଏ ଯୁଗରେ ରାବଣଙ୍କୁ ଚିହ୍ନନ୍ତୁ। ଏଥର ଗଣେଶ ପୂଜାରେ ଯୁଗ ଜ୍ୟୋତି ଯୁବକ ସଂଘ, ସିଜୁଆ ପକ୍ଷରୁ ନୂଆ ଧାରଣାରେ ପୂଜା ଆୟୋଜନ କରାଯାଉଛି। ପ୍ରତିବର୍ଷ ପରମ୍ପରାଗତ ଭାବେ ବିଭିନ୍ନ ରୂପକ ଦ୍ୱାରା ସମାଜରେ ସନ୍ଦେଶ ଦେବା ପ୍ରୟାସ କରୁଥିବା ସଂଘ ଏଥର ସୀତା ହରଣ ବିଷୟ ବସ୍ତୁକୁ ନିଆଯାଇଛି। ଏହି ଧାରଣା ମାଧ୍ୟମରେ ସମାଜରେ 'ନାରୀ ମୂର୍ଖ ନୁହେଁ, ତାଙ୍କୁ ଅବହେଳା କରିବା ଉଚିତ୍ ନୁହେଁ' ବୋଲି ସଚେତନତା ସନ୍ଦେଶ ପ୍ରସାର କରାଯିବ। ଆଜିର ସମୟରେ ମାୟାଧରୀ ରାବଣମାନେ ସବୁଠି ଅଛନ୍ତି। ଯେଉଁମାନେ ନାରୀଙ୍କୁ ପଥଭ୍ରଷ୍ଟ କରିବାକୁ ଚେଷ୍ଟା କରନ୍ତି। ତେଣୁ ଏହି ପ୍ରଦର୍ଶନୀ ମାଧ୍ୟମରେ ସମସ୍ତଙ୍କୁ ସଚେତନ ଓ ସାବଧାନ ହେବାକୁ ଆହ୍ୱାନ କରାଯାଉଛି। ଆମର ଉଦେଶ୍ୟ କେବଳ ପୂଜା କରିବା ନୁହେଁ, ସମାଜକୁ ସୁନ୍ଦର ସନ୍ଦେଶ ଦେଇ ସଚେତନତା ପ୍ରସାର କରିବା ବୋଲି ସଂଘର ସଦସ୍ୟମାନେ କହିଛନ୍ତି।

ସେହିଭଳି ସିଜୁଆ ଗଣେଶ ପୂଜା ପାଇଁ ମଣ୍ଡପ ସୌନ୍ଦର୍ଯ୍ୟକରଣଠାରୁ ଆରମ୍ଭ କରି ଅନ୍ୟାନ୍ୟ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା ମଣ୍ଡପ ପରିସର ସଫାସୁତରା କରାଯିବା ସହ କମିଟିର ସଦସ୍ୟମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଲାଗିଛନ୍ତି। ପ୍ରକଶ ଥାଉ କି ଏ ହି ପୂଜା ଦେଖିବା ପାଇଁ ସିଜୁଆ ସମେତ ପାତ୍ରପଡ଼ା, ଭଗବାନପୁର, ଡୁମୁଡୁମା, ସରକନ୍ତରା ଆଦି ଅଞ୍ଚଳରୁ ହଜାର ହଜାର ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା କରାଯିବା ସହ ସୁରକ୍ଷା ଏବଂ ଟ୍ରାଫିକ୍ ବ୍ୟବସ୍ଥାକୁ ମଧ ବ୍ୟବସ୍ଥିତ କରାଯାଇଛି ବୋଲି କମିଟି ପକ୍ଷରୁ କୁହାଯାଇଛି।



**ଲାଗିବ ୧୫ ସିସିଟିଭି କ୍ୟାମେରା, ନିୟୋଜିତ ହେବେ ୧୫୦ ଭଲ୍ୟୁଣ୍ଟିୟର**

## ୟୁନିଟ୍ ୧ରେ ରାୟପୁର ଶୈଳୀର ଗଣେଶ

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଣେଶ ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ନୂଆ ନୂଆ ଥିମ୍‌ରେ ଗଣେଶଙ୍କ ମୂର୍ତ୍ତି ନିର୍ମାଣ ହୋଇଛି। ସେହିଭଳି ୟୁନିଟ୍ ୧ ଅଞ୍ଚଳରେ ଶ୍ରୀ ଶ୍ରୀ ସିଦ୍ଧିବିନାୟକ ୟୁଥ୍ ଆସୋସିଏସନ୍ ମଧ ଚଳିତ ବର୍ଷ ପୂଜାକୁ ନୂତନ ଢଙ୍ଗରେ କରିବାକୁ ପଛାଇ ନାହିଁ। ସେହି ପରିପେକ୍ଷୀରେ ଏଥର ରାୟପୁର ଶୈଳୀର ଗଣେଶଙ୍କୁ ଦେଖିବାକୁ ମିଳିବ। ଯେଉଁଠି ରାୟପୁରର ୭ ଜଣ କାରିଗର ମୂର୍ତ୍ତି ନିର୍ମାଣରେ ଲାଗିଛନ୍ତି। ମୂର୍ତ୍ତିର ଉଚ୍ଚତା ୧୨ ଫୁଟ୍ ଥିବାବେଳେ ମୁଖ୍ୟ ତୋରଣର ଉଚ୍ଚତା ୧୫ ଫୁଟ୍ ରହିଛି।

ସେହିପରି ପୂଜାକୁ ଆକର୍ଷଣୀୟ କରିବାକୁ କୋଲକାତାର ୧୦ ଜଣ କାରିଗର ଆସିଛନ୍ତି। ଅନ୍ୟପଟେ ଗଣେଶଙ୍କ ପାଖରେ ଏଥର ୧୨୦ କିଲୋର ଲଡୁ ଲାଗି ହେବ। ପୂଜା ଦିନଠୁ ୫ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି ଏବଂ ଶନିବାର ଦିନ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି। ପୂଜାକୁ ଆହୁରି ଆକର୍ଷଣୀୟ କରିବାକୁ ବାଉଁଶର କଳାକୃତି ସାଙ୍ଗକୁ ଶେଷ ଦିନରେ ସନ୍ଧ୍ୟାରେ ଲାଇଟ୍ ଶୋ ର ମଧ ଆୟୋଜନ କରାଯାଇଛି ବୋଲି ଅନୁଷ୍ଠାନର ସଦସ୍ୟ ପତି ଭେଙ୍କଟ ରମଣ ସୂଚନା ଦେଇଛନ୍ତି। ଚଳିତ ବର୍ଷର ପୂଜା ୪୧ ତମ ବର୍ଷରେ ପଦାର୍ପଣ କରିଥିବେବେଳେ ବିଗତ ଦୁଇ ବର୍ଷରେ ଚନ୍ଦ୍ରଯାନ - ୩ ଏବଂ ଇଣ୍ଡିଆଗେଟର ଥିମ୍‌ରେ ଗଜାନନ ଦର୍ଶନ ଦେଇଥିଲେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।



**ଲାଗି ହେବ ୧୨୦ କିଲୋର ଲଡୁ**

### ସହିଦନଗରରେ ପ୍ରସ୍ତୁତି ଚୂଡ଼ାନ୍ତ

## ମଣ୍ଡପରେ ହାତୀ ସୁରକ୍ଷାର ବାର୍ତ୍ତା

ପ୍ରତ୍ୟେକ ବର୍ଷପରି ଚଳିତ ବର୍ଷ ମଧ ସହିଦନଗରସ୍ଥିତି ୱିନର ଆସୋସିଏସନ ପକ୍ଷରୁ ଗଣେଶ ମହୋତ୍ସବ ଆୟୋଜିତ ହେଉଛି। ଚଳିତ ବର୍ଷର ବିଶେଷତା ପ୍ରଭୁ ଗଣେଶଙ୍କୁ ଗଜ ରଥେ ଗଜାନନ ରୂପେ ପ୍ରତିଷ୍ଠା କରାଯାଇଛି। ପୂଜାର ମୁଖ୍ୟ ଆକର୍ଷଣରେ ଗଜାନନଙ୍କ ପାଖରେ ୮୧ କିଲୋଗ୍ରାମର ଲଡୁ ଭୋଗ ଦିଆଯିବ। ଚଳିତବର୍ଷ ମୂର୍ତ୍ତିର ଉଚ୍ଚତା ୪୬ ଫୁଟ, ସହିତ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

୨୦୧୦ ମସିହାରୁ 'ବିଘ୍ନରାଜ ଗଜାନନ ପୂଜା' ଅନୁଷ୍ଠାନ ପକ୍ଷରୁ ପାଳିତ ହେଉଛି। ଗତ ଦୁଇ ବର୍ଷ ଧରି, ପ୍ରଭୁ ଗଜାନନଙ୍କର ରୂପାର ଅଳଙ୍କାର ପ୍ରସ୍ତୁତ ହୋଇଛି। ଗତ ଦଶବର୍ଷରେ ଓଡ଼ିଶାରେ ୮୫୭ଟି ହାତୀ ଜୀବନ ହାରାଇଛ। ସବୁଠୁ ବଡ଼ କାରଣ ବିଦ୍ୟୁତ ଆଘାତ, ଯାହା ଅପ୍ରାକୃତିକ ମୃତ୍ୟୁକୁ ବଢ଼ାଇ ଦେଉଛି। ହାତୀଙ୍କ ସୁରକ୍ଷା ପାଇଁ ଏହିବର୍ଷ 'ଗଜ ରଥେ ଗଜାନନ' ରୂପେ ପ୍ରତିଷ୍ଠା କରାଯାଇଛ। ସମାଜରେ ସଚେତନତା ଏବଂ ପରିବର୍ତ୍ତନ ଆଣିବା ହିଁ ଅନୁଷ୍ଠାନର ପ୍ରୟାସ ରହିଛି। ଚଳିତ ବର୍ଷ ଭକ୍ତମାନେ ନିଜ ଇଚ୍ଛାନୁସାରେ ମହାପ୍ରଭୁ ଗଜାନନଙ୍କ ପାଖରେ ନିଜ ନାମରେ କଳସ ବସାଇବାର ସୁଯୋଗ ଦିଆଯିବ ବୋଲି ଅନୁଷ୍ଠାନ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଛି। ଆଜିର ସମ୍ମିଳନୀରେ ମୁଖ୍ୟ ଉପଦେଷ୍ଟା ଉମାନାଥ ମିଶ୍ର, ନାରାୟଣ ମହାପାତ୍ର, ଶାଶ୍ୱତୀ ମିଶ୍ର, ଭି. ସନ୍ତୋଷ କୁମାର ରାଓ ଓ ନିରୋଜ କୁମାର ସାହୁ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଆଠଗଡ଼ରେ ଚନ୍ଦକା ହାତୀ

● ଫସଲ ନଷ୍ଟ ନେଇ ଚାଷୀ ଆତଙ୍କିତ



ଆଠଗଡ଼, ୨୩।୮ (ସମିସ): ଦୀର୍ଘଦିନ ପରେ ପୁଣି ଥରେ ଆଠଗଡ଼ ଅଞ୍ଚଳକୁ ପଶିଛନ୍ତି ଚନ୍ଦକା ହାତୀ ପଲ। ଆଠଗଡ଼ ବନଖଣ୍ଡ ଆଠଗଡ଼ ସଦର ରେଞ୍ଜ ଅନ୍ତର୍ଗତ ଚମ୍ପାଦେଇ ଠାକୁରାଣୀଙ୍କ ନିକଟରେ ଚନ୍ଦକା ଅଭୟାରଣ୍ୟରୁ ହାତୀ ପଲ ଆଠଗଡ଼ର ସୁକାସନ ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଛନ୍ତି। ଏହି ହାତୀ ପଲରେ ୧୬ଟି ବଡ ଏବଂ ୬ଟି ଛୁଆ ହାତୀ ରହିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ହାତୀ ପଲ ମହାନଦୀ ଭିତରେ ଆସିବା ବେଳେ ନଦୀ ଭିତରେ ଧୀବର ମାନଙ୍କ ଲକ୍ଷାଧିକ ଟଙ୍କାର ଜାଲ ନଷ୍ଟ କରିଥିଲେ। ସେହିଭଳି କୂଳରେ ଆସି ବ୍ୟାପକ ଫସଲ ନଷ୍ଟ କରିଥିବା କନ୍ଦରପୁର, ନଣ୍ଡାଇଲୋ, ରାଉତରାୟପୁରର କିଛି ଚାଷୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଥିବାରୁ ହାତୀଙ୍କୁ ଜଙ୍ଗଲ ଭିତରକୁ ଘଉଡ଼ାଇବା ସମ୍ଭବ ହୋଇପାରୁ ନାହିଁ। ଆଠଗଡ଼-ମୁଣ୍ଡଳୀ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି। ବର୍ତ୍ତମାନ ଧାନ ବଢ଼ିବା ସମୟ ହୋଇ ଥିବା ବେଳେ ଫସଲ ନଷ୍ଟ ହେବା ଆଶଙ୍କାରେ ଆଖପାଖ ଅଞ୍ଚଳର ଚାଷୀମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

## ମହାନଦୀରେ ଜାଲରେ ପଡ଼ିଲା ଅଜଗର



ଚୌଦ୍ୱାର, ୨୩।୮ (ସମିସ): ଚୌଦ୍ୱାର-ଧବଳେଶ୍ୱର ନଦୀକୂଳ ରାସ୍ତାର ଚଷାପଡ଼ା ନିକଟରେ ମହାନଦୀରୁ ମାଛଧରା ଜାଲରେ ପଡ଼ିଥିବା ଏକ ବଡ଼ ଅଜଗର ସାପ ଉଦ୍ଧାର ହୋଇଛି। ସାପଟିର ଲମ୍ବ ୧୦-୧୨ ଫୁଟ ହେବା ଅନୁମାନ କରାଯାଉଛି। ଉଦ୍ଧାର ପରେ ସାପଟିକୁ ଚୌଦ୍ୱାର ବନବିଭାଗ କର୍ମଚାରୀଙ୍କ ଦ୍ୱାରା ଡମଣୀ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିବା ବନବିଭାଗ ତରଫରୁ ସୂଚନା ଦିଆଯାଇଛି। ଚଷାପଡ଼ା ଗ୍ରାମର ରାକ୍ଷସ ବେହେରା ମହାନଦୀର ଚଷାପଡ଼ା ଘାଟରେ ମାଛ ମାରିବା ପାଇଁ ଶୁକ୍ରବାର ରାତିରେ ଜାଲ ପକାଇ ଦେଇ ଘରକୁ ପଳାଇ ଆସିଥିଲେ। ଶନିବାର ସକାଳୁ ଜାଲ ଉଠାଇବାରୁ ସେଥିରେ ଏକ ଅଜଗର ସାପ ପଡ଼ିଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ଚୌଦ୍ୱାର ବନପାଳ ଭଗବାନଚନ୍ଦ୍ର ପଲେଇ ଓ ବନକର୍ମଚାରୀ ସାପଟିକୁ ଉଦ୍ଧାର କରିଥିଲେ।

## ବ୍ରହ୍ମାକୁମାରୀ ସେବାକେନ୍ଦ୍ରରେ ରକ୍ତଦାନ ଶିବିର



ଭୁବନେଶ୍ୱର, ୨୩।୮ (ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପୂର୍ବତନ ମୁଖ୍ୟ ପ୍ରଶାସିକା ପରମ ପୂଜନୀୟା ରାଜଯୋଗିନୀ ଦାଦୀ ପ୍ରକାଶ ମଣିଜୀଙ୍କର ୧୮ତମ (ଅଷ୍ଟାଦଶ) ପୂଣ୍ୟତିଥି ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଟିଆସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଫେଡେରେସନ୍ ଅଫ୍ ବ୍ଲଡ ଡୋନର୍ସ ଅର୍ଗାନାଇଜେସନ୍‌ର ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ କୁମାର ଦାଶ, ସମ୍ମାନୀତ ଅତିଥି ସମାଜସେବୀ ଶ୍ରୀମୟୀ ମିଶ୍ର, ଟିସିଏସ୍ ମ୍ୟାନେଜର ବିଜୟ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରେଡକ୍ରସ୍ ବ୍ଲଡ୍‌ବ୍ୟାଙ୍କ (କ୍ୟାପିଟାଲ ହସପିଟାଲ)ର ଡ. ଶ୍ରୀକାନ୍ତ ଦାଶଙ୍କ ନେତୃତ୍ୱରେ ଏକ ଛଜଣିଆ ଟିମ୍ ଏହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପଟିଆ ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଗୋଲାପ ବ୍ଲଡବ୍ୟାଙ୍କ କର୍ମଚାରୀମାନଙ୍କୁ ଈଶ୍ୱରୀୟ ଉପହାର ପ୍ରଦାନ କରିଥିଲେ।

## ଆଶା କିରଣ ଇଞ୍ଜିନିୟରିଂ ସ୍କୁଲରେ ଓରିଏଣ୍ଟେସନ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୩।୮ (ସମିସ): ଆଶା କିରଣ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ଅଧୀନରେ ପରିଚାଳିତ ହେଉଥିବା ଆଶା କିରଣ ଇଞ୍ଜିନିୟରିଂ ସ୍କୁଲରେ ଚଳିତ ଶିକ୍ଷାବର୍ଷର ଡିପ୍ଲୋମା ବିଭାଗରେ ନୂତନ କରି ଆସିଥିବା ଛାତ୍ରଛାତ୍ରୀମାନଙ୍କର ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଶା କିରଣ ଗ୍ରୁପର ପ୍ରତିଷ୍ଠାତା ତଥା ସମ୍ପାଦକ ଅବଦୁଲ ମୁତାଲିବ ଖାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସଭାରେ ଉପସ୍ଥିତ ଥିବା ସମ୍ମାନିତ ଅତିଥି ପ୍ରଫେସର ଡ. ଭୀମସେନ ସ୍ୱାଇଁ ଏବଂ ପ୍ରଫେସର ପୂର୍ଣ୍ଣିମା ପଟ୍ଟନାୟକ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିବାବେଳେ ସଭାରେ ଉପସ୍ଥିତ ଥିବା ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ସୁଧାଶିଷ ବରାଳ ମହାବିଦ୍ୟାଳୟର ଆନୁସଙ୍ଗିକ ପ୍ରସଙ୍ଗ ଉପରେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟାପକ ମନଜିତ କୁମାର ସାମନ୍ତରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଅଧ୍ୟାପକ ପ୍ରଶାନ୍ତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସିଆଇଏସ୍‌ଏଫ୍‌ରେ ଏଏସ୍‌ଆଇ ପାସିଂଆଉଟ୍



ତ୍ରିଶୂଳିଆ, ୨୩।୮ (ସମିସ): ମୁଣ୍ଡଳୀସ୍ଥିତ ସିଆଇଏସଏଫଠାରେ ଏଏସଆଇ ପାସିଂ ଆଉଟ୍ ପରେଡ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଥର ପାଇଁ ମୁଣ୍ଡଳୀସ୍ଥିତ ସିଆଇଏସଏଫଠାରେ ଏଏସଆଇ ଯବାନ ପ୍ରଶିକ୍ଷଣ ନେଉଥିଲେ। ମୋଟ ୨୫ ସପ୍ତାହ ଧରି ୩୯୭ ଜଣ ଯବାନ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ଯବାନଙ୍କ ୨୫ ସପ୍ତାହ ପ୍ରଶିକ୍ଷଣ ପୂର୍ଣ୍ଣ ହେବା ପରେ ଶନିବାର ପାସିଙ୍ଗ ଆଉଟ ପରେଡ ଅନୁଷ୍ଠିତ ହୋଇଯାଇଛି। ସିଆଇଏସ୍‌ଏଫ୍‌ରେ ପାସିଙ୍ଗ ଆଉଟ ପରେଡ ଅନୁଷ୍ଠିତ ହେଉଥିବା ବେଳେ ଉତ୍ତର ପୂର୍ବ ଖଣ୍ଡ କଲିକତାର ଆଇଜି ଶିଖର ସାହାଇ ଏହି ପ୍ୟାରେଡ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲା ବେଳେ ପ୍ରଶିକ୍ଷିତ ଯବାନଙ୍କୁ ସିଆଇଏସଏଫ୍ ଡ଼ିଆଇଜି ଗଙ୍ଗା ଶଙ୍କର ଶପଥ ପାଠ କରାଇଥିଲେ। ପରେ ଆଇଜି ସମସ୍ତଙ୍କୁ ସମ୍ବୋଧନ କରିବା ସହ ଆଗକୁ କିପରି କାର୍ଯ୍ୟ କରିବେ ସେନେଇ ଅଭିଭାଷଣ ରଖିଥିଲେ। ୩୯୭ ଜଣ ଯବାନ ବିଭିନ୍ନ ପ୍ରଶିକ୍ଷଣ କୌଶଳକୁ ପ୍ରଦର୍ଶନ କରିଥିଲେ।

## 'ଗିଭ୍ ବ୍ୟାକ୍ ୱେଲଫେୟାର ଆସୋସିଏସନ୍ ଟ୍ରଷ୍ଟ'ର ବାର୍ଷିକ ଉତ୍ସବ




ଭୁବନେଶ୍ୱର, ୨୩।୮ (ସମିସ): ବିଶ୍ୱ ମାନବତାବାଦୀ ଦିବସ ଅବସରରେ 'ଗିଭ୍ ବ୍ୟାକ୍ ୱେଲଫେୟାର ଆସୋସିଏସନ୍ ଟ୍ରଷ୍ଟ'ର ବାର୍ଷିକ ଉତ୍ସବ ଗୀତଗୋବିନ୍ଦସଦନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିପିନ ବିହାରୀ ପଣ୍ଡା ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକୁ ବେଶ ପ୍ରଶଂସା କରିଥିଲେ। ଏହାସହ ୨୦୧୮ ମସିହାରୁ ଅସହାୟ, ଦରିଦ୍ର, ମେଧାବୀ ଛାତ୍ରଛାତ୍ରୀଙ୍କ ଛାତ୍ରଛାତ୍ରୀଙ୍କୁ ସହଯୋଗ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା, ଅର୍ଥ ଅଭାବରୁ ଚିକିତ୍ସା ହୋଇ ନ ପାରି ଅନେକ କର୍କଟ ରୋଗୀଙ୍କୁ ଗୁରୁତର ଅବସ୍ଥାରେ ସହଯୋଗର ହାତ ବଢ଼ାଇବା, ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀଙ୍କର ଶିକ୍ଷା ନିମନ୍ତେ ସହଯୋଗ କରିବା, ଗରିବ ଲୋକଙ୍କୁ ଆବଶ୍ୟକ ସାହାଯ୍ୟ ଯୋଗାଇ ଅନେକଙ୍କ ବିଶ୍ୱାସଭାଜନ ହୋଇପାରିଥିବାରୁ ଅନୁଷ୍ଠାନ ଆଗାମୀ ଦିନରେ ଏଭଳି ସାମାଜିକ କାର୍ଯ୍ୟ ଜାରୀ ରଖିବାକୁ ପରାମର୍ଶ ଦେଇଥିଲେ।

### ଦୁଟୁନି ମାଲିକାନା ବିବାଦ

# ସେନ୍‌ସସ୍ ପାର୍କରେ ୮ ମାସ ହେଲା ତାଲା

ଭୁବନେଶ୍ୱର, ୨୨।୮ (ସମିସ): ରକ୍ଷଣାବେକ୍ଷଣ ଅଭାବ ଓ ମାଲିକାନାକୁ ନେଇ ସୃଷ୍ଟି ହୋଇଥିବା ବିବାଦ କାରଣରୁ ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର-୧୨ର ବରମୁଣ୍ଡାସ୍ଥିତ ସେନସସ୍ କଲୋନୀ ପାର୍କରେ ଦୀର୍ଘ ୮ ମାସ ହେଲା ତାଲା ଝୁଲୁଛି। ଫଳରେ ପାର୍କ ପରିସର ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ବେଳେ ଖେଳସାମଗ୍ରୀରେ ଅନାବନା ଗଛ ମାଡ଼ିଗଲାଣି।

ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର-୧୨ରେ ୨୦୦୮ ମସିହା ଅଗଷ୍ଟ ମାସରେ ବରମୁଣ୍ଡା ସେନସସ୍ କଲୋନୀ ପାର୍କ ଉଦ୍‌ଘାଟିତ ହୋଇଥିଲା। ସେଠାରେ ରହିଥିବା କଲୋନୀ ଅନୁସାରେ ପାର୍କର ନାମକରଣ କରାଯାଇଥିଲା। କଲୋନୀ ସମେତ ଆଖପାଖ ଅଞ୍ଚଳର ଲୋକମାନଙ୍କ ଅବସରବିନୋଦନ ବିଶେଷ କରି ଛୋଟପିଲାମାନଙ୍କ ଖେଳକୁଦ ପାଇଁ ଏହି ପାର୍କ ପାଇଁ ବିଏମ୍‌ସି ସମସ୍ତ ଖର୍ଚ୍ଚ ବହନ କରିଥିଲା। ପାର୍କଟି ମାର୍କେଟ ନିକଟରେ ରହିଥିବା ବେଳେ ରୁଚିକା ମାର୍କେଟକୁ ଆସୁଥିବା ବିଭିନ୍ନ ଅଞ୍ଚଳରୁ ଲୋକାମାନେ ମଧ ଏଠାକୁ ବୁଲିବାକୁ ଆସନ୍ତି। ଏଠାରେ ଚାଲିବାକୁ ପାଥ୍‌ୱେ ସମେତ ବସିବାକୁ ସିମେଣ୍ଟ ଚେୟାର ଗୁଡ଼ିକ ରହିଥିଲା। ଯେଉଁଠାରେ ପ୍ରତିଦିନ ବରିଷ୍ଠ ନାଗରିକଙ୍କ ସମେତ ଛୋଟ ପିଲାମାନେ ବେଶ୍ ସମୟ ଅତିବାହିତ କରୁଥିଲେ। ପରବର୍ତ୍ତୀ ସମୟରେ ଏହି ପାର୍କ ୱାର୍ଡ ନମ୍ବର ୨୪ ଅଧୀନକୁ ଆସିଥିଲା। ୨୦୧୯ ମସିହା ଜାନୁଆରୀ ମାସରେ ଅମୃତ ଯୋଜନାରେ ପାର୍କର ଉନ୍ନତିକରଣ କରାଯାଇଥିଲା। ପିଲାମାନଙ୍କ ବିଭିନ୍ନ ଖେଳ ସାମଗ୍ରୀ ସାଙ୍ଗକୁ ପାର୍କରେ ବିଭିନ୍ନ ଗଛ ଲଗାଯାଇଥିଲା। ନୂତନ ଭାବେ ସିମେଣ୍ଟ ଚେୟାର ନିର୍ମାଣ କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ପାର୍କ ଏବେ ପାଲଟିଛି ଜଙ୍ଗଲ। ପାର୍କ ପରିସରରେ ଜଙ୍ଗଲ ସୃଷ୍ଟି ହେବା ସହ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଅନେକ ଖେଳ ସାମଗ୍ରୀ ଭାଙ୍ଗି ନଷ୍ଟ ହୋଇଥିବା ବେଳେ ଯେଉଁ କେତୋଟି ରହିଛି ତାହା ମଧ୍ୟ ଅନାବନା ବଣବୁଦାରେ ଲୁଚି ଗଲାଣି। ଫଳରେ ଏଠାରେ ବିଷାକ୍ତ ଜୀବଜନ୍ତୁ ରହୁଥିବା ମଧ୍ୟ ସ୍ଥାନୀୟ ଲୋକେ କହିଛନ୍ତି। ସବୁଠୁବଡ଼ କଥା ହେଉଛି ଏହି ପାର୍କରେ ନାଁ ଅଛି ପିଇବା ପାଣିର ସୁବିଧା ନାଁ ଅଛି ଶୌଚାଳୟ ବ୍ୟବସ୍ଥା। ବହୁବାର ଦାବୀ କରାଯିବା ପରେ ବିଏମସି ପକ୍ଷରୁ ଶୌଚାଳୟ କାମ ଆରମ୍ଭ ହୋଇଥିବା ବେଳେ ସ୍ଥାନୀୟ ଆପାର୍ଟମେଣ୍ଟ ବାସିନ୍ଦାମାନେ ଏହାକୁ ବିରୋଧ କରିବାକୁ ତାହା ହୋଇପାରି ନ ଥିଲା। ତେବେ ବର୍ତ୍ତମାନ ପାର୍କଟିକୁ ଉକ୍ତ କଲୋନୀ ସମେତ ବାହାର ଲୋକେ ନ ଆସିବାକୁ ତାଲା ପକାଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏଥିପାଇଁ ପୂର୍ବର ବହୁବାର ବିଏମସି କମିଶନର ଏବଂ ମେୟର ମଧ ପରିଦର୍ଶନ କରିଛନ୍ତି। ହେଲେ ୮ ମାସ ହେବ ପାର୍କର ଗେଟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଫଳରେ ଏହା ବ୍ୟବହାର ହୋଇ ନ ପାରି ଜଙ୍ଗଲ ପାଲଟିଛି। ଏନେଇ ୱାର୍ଡର କର୍ପୋରେଟର ଦୀପକ କୁମାର ମିଶ୍ର କହିଛନ୍ତି ଯେ, ପାର୍କଟିକୁ ଉକ୍ତ ଆପାର୍ଟମେଣ୍ଟର ଲୋକେ ତାଙ୍କର ବୋଲି ଦାବୀ କରୁଛନ୍ତି। କିନ୍ତୁ ପାର୍କ ନିର୍ମାଣ ଖର୍ଚ୍ଚ ଠାରୁ ଆରମ୍ଭ କରି ଉନ୍ନତିକରଣ ମଧ୍ୟ ବିଏମ୍‌ସି କରିଛି। ଏବାବଦରେ ନିକଟରେ ବିଏମସି କମିଶନର ଓ ସିଟି ଇଞ୍ଜିନିୟରଙ୍କ ସହଯୋଗରେ ପାର୍କକୁ ନେଇ ରହିଥିବା ସମସ୍ୟାର ଖୁବଶିଘ୍ର ସମାଧାନ କରାଯିବା ସହ ଉନ୍ନତିକରଣ କରାଯାଇ ପୂର୍ବଭଳି ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଖୋଲାଯିବ।



ସକାଳ THE SAKALA



### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୨୫ • ପାଉଣ୍ଡ ୧୧୭.୧୨
- ୟୁରୋ ୧୦୧.୬୪ • ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୨,୧୫୦ (ଭୁବନେଶ୍ୱର)
- ରୁପା : ୧,୧୮,୪୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୩୦୬.୦୦
- ନିଫ୍ଟି ୨୪,୮୭୦.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ବନ୍ଦ ହୋଇପାରେ ୧୨% ଓ ୨୮ % ସ୍ଲାବ୍

# ୩ ରେ ଜିଏସ୍‌ଟି ପରିଷଦ ବୈଠକ

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି)





ଆସନ୍ତା ତିନି ଏବଂ ଚାରି ତାରିଖରେ ଜିଏସ୍‌ଟି ପରିଷଦର ବୈଠକ ହେବାକୁ ଯାଉଛି। ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀ ଏହି ବୈଠକରେ ସାମିଲ ହେବେ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହାର ଅଧ୍ୟକ୍ଷତା କରିବେ। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ। ଟିକସ ସ୍ଲାବ୍‌କୁ ଚାରିରୁ ହ୍ରାସ କରି ଦୁଇ କରି ଦିଆ ଯାଇପାରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ନେଇ ସ୍ୱାଧୀନତା ଦିବସରେ ଘୋଷଣା କରିଥିଲେ। ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଉଛି ବୋଲି କହିଥିଲେ। ଦୀପାବଳିରୁ ଏହି ନିୟମ ଲାଗୁ ହେବ। ଜିଏସ୍‌ଟି ପରିଷଦ ବୈଠକରେ ୧୨ ପ୍ରତିଶତ ଏବଂ ୨୮ ପ୍ରତିଶତ ସ୍ଲାବ ଉଚ୍ଛେଦକୁ ମଞ୍ଜୁରି ମିଳିପାରେ। ଯଦି ଏପରି ହୁଏ ତେବେ ଜିଏସ୍‌ଟିର କେବଳ ଦୁଇଟି ୫ ପ୍ରତିଶତ ଏବଂ ୧୮ ପ୍ରତିଶତ ସ୍ଲାବ ରହିବ। ବିଳାସପୂର୍ଣ୍ଣ ସାମଗ୍ରୀଗୁଡ଼ିକୁ ୪୦ ପ୍ରତିଶତରେ ରଖାଯିବ। ଏବେ ଜିଏସ୍‌ଟିର ଚାରୋଟି ସ୍ଲାବ୍ ୫%, ୧୨%, ୧୮% ଏବଂ ୨୮ ପ୍ରତିଶତ ରହିଛି।

ଜିଏସ୍‌ଟି ପରିଷଦ ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ଏହି ଦୁଇ ଦିନିଆ ବୈଠକ ନୂଆଦିଲ୍ଲୀରେ ହେବ। ଏଥିରେ ଜିଏସ୍‌ଟି ହାରକୁ ଯୁକ୍ତିସଙ୍ଗତ କରିବାକୁ, କ୍ଷତିପୂରଣ ସେସ୍ ଏବଂ ସ୍ୱାସ୍ଥ୍ୟ ଓ ଜୀବନ ବୀମା ପ୍ରିମିୟମ ଉପରେ ଗଠିତ ମନ୍ତ୍ରିଗୋଷ୍ଠୀ (ଜିଓଏମ) ସୁପାରିସ ଉପରେ ବିଚାର କରାଯିବ। ଜିଏସ୍‌ଟି ସ୍ଲାବରେ ପରିବର୍ତ୍ତନ ଲାଗି କେନ୍ଦ୍ର ଦେଇଥିବା ପ୍ରସ୍ତାବ ଉପରେ ଜିଓଏମ ସହମତି ପ୍ରକାଶ କରିଛି। ଜିଏସ୍‌ଟିର ୨ଟି ସ୍ଲାବ ରହିବା ଦ୍ୱାରା ଅନେକ ସାମଗ୍ରୀର ମୂଲ୍ୟ ହ୍ରାସ ପାଇବ। କ୍ଷୁଦ୍ର କାର୍ ମୂଲ୍ୟରେ ବଡ଼ ହ୍ରାସ ଦେଖା ଯାଇପାରେ। ସେହିପରି ଏୟାର କଣ୍ଡିସନର ସହିତ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ, କୋଠା ନିର୍ମାଣ ସାମଗ୍ରୀ, ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଶସ୍ତା ହେବ। ୧୨ ପ୍ରତିଶତ ସ୍ଲାବ ଥିବା ଅନେକ ସାମଗ୍ରୀକୁ ୫ ପ୍ରତିଶତ ସ୍ଲାବକୁ ଅଣା ଯାଇପାରେ। ଏଥିରେ କ୍ଷୀର, ଦହି, ଷ୍ଟେସନାରୀ, ଶିକ୍ଷା ଏବଂ ଅନ୍ୟ ସାମଗ୍ରୀ ସାମିଲ ରହିଛି।

### ପୁଣି ଲିପୁଲେଖ ପାସ୍ ଦେଇ ବ୍ୟବସାୟ କରିବେ ଭାରତ-ଚୀନ୍

# ଟଙ୍କା-ୟୁଆନରେ ହେବ କାରବାର

ଡେରାଡୁନ, ୨୩।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ପରେ ଭାରତ ଏବଂ ଚୀନ୍ ସମ୍ବନ୍ଧ ସୁଧୁରିବାରେ ଲାଗିଛି। ଚୀନ୍ ବିଦେଶମନ୍ତ୍ରୀ ୱାଙ୍ଗ ୟିଙ୍କ ଭାରତ ଗସ୍ତକୁ ଏହାର ସଙ୍କେତ ଭାବେ ଦେଖାଯାଉଛି। ଏବେ ଦୁଇ ଦେଶ ଉତ୍ତରାଖଣ୍ଡର ଲିପୁଲେଖ ପାସ୍ ଦେଇ ପୁଣି ଥରେ ବ୍ୟବସାୟ ଆରମ୍ଭ କରିବାକୁ ସହମତି ପ୍ରକାଶ କରିଛନ୍ତି। ୱାଙ୍ଗଙ୍କ ଗସ୍ତ ସମୟରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଲିପୁଲେଖ ସହିତ ସିପକି ଲା ଏବଂ ନାଥୁ ଲା ପାସ୍ ଦେଇ ପୁଣି ଥରେ କାରବାର ଆରମ୍ଭ କରିବାକୁ ସହମତି ପ୍ରକାଶ ପାଇଛି। ସଡ଼କ ପଥରେ ଏହି ବ୍ୟବସାୟ ହେବ। ଏବେ ବ୍ୟବସାୟ ଭାରତୀୟ ଟଙ୍କା ଏବଂ ଚୀନ୍ ୟୁଆନରେ କରାଯିବ। ପୂର୍ବରୁ ସାମଗ୍ରୀ ବଦଳରେ ସାମଗ୍ରୀ କାରବାର ହେଉଥିଲା। ତିବ୍ବତରୁ ବ୍ୟବସାୟୀ ଲୁଣ, ବୋରାକ୍ସ, ପଶୁ ଉତ୍ପାଦ, ଜଡ଼ିବୁଟି ଏବଂ ସ୍ଥାନୀୟ ସାମଗ୍ରୀ ବିକ୍ରି କରିବାକୁ ଆସିଥାନ୍ତି। ତେବେ ଭାରତୀୟ ବ୍ୟବସାୟୀ, ଛେଳି, ମେଣ୍ଢା, ଚାଉଳ, ମସଲା, ଗୁଡ଼, ମିଶ୍ରି, ଗହମ ସେଠାରେ ବିକିଥାନ୍ତି।

ଅନ୍ୟପକ୍ଷରେ ନେପାଳ ଏହି ଚୁକ୍ତି ଉପରେ ଆପତ୍ତି ଉଠାଇଛି। ଲିମ୍ପିୟାଧୁରା, ଲିପୁଲେଖ ଏବଂ କଳାପାଣିକୁ ଏହି ଦେଶ ନିଜ କ୍ଷେତ୍ର କହୁଛି। ଏହି ଅଞ୍ଚଳରେ କୌଣସି କାର୍ଯ୍ୟକଳାପ ନ କରିବା ପାଇଁ ଭାରତ ଏବଂ ଚୀନ୍‌କୁ ନେପାଳ ଅନୁରୋଧ କରିଛି।

### • ଇନ୍‌ଟେଲରୁ ୧୦% ଅଂଶଧନ ନେଲେ ଆମେରିକା ସରକାର

## ନିଜ ଚାକିରି ବଞ୍ଚାଇଦେଲେ ସିଇଓ: ଟ୍ରମ୍ପ

ୱାଶିଂଟନ, ୨୪।୮ (ଏଜେନ୍ସି): ଆମେରିକା ସରକାର ଟେକ୍ କମ୍ପାନୀ ଇନ୍‌ଟେଲଠାରୁ ୧୦ ପ୍ରତିଶତ ସେୟାର ନେଇଛନ୍ତି। ଏହା ବଦଳରେ ସରକାର ଟେକ୍ କମ୍ପାନୀକୁ ପ୍ରାୟ ୮ ବିଲିୟନ ଡଲାରର ରିଆତି ଦେବେ। ଆମେରିକାର ବାଣିଜ୍ୟ ସଚିବ ହାଭର୍ଡ ଲୁଟନିକ ଏହି ସୂଚନା ଦେଇଛନ୍ତି। ଏହା ଦ୍ୱାରା ସେମିକଣ୍ଡକ୍ଟର କ୍ଷେତ୍ରରେ ଆମେରିକାର ନେତୃତ୍ୱ ମଜବୁତ ହେବ। ଅର୍ଥ ବ୍ୟବସ୍ଥାକୁ ଗତି ମିଳିବ। କିଛି ଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇନ୍‌ଟେଲର ସିଇଓ ଲିପ୍-ବୁ ଟେନଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହୋଇଥିଲା। ସେ ସମୟରେ ଚୀନ୍ ସହ ସମ୍ବନ୍ଧକୁ ନେଇ ଟ୍ରମ୍ପ ତାଙ୍କୁ ଇସ୍ତଫା ଦେବାକୁ କହିଥିଲେ। କମ୍ପାନୀରେ ୧୦ ପ୍ରତିଶତ ସେୟାରକୁ ହାସଲକୁ ଟ୍ରମ୍ପ ଭଲ ଚୁକ୍ତି ବୋଲି କହିଥିଲେ। ଏପରି କରି ସିଇଓ ନିଜ ଚାକିରି ବଞ୍ଚାଇ ଦେଇଛନ୍ତି ବୋଲି ଉଲ୍ଲେଖ କରିଥିଲେ।

## ନୂଆ ଆପ୍ ଆଣିଲା ଡ୍ରିମ୍୧୧

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଅନ୍‌ଲାଇନ ମନି ଗେମିଂ ଆପ୍ ନିଷିଦ୍ଧ ହେବା ପରେ ଭାରତୀୟ କ୍ରିକେଟ ଟିମ୍ ପ୍ରାୟୋଜକ ଡ୍ରିମ୍୧୧ର ପ୍ୟାରେଣ୍ଟ କମ୍ପାନୀ ଡ୍ରିମ୍ ସ୍ପୋର୍ଟ୍ସ ଶନିବାର ଏକ ନୂଆ ପର୍ସନାଲ ଫାଇନାନ୍ସ ଆପ୍‌ର ଶୁଭାରମ୍ଭ କରିଛି। ଏହି ଡ୍ରିମ୍ ମନି ଆପ୍ ଆର୍ଥିକ ପରିଚାଳନାର କାମ କରିବ। ଏହି ଆପ୍ ଫିକ୍ସଡ ଡିପୋଜିଟ (ଏଫ୍‌ଡି) ଏବଂ ଡିଜିଟାଲ ଗୋଲ୍ଡରେ ନିବେଶ ପାଇଁ ବ୍ୟବହାରକାରୀଙ୍କୁ ସହାୟତା କରିବ। ଏହା ଦୈନନ୍ଦିନ ଖର୍ଚ୍ଚର ହିସାବ ରଖିବା ସହିତ ନିବେଶକୁ ଟ୍ରାକ୍ କରିବାରେ ସହାୟକ ହେବ। ଏହି ଆପ୍ ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି। କିଛି ବ୍ୟବହାରକାରୀଙ୍କ ପାଇଁ ଗୁଗୁଲ ପ୍ଲେ ଷ୍ଟୋର ଏବଂ ଆପଲ୍ ଆପ୍ ଷ୍ଟୋରରେ ଏହା ଉପଲବ୍ଧ। ଅନ୍‌ଲାଇନ ଗେମିଂ ବିଲ୍-୨୦୨୫ ଆଇନରେ ପରିଣତ ହେବା ପରେ କମ୍ପାନୀ ଏହି ନିଷ୍ପତ୍ତି ନେଇଛି।

## ୟେସ୍ ବ୍ୟାଙ୍କର ୨୪.୯୯% ଅଂଶଧନ କିଣିବ ଜାପାନ ବ୍ୟାଙ୍କ

ମୁମ୍ବଇ, ୨୩।୮ (ଏଜେନ୍ସି): ଜାପାନର ସୁମିତୋମୋ ମିତ୍ସୁଇ ବ୍ୟାଙ୍କିଂ କର୍ପୋରେସନ (ଏସଏମବିସି) ମୁମ୍ବଇର ଘରୋଇ ବ୍ୟାଙ୍କ ୟେସ୍ ବ୍ୟାଙ୍କର ୨୪.୯୯ ପ୍ରତିଶତ ଅଂଶଧନ କିଣିବାକୁ ଯାଉଛି। ଏଥିପାଇଁ ଏସଏମ୍‌ବିସିକୁ କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ମଞ୍ଜୁରି ଦେଇଛି। ଷ୍ଟକ ଏକ୍ସଚେଞ୍ଜ ଫାଇଲିଂରେ ୟେସ୍ ବ୍ୟାଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗତ ୨୨ ତାରିଖରେ ଆର୍‌ବିଆଇ ଏହି ମଞ୍ଜୁରି ଦେଇଥିଲା। ଏହା ବର୍ଷେ ପର୍ଯ୍ୟନ୍ତ ବଳବତ୍ତର ରହିବ। ଅଂଶଧନ କିଣିବା ସତ୍ତ୍ୱେ ଏସଏମବିସିକୁ ବ୍ୟାଙ୍କର ପ୍ରମୋଟର ଧରାଯିବ ନାହିଁ ବୋଲି ଆର୍‌ବିଆଇ ସ୍ପଷ୍ଟ କରିଛି।

## ସିଆଇଏମ୍‌ଇରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ



ଭୁବନେଶ୍ୱର, ୨୩।୮ (ସମିସ): ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ସ୍ଥିତ ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କଲେଜ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଏଜୁକେଶନ (ସିଆଇଏମଇ) ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ବିଏ ଓ ଏମ୍‌ସିଏ ବିଭାଗର ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଅଂଶଗ୍ରହଣ କରିଥିଲେ। ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିରେ କଗ୍ନିଜାଣ୍ଟର ଉପସଭାପତି ସତୀଶ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ସାମିଲ ହୋଇଥିଲେ। ଆମେରିକାର ଓକଲାଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ବାରବାରା ଓକଲେ ସମ୍ମାନିତ ଅତିଥି ଭାବେ ସାମିଲ ହୋଇ ଏଆଇ ଓ ଡିପ୍ ଲର୍ଣ୍ଣିଙ୍ଗର ଦୈନନ୍ଦିନ ଜୀବିକା ଓ ଭବିଷ୍ୟତ ନିର୍ଦ୍ଧାରଣ କ୍ଷେତ୍ରରେ ଥିବା ଭୂମିକା ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀ କିଭଳି ପରିବର୍ତ୍ତନ ସହିତ ଖାପଖୁଆଇ ସଫଳ ହୋଇପାରିବେ ସେ ନେଇ ମତ ରଖିଥିଲେ। ଟାଟା ଡିଷ୍ଟ୍ରିବ୍ୟୁସନ ପାୱାର ଲିମିଟେଡ୍‌ର ଏଚଆର ମୁଖ୍ୟ ମୁକେଶ ସିଂ ଅନ୍ୟତମ ସମ୍ମାନୀୟ ଅତିଥି ଭାବେ ନବାଗତଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ଏହା ବ୍ୟତୀତ ଓଡ଼ିଶା ସ୍କିଲ ଡେଭଲପମେଣ୍ଟ ଅଥରିଟି(ଓଏସଡ଼ିଏ)ର ସିଟିଓ ଅଜିତ କୁମାର ଷଡ଼ଙ୍ଗୀ, ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ଦୀପକ କୁମାର ସାହୁ, ଏମ୍‌ବିଏ ବିଭାଗର ମୁଖ୍ୟ ଡକ୍ଟର ଦେବାଶିଷ ମହାନ୍ତି ଓ ଏମ୍‌ସିଏ ବିଭାଗର ମୁଖ୍ୟ ଡକ୍ଟର ରାଜଲକ୍ଷ୍ମୀ ମିଶ୍ର, ଏମ୍‌ବିଏ ବିଭାଗର ଅଧ୍ୟାପକ ଡକ୍ଟର ଅମିତାଭ ନନ୍ଦ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## କଳାହାଣ୍ଡିରେ ଧାନ ଚାଷର ଶ୍ରୀ ପ୍ରଣାଳୀକୁ ବିସ୍ତାର କରିଛି ବେଦାନ୍ତ

ଭୁବନେଶ୍ୱର, ୨୩।୮ (ସମିସ)

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ସମନ୍ୱିତ ଜଳ ବିଭାଜିକା ଏବଂ ଜୀବିକା ବିକାଶ ପଦକ୍ଷେପରେ କଳାହାଣ୍ଡିର ଲାଞ୍ଜିଗଡ଼ରେ ପ୍ରକଳ୍ପ ସଙ୍ଗମ ଜରିଆରେ ଧାନ ଉତ୍ପାଦନ ବୃଦ୍ଧି (ଶ୍ରୀ) କୌଶଳକୁ ପ୍ରୋତ୍ସାହିତ କରି ପାରମ୍ପରିକ କୃଷି ପଦ୍ଧତିକୁ ପରିବର୍ତ୍ତନ କରୁଛି। ଏହି ପଦ୍ଧତି ଦ୍ୱାରା ଫସଲ ଉତ୍ପାଦନ ୨୫% ବୃଦ୍ଧି, ନିବେଶ ଖର୍ଚ୍ଚରେ ୩୦% ହ୍ରାସ ଏବଂ ଚାଷୀଙ୍କ ଆୟ ବଢୁଛି। ୬୦ରୁ ଅଧିକ ଚାଷୀ ୬୪.୨ ଏକର ଚାଷ ଜମିରେ ଏହି ପଦ୍ଧତିରେ ଚାଷ କରିଛନ୍ତି। ଏକଦା ମରୁଡି ପ୍ରପିଡୀତ କଳାହାଣ୍ଡି ଆଜି ବେଦାନ୍ତର ବିଭିନ୍ନ ପଦକ୍ଷେପ ଯୋଗୁଁ କୃଷି ଏବଂ ସ୍ଥାୟୀ ଜୀବିକାରେ ଆଗକୁ ବଢିଛି। ଚାଷୀଙ୍କ ଆୟ ବଢିଛି। ପ୍ରତି ଏକର ଫସଲ ଉତ୍ପାଦନ ୧୮/୨୦ କ୍ୱିଣ୍ଟାଲରୁ ୨୫% ବୃଦ୍ଧି ପାଇ ୨୨.୫/୨୫ ହୋଇଛି। ଉତ୍ପାଦନ ଖର୍ଚ୍ଚ ଏକର ପିଛା ୧୦,୦୦୦ ରୁ ୧୨,୦୦୦ ଟଙ୍କା ହ୍ରାସ ପାଇ ୭,୦୦୦ ରୁ୯,୦୦୦ ଟଙ୍କା ହୋଇଛି। ଏହି ପଦ୍ଧତି ଜଳ ଦକ୍ଷତାକୁ ୩୫% ଉନ୍ନତ କରିଛି। କମ୍ପାନୀ ଚଳିତ ଖରିଫ ଋତୁରେ ୨୧୦ ଏକର ଜମିରେ ଏହି ପଦକ୍ଷେପକୁ ବୃଦ୍ଧି କରୁଛି। ୧୮ଟି ଗ୍ରାମର ୧୨୦ରୁ ଅଧିକ ଚାଷୀଙ୍କୁ ନିୟୋଜିତ କରୁଛି। ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ କୃଷି ହେଉଛି ଗ୍ରାମୀଣ ଓଡ଼ିଶାର ଜୀବନରେଖା। ଦୀର୍ଘକାଳୀନ ସମୃଦ୍ଧି ପାଇଁ କୃଷକଙ୍କୁ ଆଧୁନିକ, ସ୍ଥାୟୀ କୌଶଳ ସହିତ ସଶକ୍ତ କରିବା ବେଦାନ୍ତର ଲକ୍ଷ୍ୟ। ପ୍ରକଳ୍ପ ସଙ୍ଗମ ଅଧିନରେ ଶ୍ରୀ ପଦ୍ଧତିରେ ଚାଷ ସଫଳ ହୋଇଛି। ଚାଷୀ ଏହାର ସଫଳତା ବଖାଣୁଛନ୍ତି। ଏହା ଏକ ସମୃଦ୍ଧ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନର ଆମର ଲକ୍ଷ୍ୟ ସହିତ ସମନ୍ୱିତ।



ଉପଯୁକ୍ତ ବ୍ୟବଧାନ ସହିତ ଉନ୍ନତ ଘାସ ନିୟନ୍ତ୍ରଣ, କମ୍ ପରିମାଣ ବିହନ ବ୍ୟବହାର ଏବଂ ଶକ୍ତିଶାଳୀ ବ୍ୟବସ୍ଥା ଯୋଗୁଁ ଚାଷୀ ଅଧିକ ଫସଲ ଉତ୍ପାଦନ କରୁଛନ୍ତି। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ଏହାକୁ ଆପଣାଇବା ପାଇଁ ସ୍ୱଇଚ୍ଛାରେ ଆଗେଇ ଆସିଛନ୍ତି। ବେଦାନ୍ତ ଲାଞ୍ଜିଗଡ଼ର ପ୍ରକଳ୍ପ ସଙ୍ଗମ ଏକ ସମନ୍ୱିତ ଜଳ ବିଭାଜିକା ଏବଂ ଜୀବିକା ପ୍ରକଳ୍ପ। ଏହା ମାଧ୍ୟମରେ ଗ୍ରାମୀଣ ସମ୍ପ୍ରଦାୟର ଜୀବିକା ବୃଦ୍ଧି ପାଇଁ ପ୍ରଯୁକ୍ତିବିଦ୍ୟା-ଆଧାରିତ ପଦକ୍ଷେପ ନିଆଯାଇଥାଏ। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ର ୪୧ଟି ଗାଁରେ ଜଳ-ଭିତ୍ତିକ ସମ୍ପତ୍ତି ସୃଷ୍ଟି, ପାନୀୟ ଏବଂ କୃଷି ଉଦ୍ଦେଶ୍ୟରେ ବର୍ଷସାରା ପାଣିର ଉପଲବ୍ଧତା ସୁନିଶ୍ଚିତ କରିବା ଏହି ପ୍ରକଳ୍ପର ଲକ୍ଷ୍ୟ। ଏହି ପ୍ରକଳ୍ପ ଜଳ ସଂରକ୍ଷଣ କ୍ଷମତା ଏବଂ ଭୂତଳ ଜଳସ୍ତର ବୃଦ୍ଧି କରି ଅଞ୍ଚଳର ୩୫୦୦ ଏକରରୁ ଅଧିକ ଜମିକୁ ଜଳସେଚନ ସୁବିଧା ପ୍ରଦାନ କରୁଛି। ଏହା ଦ୍ୱାରା ୨୨,୦୦୦ରୁ ଅଧିକ ଲୋକ ବର୍ଷସାରା ଉପକୃତ ହେବେ।

## ଜୁନ୍‌ରେ ୨୧.୮୯ ଲକ୍ଷ ପାଇଛନ୍ତି ନିଯୁକ୍ତି

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫଓ) ନୂଆ ରେକର୍ଡ ସୃଷ୍ଟି କରିଛି। ଜୁନ୍‌ରେ ଇପିଏଫଓରେ ୨୧.୮୯ ଲକ୍ଷ ନୂଆ ସଦସ୍ୟ ସାମିଲ ହୋଇଛନ୍ତି। ପେରୋଲ ଡାଟା ଟ୍ରାକିଂ ଆରମ୍ଭ ହେବା ପରଠାରୁ ୨୦୧୮ ଏପ୍ରିଲରୁ ସର୍ବାଧିକ। ମେ' ତୁଳନାରେ ଜୁନ୍‌ରେ ୯.୧୪ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ବାର୍ଷିକ ହିସାବରେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଏହା ୧୩.୪୬ ପ୍ରତିଶତ ବଢ଼ିଛି। ସମୀକ୍ଷାଧିନ ଅବଧିରେ ୩.୨ ଲକ୍ଷ ମହିଳା ଇପିଏଫଓରେ ସାମିଲ ହୋଇଥିଲେ। ଏମାନଙ୍କ ମଧ୍ୟରେ ୧୮-୨୫ ବର୍ଷ ବୟସର ୬.୩୯ ଲକ୍ଷ ସାମିଲ ଅଛନ୍ତି।

## 'ଗାଁ ଚାଲ ଅଭିଯାନ'ରେ ଯୋଗାଯୋଗକୁ ସୁଦୃଢ଼ କରିଛି ଟିପିସିଓଡିଏଲ୍



ଭୁବନେଶ୍ୱର, ୨୩।୮ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଏହାର ଗ୍ରାମୀଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ 'ଗାଁ ଚାଲ' ଅଭିଯାନକୁ ବ୍ୟାପକ କରିଛି। ଏହି ଗାଁ ସ୍ତରୀୟ ସେବା ଶିବିର ଲୋକଙ୍କୁ ସିଧାସଳଖ ବିଦ୍ୟୁତ୍ ଜନିତ ସେବା ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଟଚ୍ ପଏଣ୍ଟରେ ପରିଣତ ହୋଇଛି। ଏହା ମାଧ୍ୟମରେ ହଜାର ହଜାର ଲୋକ ଉପକୃତ ହୋଇଛନ୍ତି। ଶିବିରରେ ନୂଆ ବିଦ୍ୟୁତ୍ ସଂଯୋଗର ପ୍ରକ୍ରିୟାକରଣ, ବିଲ୍ ସଂଶୋଧନ ଏବଂ ଗ୍ରାହକଙ୍କ ପ୍ରଶ୍ନଗୁଡ଼ିକର ସିଧାସଳଖ ସମାଧାନ ସୁବିଧା ପ୍ରଦାନ କରାଯାଉଛି। ଏଥିପାଇଁ ଗ୍ରାହକଙ୍କୁ ଆଉ ଗ୍ରାହକ ସେବା କେନ୍ଦ୍ର ପର୍ଯ୍ୟନ୍ତ ଆସିବାକୁ ପଡୁନାହିଁ। ଗ୍ରାମାଂଚଳର ବହୁ ଗ୍ରାହକ ଟିପିସିଓଡିଏଲ୍‌ର ଡିଜିଟାଲ୍ ପ୍ଲାଟଫର୍ମରେ ଯୋଡ଼ିହୋଇପାରିଛନ୍ତି। ଏହା ଦ୍ୱାରା ଗ୍ରାହକ ଅନଲାଇନ୍‌ରେ ବିଲ୍ ପୈଠ, ଅଭିଯୋଗ ପଞ୍ଜିକରଣ ଏବଂ ବାସ୍ତବ ସମୟ ସେବା ଅପ୍‌ଡେଟ୍ ପାଇ ପାରୁଛନ୍ତି।

'ବିଲ୍ ପେ ଆଣ୍ଡ ୱିନ୍' ସ୍କିମ୍ ବିଷୟରେ ସଚେତନତା ସୃଷ୍ଟି ଲାଗି ଏହି ଶିବିରରେ କାଉନ୍‌ସେଲିଂ ଅଧିବେଶନ ରହୁଛି। ଏଥିରେ ଠିକ୍ ସମୟରେ ବିଲ୍ ପୈଠକୁ ପ୍ରୋତ୍ସାହନ ଦିଆଯାଉଥିବାବେଳେ ଡିଜିଟାଲ ପେମେଣ୍ଟ ବ୍ୟବହାରର ଲାଭ ଓ ରିୱାର୍ଡ ଉପରେ ଆଲୋକପାତ କରାଯାଉଛି। 'ଗାଁ ଚାଲ' ଜରିଆରେ ଟିପିସିଓଡିଏଲ୍ ବିଦ୍ୟୁତ ସେବାକୁ ଗ୍ରାମୀଣ ଗ୍ରାହକଙ୍କ ନିକଟରେ ପହଞ୍ଚାଇ ଏବଂ ତୃଣମୂଳସ୍ତରରେ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରି ଗ୍ରାମୀଣ ଗୋଷ୍ଠୀ ସହିତ ସମ୍ପର୍କକୁ ସୁଦୃଢ଼ କରିପାରିଛି।

## ଦକ୍ଷିଣ ଆଫ୍ରିକା ବଜାରରେ ପ୍ରବେଶ କଲା ଟାଟା ମୋଟର୍ସ

ଜୋହାନ୍ସବର୍ଗ, ୨୩।୮ (ସମିସ): ଭାରତର ସବୁଠାରୁ ବଡ଼ ଅଟୋମୋଟିଭ ନିର୍ମାତା ଟାଟା ମୋଟର୍ସର ସହାୟକ କମ୍ପାନୀ ଟାଟା ମୋଟରସ ପାସେଞ୍ଜର ଭେଇକିଲ୍ସ (ଟିଏମପିଭି) ପୁଣିଥରେ ଦକ୍ଷିଣ ଆଫ୍ରିକା ବଜାରରେ ପ୍ରବେଶ କରିଛି। ଏହା ସହିତ କମ୍ପାନୀର ନୂଆ ଯୁଗର ଆରମ୍ଭ ହୋଇଛି। ଜୋହାନ୍ସବର୍ଗର ସ୍ୟାଣ୍ଡଟନ୍ ସ୍ଥିତ ଗ୍ୟାଲେରିଆରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଚାରୋଟି ନୂଆ ମଡେଲ ହ୍ୟାରିୟର, କର୍ଭ, ପଞ୍ଚ ଏବଂ ଟିଆଗୋ ମଡେଲର





ଉନ୍ମୋଚନ କରାଯାଇଛି। ଦକ୍ଷିଣ ଆଫ୍ରିକା ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏ ସବୁର ଡିଜାଇନ କରାଯାଇଛି। ଏହି ପୁନଃପ୍ରବେଶ ପାଇଁ ଦକ୍ଷିଣ ଆଫ୍ରିକାର ପ୍ରମୁଖ ଅଟୋମୋଟିଭ୍ ଗ୍ରୁପ୍ ମୋଟସ୍ ହୋଲ୍ଡିଂସ୍ ସହିତ ଚୁକ୍ତି କରାଯାଇଛି। ଟିଏମ୍‌ପିଭି ଭାରତରେ ବିକ୍ରିରେ ନୂଆ ରେକର୍ଡ ହାସଲ କରିଛି। ୨୦୨୦ରେ ଲକ୍ଷେ ୭୦ ହଜାର ୟୁନିଟି ବିକ୍ରି ହୋଇଥିବାବେଳେ ୨୦୨୫ରେ ଏହା ୫ ଲକ୍ଷ ୬୦ ହଜାରରେ ପହଞ୍ଚି ଯାଇଛି। ବିକ୍ରି ୩୫୦ ପ୍ରତିଶତ ବୃଦ୍ଧି ପାଇଛି। ଟିଏମ୍‌ପିଭିର ପ୍ରତ୍ୟେକ ମଡେଲ ଜିଏନସିଏପି ଏବଂ ବିଏନସିଏପିରେ ୪ କିମ୍ବା ୫ ଷ୍ଟାର ରେଟିଂ ପାଇଛି। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଟିଏମପିଭିର ଏମଡି ଶୈଳଶ ଚନ୍ଦ୍ର ଉପସ୍ଥିତ ଥିଲେ। ଟାଟା ମୋଟର୍ସର ବୈଶ୍ୱିକ ଯାତ୍ରାରେ ଏହା ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ସେହିପରି ଟାଟା ମୋଟର୍ସର ସହଯୋଗୀ ହୋଇ ଆମେ ଗର୍ବୀତ ବୋଲି ମୋଟୁସ ହୋଲ୍ଡିଂସର ଗ୍ରୁପ ସିଇଓ ଓକର୍ସ ଜାନସେ ଭାନ ରେନ୍ସବର୍ଗ କହିଛନ୍ତି।

## ପିଏସ ରବୀନ୍ଦ୍ରନଙ୍କ ମୃତ୍ୟୁରେ ଶୋକ

ନୂଆଦିଲ୍ଲୀ, ୨୩।୮ (ସମିସ): ସିଭିଲ ସର୍ଭିସ କୋଚିଂ ଇନ୍‌ଷ୍ଟିଚ୍ୟୁଟ ବାଜିରାମ ଏବଂ ରବିର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ପିଏସ ରବୀନ୍ଦ୍ରନଙ୍କ ପରଲୋକ ହୋଇଛି। ସେ ଗତ ୨୩ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମୃତ୍ୟୁରେ ଶିକ୍ଷାନୁଷ୍ଠାନ, ୟୁପିଏସ୍‌ସି କୋଚିଂ ସେଣ୍ଟର ସହିତ ଅମଲାତାନ୍ତ୍ରିକ ଅଧିକାରୀମାନେ ଗଭୀର ଶୋକପ୍ରକାଶ କରିଛନ୍ତି। ଦିବଂଗତ ରବୀନ୍ଦ୍ରନ ଜଣେ ଦୂରଦୃଷ୍ଟିସମ୍ପନ୍ନ ପରାମର୍ଶଦାତା ଥିଲେ। ସେ ସିଭିଲ ସେବା ପ୍ରସ୍ତୁତିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ପ୍ରତି ତାଙ୍କର ସମର୍ପଣ ଏବଂ ଚାରି ଦଶନ୍ଧିରୁ ଅଧିକ ସମୟ ପର୍ଯ୍ୟନ୍ତ ଆଇଏଏସ କୋଚିଂ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ, ପୂର୍ବତନ ଆଇଏଏସ ଅଧିକାରୀ ଭିକେ ପାଣ୍ଡିଆନ, ଶିକ୍ଷାବିତ ବିଜୟ କୁମାର ଚିରୁଥା ପ୍ରମୁଖ ପିଏସ୍ ରବୀନ୍ଦ୍ରନଙ୍କ ମୃତ୍ୟୁର ଶୋକ ପ୍ରକାଶ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ରବୀନ୍ଦ୍ରନ ନିଜ ଜୀବନକାଳ ଭିତରେ ଅନେକ ଆଇଏଏସଙ୍କୁ ପ୍ରସ୍ତୁତ କରିଥିଲେ। ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ତାଙ୍କ ମୃତ୍ୟୁ ଭାରତ ପାଇଁ ବହୁତ ବଡ଼ କ୍ଷତି ବୋଲି କୁହାଯାଇଛି।



# ୩୬ ଲକ୍ଷରେ ବିକ୍ରିହେଲା ୦୦୧ ନମ୍ବର ପ୍ଲେଟ୍

ଚଣ୍ଡିଗଡ଼, ୨୩।୮ (ଏଜେନ୍ସି)

ଗାଡ଼ିର ଫ୍ୟାନ୍‌ସୀ ତଥା ମନ ପସନ୍ଦ ନମ୍ବର ହାସଲ କରିବା ପାଇଁ ପ୍ରତିଯୋଗିତା ଲାଗି ରହିଛି। ନିଜ ସଉକ ପୂରଣ ପାଇଁ ଲୋକେ ଅଧିକ ଟଙ୍କା ଦେବାକୁ ମଧ୍ୟ ପଛାଉ ନାହାନ୍ତି। ଚଣ୍ଡିଗଡ଼ରେ ଏଭଳି ନମ୍ବର ପାଇଁ ନିଲାମ ଡକରା ହୋଇଛି। ଚଳିତ ବର୍ଷର ଏହି ନିଲାମ ସବୁ ରେକର୍ଡକୁ ଭାଙ୍ଗି ଦେଇଛି। ୦୦୦୧ ନମ୍ବର ଯେଉଁ ମୂଲ୍ୟରେ ନିଲାମ ହୋଇଛି, ସେଥିରେ ଗୋଟିଏ ଟୟୋଟା ଫର୍ଚ୍ୟୁନର କିମ୍ବା ୩ଟି ଥର୍ ଗାଡ଼ି କ୍ରୟ କରାଯାଇପାରିବ। ଏହି ନମ୍ବର ୩୬.୪୩ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ଏଥିସହିତ ଏହା ସବୁଠାରୁ ମହଙ୍ଗା ନମ୍ବର ହୋଇଯାଇଛି। ସେକ୍ଟର-୧୭ ସ୍ଥିତ ରେଜିଷ୍ଟରିଂ ଆଣ୍ଡ ଲାଇସେନ୍ସିଂ ଅଥରିଟି (ଆରଏଲଏ) ପକ୍ଷରୁ ଏହି ନିଲାମ ହୋଇଥିଲା। ପ୍ରମୁଖ ୭ଟି ନମ୍ବର ବିକି ୧୨୮. ୧୫ ଲକ୍ଷ ଟଙ୍କା ଆୟ କରାଯାଇଥିଲା। ଏହି ସମ୍ପୂର୍ଣ୍ଣ ନିଲାମ ପ୍ରକ୍ରିୟାରେ ଆରଏଲଏକୁ ୪ କୋଟିରୁ ଅଧିକ ଟଙ୍କା ମିଳିଥିଲା।

ଚି ଏ ଚ୍ ୦ ୧ - ଡିଏ-୦୦୦୩ ନମ୍ବର ୧୭.୮୪ ଲକ୍ଷ, ୦୦୦୯ ୧୬.୮୨ ଲକ୍ଷ, ୦୦୦୫ ନମ୍ବର ୧୬.୫୧ ଲକ୍ଷ, ୦୦୦୭ ନମ୍ବର ୧୬.୫୦ ଲକ୍ଷ, ୦୦୦୨ ନମ୍ବର ୧୩.୮୦ ଲକ୍ଷ





ଏବଂ ୯୯୯୯ ନମ୍ବର ୧୦. ୨୫ ଲକ୍ଷ ଟଙ୍କାରେ ନିଲାମ ହୋଇଛି। ସୂଚନା ଅନୁଯାୟୀ ଆରଏଲଏ ଗତ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ନିଲାମ ଡାକିଥିଲା। ଏହି ୪ ଦିନରେ ମୋଟ ୫୭୭ ନମ୍ବର ବିକ୍ରି କରାଯାଇଥିଲା। ଏଥିରୁ ୪ କୋଟି ୮ ଲକ୍ଷ ୮୫ ହଜାର ଟଙ୍କା ମିଳିଥିଲା। ଏହି ରାଜସ୍ୱ ଏ ପର୍ଯ୍ୟନ୍ତର ସବୁ ରେକର୍ଡ ଭାଙ୍ଗି ଦେଇଛି। ଗତ ବର୍ଷ ହୋଇଥିବା ନିଲାମରୁ ୨.୨୬ କୋଟି ଟଙ୍କା ମିଳିଥିଲା।

# ଭଲ ନୁହେଁ ନିତିଦିନିଆ ମେକ୍ଅପ୍



**ମହିଳାମାନେ ତ୍ୱଚାରେ ଥିବା କଳାଦାଗକୁ ଦୂର କରି ଆକର୍ଷଣୀୟ ତ୍ୱଚା ପାଇବା ପାଇଁ ମେକ୍ଅପ୍ କରିଥାନ୍ତି । ସେହିପରି କେତେକ ମହିଳା ଅଫିସ୍, କଲେଜ ଆଦି ଯିବା ସମୟରେ ନିୟମିତ ମେକ୍ଅପ୍ କରିଥାନ୍ତି । କିନ୍ତୁ ଏପରି କରିବା ଦ୍ୱାରା ତ୍ୱଚାକୁ କ୍ଷତି ପହଞ୍ଚିଥାଏ । ଏଥିସହ ତ୍ୱଚାର ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହୋଇଥାଏ । କେବଳ ସେତିକି ନୁହେଁ, ଏଥିଯୋଗୁ ବ୍ରଣ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ ।**

- ନିୟମିତ ମେକ୍ଅପ୍ କରିବା ଦ୍ୱାରା ଲୋମଛିଦ୍ର ବନ୍ଦ ହୋଇଯାଏ । ସେହିପରି କିଛି ମହିଳାଙ୍କ ତ୍ୱଚାରେ ସଂକ୍ରମଣ ସମସ୍ୟା ହୋଇଥାଏ । ଏଥିସହ ଚର୍ମ ଶୁଷ୍କ ରହିଥାଏ ।
- ବିଶେଷଜ୍ଞଙ୍କ କହିବାନୁଯାୟୀ ପ୍ରତିଦିନ ମେକ୍ଅପ୍ କରିବା ଅନାବଶ୍ୟକ । କୌଣସି ପାର୍ଟି ଫଙ୍କସନ୍ କିମ୍ବା ବିଶେଷ ଦିନରେ ମେକ୍ଅପ୍ କରିବା ଠିକ୍ । ଏଥିସହ ଫେସ୍ୱାସ୍ ପରେ ମଏଶ୍ଚରାଇଜର୍ ଲଗାଇବା ମଧ୍ୟ ଜରୁରି ।
- ତ୍ୱଚା ଅନୁସାରେ ଠିକ୍ ମେକଅପ୍ ପ୍ରସାଧନ ବ୍ୟବହାର କରିବା ଆବଶ୍ୟକ । ସେହିପରି ଶୋଇବା ପୂର୍ବରୁ ମେକ୍ଅପ୍ ରିମୁଭର୍ ବ୍ୟବହାର କରିବା ଜରୁରୀ ।

# ଗୃହିଣୀରୁ ଉଦ୍ୟୋଗୀ ଅର୍ପିତା



**ଆଜିର ମହିଳା ନିଜକୁ ଆର୍ଥିକ ସଶକ୍ତ କରିବା ଦିଗରେ ଆଗକୁ ବଢ଼ୁଛନ୍ତି । କିଏ ଚାଷ କାର୍ଯ୍ୟ ତ କିଏ ବ୍ୟବସାୟ ତଥା କୁଟୀର ଶିଳ୍ପ ଦ୍ୱାରା ରୋଜଗାରକ୍ଷମ ହୋଇପାରୁଛନ୍ତି । ଏହାଦ୍ୱାରା ନିଜର ଖର୍ଚ୍ଚ ତୁଲାଇବା ସହ ପରିବାର ପ୍ରତିପୋଷଣ ଭାର କାନ୍ଧକୁ ନେଇଛନ୍ତି । ଦୃଢ଼ ଆତ୍ମବିଶ୍ୱାସ ଓ ମନବୋଲ ଥିଲେ ସବୁକିଛି ସମ୍ଭବ ବୋଲି ସେମାନେ ପ୍ରମାଣିତ କରିଛନ୍ତି । ସେମିତି ଜଣେ ମହିଳା ହେଲେ ବୌଦ୍ଧ ଜିଲ୍ଲା ଖୁଣ୍ଟିଆପଡ଼ା ଗ୍ରାମର ଅର୍ପିତା ଦେଓ । ସେ ମିଲେଟ୍‌ରୁ ଭଳିକି ଭଳି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି କରି ବିକ୍ରି କରନ୍ତି । ଏଥିସହ 'ମିଲେଟ୍ ବେକରୀ କାଫେ' ପ୍ରତିଷ୍ଠା କରି ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ରୋଜଗାରକ୍ଷମ କରିଛନ୍ତି ।**

ଖାଦ୍ୟ ପ୍ରସ୍ତୁତିରେ ରୁଚି ରଖୁଥିବା ଅର୍ପିତା ବୌଦ୍ଧରେ ଆୟୋଜିତ ଅନେକ ମିଲେଟ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏଥିରେ ମାଣ୍ଡିଆ ତଥା ମିଲେଟ୍‌ରେ ତିଆରି ବିଭିନ୍ନ ଜିନିଷ ବାବଦରେ ସେ ପ୍ରଶିକ୍ଷଣ ନେଇଥିଲେ । ମିଲେଟ୍ ଆଧାରିତ ଅନେକ ସଫଳ ଭିଡିଓ ଦେଖିଥିଲେ । ଏହାପରେ ସେ ଓଡ଼ିଶା ମିଲେଟ୍ ମିଶନ ତାଲିମ କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନେଲେ । ଧୀରେ ଧୀରେ ମିଲେଟ୍ ତିଆରି ଜିନିଷ ପ୍ରତି ତାଙ୍କର ଆଗ୍ରହ ବଢ଼ିଲା । ଫଳରେ ସେ ୨୦୨୨ ମସିହାରେ ମିଲେଟ୍ ଖାଦ୍ୟପଦାର୍ଥ ଉପରେ ଗବେଷଣା ଆରମ୍ଭ କରିଥିଲେ । କଠିନ ପରିଶ୍ରମ କରି ସେ ୨୦୨୩ ମସିହାରେ ସ୍ୱୟଂ ସହାୟକ ଗୋଷ୍ଠୀର ସାତଜଣ ମହିଳାଙ୍କୁ ନେଇ ମିଲେଟ୍ ବେକରୀ କାଫେ ପ୍ରତିଷ୍ଠା କରିଥିଲେ । ଏଥିରେ ସେ ପ୍ରଥମେ ୮ ପ୍ରକାର ଖାଦ୍ୟ ସାମଗ୍ରୀ ରଖିଥିଲେ । ସମୟକ୍ରମେ ବ୍ୟବସାୟ ବୃଦ୍ଧିହେଲା ଲୋକେ ତାଙ୍କ ନିର୍ମିତ ଖାଦ୍ୟକୁ ପସନ୍ଦ କଲେ । ଏବେ ସେ କାଫରେ ୨୫ ରୁ ଅଧିକ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି । ଏଥିସହ ସହ ବାଜରାରୁ କୁକିଜ୍ ତିଆରି କରୁଛନ୍ତି । ବ୍ୟବସାୟରେ ସଫଳତା ପାଇଁ ତାଙ୍କୁ ୨୦୨୩-୨୦୨୪ ମସିହାରେ ବୌଦ୍ଧ ଜିଲ୍ଲାର ସର୍ବଶ୍ରେଷ୍ଠ ମିଲେଟ୍ ଉଦ୍ୟୋଗୀ ଭାବେ ମିଶନ ଶକ୍ତି ଓଡ଼ିଶା ସରକାରଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା ।

ଏଥିସହ ଜିଲ୍ଲାରେ ମିଲେଟ୍ ଟିଫିନ୍ କେନ୍ଦ୍ର ଖୋଲିବା ପାଇଁ ଅର୍ପିତାଙ୍କ 'ମାଆ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ'କୁ ମିଲେଟ୍ ମିଶନ ପକ୍ଷରୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଗୋଷ୍ଠୀର ମହିଳାଙ୍କ ସହାୟତାରେ ସେ ମାଣ୍ଡିଆରୁ ଭଳିକି ଭଳି, ବିସ୍କୁଟ୍,ଆରିସା, କେକ୍, ନିମ୍‌କି,ଚା', ଉପମା, ସୁପ୍, ନୁଡୁଲ୍ ଭଳି ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ସେଗୁଡ଼ିକୁ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ବିକ୍ରିବଟା କରିଥାନ୍ତି । ମିଲେଟ୍‌ରୁ ଭଳିକି ଭଳି ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତ କରୁଥିବାରୁ ଗାଁ ତଥା ସହରାଞ୍ଚଳରେ ତାଙ୍କ ଖାଦ୍ୟର ଲୋକାଦୃତ ହୋଇପାରିଛି । ଏହି ମିଲେଟ କାଫେରୁ ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ସ୍ୱୟ ସହାୟକ ଗୋଷ୍ଠୀ ମହିଳାଙ୍କୁ ମାଣ୍ଡିଆରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତିକୁ ନେଇ ପ୍ରଶିକ୍ଷଣ ଦେଇଥାନ୍ତି । ଏହାଦ୍ୱାରା ଜିଲ୍ଲାରେ ୩୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମିଲେଟ୍ ବ୍ୟବସାୟ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

# ଶାଗୁ ପରଟା

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ଶାଗୁ – ୨୦୦ ଗ୍ରାମ୍, ସିଝା –ଆଳୁ –ଦୁଇଟି, ଚିନାବାଦାମ- ଏକ କପ୍, ଜିରା – ଏକ ଚାମଚ, କଟା ଧନିଆ ପତ୍ର – ଅଧା , ଦହି – ଏକ କପ୍ , ଜିରା ଲଙ୍କା ଗୁଣ୍ଡ – ଅଧା ଚାମଚ , ତେଲ – ଆବଶ୍ୟକତା ଅନୁସାରେ , ଲୁଣ – ସ୍ୱାଦ ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ଶାଗୁ ପକାଇ ଉଷୁମ କରନ୍ତୁ । ଏହାକୁ ଏକ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ । ଏହାପରେ ଏକ ଗ୍ରାଇଣ୍ଡିଂ ଜାର୍ ନେଇ ସେଥିରେ ଶାଗୁ ସମେତ ଭଜା ଚିନାବାଦାମ ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହାକୁ ଏକ ପାତ୍ରରେ କାଢ଼ି ସେଥିରେ ସିଝା ଆଳୁକୁ, ଜିରା, ଧନିଆପତ୍ର ଲୁଣ ଦେଇ ଅଟା ଭଳି ଏହାକୁ ଚକଟି ଦିଅନ୍ତୁ । ଏହାପରେ ଛୋଟ ଛୋଟ ଗୁଳା କରି ଏହାକୁ ଅଟା ଗୁଣ୍ଡ ଦେଇ ପୁରୀ ଭଳି ବେଲନ୍ତୁ । ଏହାପରେ ଗ୍ୟାସ୍ ଲଗାଇ ପ୍ୟାନ୍ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲେ ସେଥିରେ ପରଟାକୁ ଦେଇ ଅଳ୍ପ ତେଲ ପକାଇ ସେକନ୍ତୁ । ଦୁଇ ପାଖ ହାଲୁକା ନାଲି ରଙ୍ଗ ହୋଇଗଲେ ଏହାକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହେଇଗଲା 'ଶାଗୁ ପରଟା' । ଏହାକୁ ଦହି ଓ ଜିରାଲଙ୍କା ଗୁଣ୍ଡ ସହ ପରଷନ୍ତୁ ।



# ଗଣେଶ ପୂଜାରେ ମରାଠୀ ଲୁକ୍



**ପାଖେଇ ଆସୁଛି ଗଣେଶ ପୂଜା । ଏଥିପାଇଁ ଚଳଚଞ୍ଚଳ ଗାଁଠୁ ସହର । ସାଧାରଣତଃ ପର୍ବପର୍ବାଣୀରେ ମହିଳାମାନେ ସଜେଇ ହେବାକୁ ଭଲପାଆନ୍ତି । ବିଶେଷ କରି ଏବେ ପର୍ବପର୍ବାଣୀ ଅନୁଯାୟୀ ଲୁକ୍ ନେବାକୁ ଯୁବତୀମାନେ ବେଶି ପସନ୍ଦ କରୁଛନ୍ତି । ଏଥିପାଇଁ ପାର୍ଲର ଯାଇ ମୋଟା ଅଙ୍କର ଟଙ୍କା ଖର୍ଚ୍ଚ କରିଥାନ୍ତି । କିନ୍ତୁ ଚାହିଁଲେ ଘରେ ଥିବା ଜିନିଷକୁ ଉପଯୋଗ କରି ପୂଜାରେ ପାରମ୍ପରିକ ମରାଠୀ ଲୁକ୍ ନେଇପାରିବେ । ଜାଣିବା ସେ ବିଷୟରେ ।**

### ନୌବାରୀ ଶାଢ଼ି

ମରାଠୀ ଲୁକ୍‌ର ମୁଖ୍ୟ ଆକର୍ଷଣ ହେଉଛି ନୌବାରୀ ଶାଢ଼ି । ଏହା ଏକ ପାରମ୍ପରିକ ଶାଢ଼ି ଭାବେ ଜଣାଯାଏ । ଏହାକୁ ଧୋତି ଷ୍ଟାଇଲ୍‌ରେ ପିନ୍ଧାଯାଇଥାଏ । ଏହି ଶାଢ଼ି ରେଶମ ଫ୍ୟାବ୍ରିକ୍‌ରେ ନିର୍ମିତ ହୋଇଥାଏ । ଏଥିରୁ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ ।

### ନୋଥ

ନୋଥ ବିନା ମରାଠୀ ଲୁକ୍ ଅସମ୍ପୂର୍ଣ୍ଣ । ତେଣୁ ସମ୍ପୂର୍ଣ୍ଣ ଲୁକ୍ ନେବା ପାଇଁ ମାଳି କିମ୍ବା ଷ୍ଟୋନ୍ ଲାଗିଥିବା ନୋଥ ପିନ୍ଧିପାରିବେ । ସ୍ୱତନ୍ତ୍ର ଡିଜାଇନର ଏହି ନୋଥ ଦେଖିବାକୁ ଖୁବ୍ ସୁନ୍ଦର ଲାଗିଥାଏ । ନାକଫୋଡ଼େଇ ନ ଥିବା ମହିଳାମାନେ ମଧ୍ୟ ଏହାକୁ ସହଜରେ ଲଗାଇପାରିବେ । ମୋତି ଓ କୁନ୍ଦନରେ ସଜ୍ଜିତ ଏହି ନୋଥ ଦେଖିବାକୁ ଖୁବ୍ ଆକର୍ଷଣୀୟ ହୋଇଥାଏ ।

### ଅର୍ଦ୍ଧଚନ୍ଦ୍ରାକୃତି ବିନ୍ଦି

ତେବେ ମରାଠୀ ଲୁକ୍‌ରେ ଅର୍ଦ୍ଧଚନ୍ଦ୍ରାକୃତି ବିନ୍ଦିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା ମୁହଁରେ ଲଗାଇଲେ ଖୁବ୍ ସୁନ୍ଦର ଦିଶିଥାଏ । ତେଣୁ ପାରମ୍ପରିକ ମରାଠୀ ଲୁକ୍ ପୁରା କରିବା ପାଇଁ ଚନ୍ଦ୍ରକାର ବିନ୍ଦି ଲଗାଇବା ଆବଶ୍ୟକ ।

### ସବୁଜ ଚୁଡ଼ି

ସବୁଜରଙ୍ଗ ଚୁଡ଼ି ମରାଠୀ ମହିଳାଙ୍କ ପରିଚୟ ଭାବେ ଜଣାଯାଏ । ତେଣୁ ହାତରେ ସୁନ୍ଦର ସବୁଜ ଚୁଡ଼ି ପିନ୍ଧିବା ଜରୁରୀ ।

### ଅଣ୍ଟାସୂତା

ସେହିପରି ଲୁକ୍‌କୁ ଅଧିକ ଆକର୍ଷଣୀୟ କରିବାକୁ ଚାହୁଁଥିଲେ ଅଣ୍ଟାବିଛା ପିନ୍ଧିପାରିବେ । ବଜାର ବିଭିନ୍ନ ରଙ୍ଗ ଓ ଡିଜାଇନର୍ ଅଣ୍ଟାବିଛା ମିଳୁଛି ।

# କଞ୍ଚା ଅମୃତଭଣ୍ଡା ମାସ୍କର ଫାଇଦା



**ଅମୃତଭଣ୍ଡା ଉଭୟ ତ୍ୱଚା ଓ ଶରୀର ପାଇଁ ସ୍ୱାସ୍ଥ୍ୟକର ହୋଇଥାଏ । ବିଶେଷ କରି କଞ୍ଚା ଅମୃତଭଣ୍ଡାରେ ଥିବା ଏନ୍‌ଜାଇମ୍ସ ଓ ନ୍ୟୁଟ୍ରିଏଣ୍ଟସ୍ ତ୍ୱଚାକୁ ଗଭୀରରୁ ପୋଷଣ ଦେଇଥାଏ । ତେଣୁ କଞ୍ଚା ଅମୃତ ଭଣ୍ଡା ତ୍ୱଚାରେ ଲଗାଇଲେ କେଉଁ ସୁଫଳ ମିଳିଥାଏ, ଜାଣିବା ସେ ବିଷୟରେ...**



### ଦାଗ ଓ ବ୍ରଣ ସମସ୍ୟାରୁ ମୁକ୍ତି

କଞ୍ଚା ଅମୃତଭଣ୍ଡା ଆଣ୍ଟି ବ୍ୟାକ୍ଟେରିୟଲ ଗୁଣରେ ଭରପୂର ରହିଥାଏ । ତେଣୁ ଏହାକୁ ତ୍ୱଚାରେ ଲଗାଇଲେ ବ୍ରଣ ସମସ୍ୟା ଦୂର ହୋଇଥାଏ । ଏଥିସହ ତ୍ୱଚା ଉଜ୍ଜ୍ୱଳ ଦିଶିଥାଏ ।

### ମୃତ କୋଷ କରେ ଦୂର

ଏଥିରେ ଥିବା ଏନ୍‌ଜାଇମ୍ସ ତ୍ୱଚାର ଉପର ପରସ୍ତରେ ଥିବା ମୃତ କୋଷକୁ ହଟାଇ ନୂଆ ତ୍ୱଚା ବାହାରକୁ ଆଣିଥାଏ । ଏହାଦ୍ୱାରା ତ୍ୱଚା ସତେଜ ଓ ଉଜ୍ଜ୍ୱଳ ଦିଶିଥାଏ ।

### ପିଗ୍‌ମେଣ୍ଟେସନ୍ କରେ ଦୂର

କଞ୍ଚା ଅମୃତଭଣ୍ଡା ତ୍ୱଚାରେ ଥିବା ମେଲାଲିନ୍‌କୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା କଳାଦାଗ , ପିଗ୍‌ମେଣ୍ଟେସନ୍ ହାଲୁକା ହୋଇଥାଏ ।

### ମୁହଁ ତେଲ ନିୟନ୍ତ୍ରଣ

ବିଶେଷ କରି ତେଲିଆ ତ୍ୱଚା ଥିବା ମହିଳାଙ୍କ ପାଇଁ କଞ୍ଚା ଅମୃତଭଣ୍ଡା ବରଦାନ ସ୍ୱରୂପ । ଏହା ତ୍ୱଚାରେ ଥିବା ଅତିରିକ୍ତ ତେଲକୁ ବାହାର କରି ଏକ ମ୍ୟାଟ୍ ଲୁକ୍ ଦେଇଥାଏ । ଏହା ମୁହଁର ରୁକ୍ଷତାକୁ ଦୂର କରି ଏକ ପ୍ରାକୃତିକ ଚମକ ଦେଇଥାଏ ।

### ସତର୍କତା

- କଞ୍ଚା ଅମୃତଭଣ୍ଡା ଖୁବ୍ କଡ଼ା ହୋଇଥାଏ । ତେଣୁ ସମ୍ବେଦନଶୀଳ ତ୍ୱଚା ଥିବା ମହିଳାମାନେ ଏହାକୁ ସିଧାସଳଖ ତ୍ୱଚାରେ ଲଗାନ୍ତୁ ନାହିଁ ।
- ପ୍ରଥମେ ପ୍ୟାଚ୍ ଟେଷ୍ଟ କରି ଏହାକୁ ତ୍ୱଚାରେ ଲଗାଇବା ଭଲ । ଏହାଦ୍ୱାରା ତ୍ୱଚାରେ କୌଣସି ପ୍ରକାର ସଂକ୍ରମଣ ହୋଇ ନଥାଏ ।
- ଦୀର୍ଘ ସମୟ ଏହାକୁ ତ୍ୱଚାରେ ଲଗାଇ ରଖନ୍ତୁ ନାହିଁ । ଲଗାଇବାର ୧୦-୧୫ ମିନିଟ୍‌ରେ ଏହାକୁ ଧୋଇ ଦିଅନ୍ତୁ ।

# ଘର ପାଇଁ ସୁଗନ୍ଧିତ ତୈଳ

**ଦିନସାରା ଧାଁଦୌଡ଼ ଭିତରେ ସନ୍ଧ୍ୟାରେ ଘରକୁ ଫେରିଲେ ମନକୁ ଟିକିଏ ଆଶ୍ୱସ୍ତି ମିଳିଥାଏ । ଏଥିପାଇଁ ସମସ୍ତେ ନିଜ ଅନୁସାରେ ଘରକୁ ସଜାଇଥାନ୍ତି । ସେହିପରି ଘରେ ଶାନ୍ତି ବାତାବରଣକୁ ଦ୍ୱିଗୁଣିତ କରିବାକୁ ଚାହୁଁଥିଲେ ଘରେ ରୁମ୍ ସ୍ପ୍ରେ ବଦଳରେ ଏସେନ୍‌ସିଆଲ୍ ଅଏଲ ସ୍ପ୍ରେ କରିପାରିବେ । ଏହାକୁ ବ୍ୟବହାର କରିବା ଦ୍ୱାରା ଶାନ୍ତି ମିଳିବା ସହ ଘରେ ସକାରାତ୍ମକ ବାତାବରଣ ରହିଥାଏ ।**

### ସାଇଟ୍ରିକ୍ ଅଏଲ୍‌ରୁ ସତେଜ

ମନ ଅଶାନ୍ତି ରହୁଥିଲେ, ସାଇଟ୍ରିକ୍ ବେସ୍‌ଡ ଅଏଲ୍‌କୁ ଶୋଇବା କୋଠରୀରେ ସ୍ପ୍ରେ କରିପାରିବେ । ସେହିପରି ବର୍ଷାଦିନେ ଏହା ଘରକୁ ଓଦାଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ । ଏଥିସହ ଚାହିଁଲେ ଲେମ୍ବୁ ଥିବା ଏସେନ୍‌ସିଆଲ୍ ଅଏଲ ବ୍ୟବହାର କରିପାରିବେ । ଏହାଦ୍ୱାରା ଘରେ ସକାରାତ୍ମକ ପରିବେଶ ସହ ମନ ପ୍ରସନ୍ନ ରହିଥାଏ ।

### ଲାଭେଣ୍ଡରର ଅଏଲ୍

ଘରେ ହସଖୁସିର ବାତାବରଣ ରଖିବାକୁ ଚାହୁଁଥିଲେ, କିଛି ଲାଭେଣ୍ଡର ଅଏଲ୍ ନେଇ ସେଥିରେ ପାଣି ମିଶାଇ ସ୍ପ୍ରେ କରିପାରିବେ । ଏଥିସହ ଗେଷ୍ଟ ରୁମ୍, ବେଡ୍‌ରୁମ ଆଦିରେ ଏହାକୁ ସ୍ପ୍ରେ କରିପାରିବେ । ସେହିପରି ଚାହିଁଲେ ତକିଆରେ ମଧ୍ୟ ଏହାର କିଛି ବୁନ୍ଦା ସ୍ପ୍ରେ କରିପାରିବେ । ସେହିପରି କାମକୁ ନେଇ ଅଧିକ ଚାପ ଅନୁଭବ କରୁଥିଲେ ଏହାଦ୍ୱାରା ଚାପମୁକ୍ତ ଅନୁଭବ ହୋଇଥାଏ ।

### ଚନ୍ଦନ ଓ ଗୋଲାପ

ସେହିପରି ଘରକୁ ଏକ ବିଳାସମୟ ଅନୁଭୂତ ଦେବାକୁ ଚାହୁଁଥିଲେ, ଚନ୍ଦନ ଓ ଗୋଲାପ ତେଲ ସ୍ପ୍ରେ କରିପାରିବେ । କାରଣ ଏହାର ବାସ୍ନା ଖୁବ୍ ସୁନ୍ଦର ହୋଇଥାଏ । ସେହିପରି ଚନ୍ଦନ ତେଲ ଜୀବାଣୁରୋଧୀ ହୋଇଥାଏ । ସେହିପରି ଚାହିଁଲେ ଏହାକୁ ଇଣ୍ଡୋର୍ ପ୍ଲାଣ୍ଟରେ ମଧ୍ୟ ଛିଞ୍ଚିପାରିବେ ।



■ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା


# ଓଡ଼ିଶା ରନର୍ସଅପ୍



ଭୁବନେଶ୍ୱର, ୨୩।୮ (ସମିସ): ଶ୍ରୀନଗରରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ଓଡ଼ିଶା ପ୍ରଶଂସନୀୟ ପ୍ରଦର୍ଶନ କରି ରନର୍ସଅପ୍ ହୋଇଛି । ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ୧୦ଟି ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି । ଯେଉଁଥିରେ ୪ଟି ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଛି । ମଧ୍ୟପ୍ରଦେଶ ୧୦ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ କାଂସ୍ୟ ସହ ୧୮ ପଦକ ଜିତି ଚାମ୍ପିଅନ ହୋଇଛି । ସେହିଭଳି କେରଳ (୭ ପଦକ) ୩ୟ, ଉତ୍ତର ପ୍ରଦେଶ (୩ ପଦକ) ୪ର୍ଥ ସ୍ଥାନ ହାସଲ କରିଛନ୍ତି । ଶେଷଦିନରେ ଓଡ଼ିଶା ପ୍ରତିଯୋଗୀମାନେ ୫ଟି ପଦକ ଜିତିବାରେ ସଫଳ ହୋଇଥିଲେ । ଯେଉଁଥିରେ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ରହିଛି । ରଶ୍ମିତା ସାହୁ ଓ ଆଟୋଇବାମ୍ ଦେବୀ ଯୋଡ଼ି କାନୋଇଂ-୫୦୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ସେହିଭଳି ମହିଳା କାୟାକିଂ-୫୦୦ ମିଟର ଓ ପୁରୁଷ ସିଙ୍ଗଲ୍ସ ସ୍କଲରେ ସ୍ୱର୍ଣ୍ଣ ପଦକ ରାଜ୍ୟକୁ ମିଳିଥିଲା । ଏହି ସଫଳତା ଲାଗି ଓଡ଼ିଶା କାୟାକିଂ ଓ କାନୋଇଂ ସଂଘର ସମ୍ପାଦକ ବିପିନ ଦାଶ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଅନିମେଶଙ୍କୁ ସ୍ୱର୍ଣ୍ଣ, ସ୍ୱାଧୀନଙ୍କୁ କାଂସ୍ୟ

ଭୁବନେଶ୍ୱର, ୨୩।୮ (ସମିସ): ଚେନ୍ନଇରେ ଚାଲିଥିବା ୬୪ତମ ଜାତୀୟ ଆନ୍ତଃରାଜ୍ୟ ସିନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଓଡ଼ିଶା ଖେଳାଳିଙ୍କ ପଦକ ବିଜୟଧାରା ଜାରି ରହିଛି । ଶନିବାର ଓଡ଼ିଶା ଖେଳାଳିମାନେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି । ଦେଶର ଦ୍ରୁତତମ ଧାବକ ଅନିମେଶ କୁଜୁର ପୁରୁଷ ୨୦୦ ମିଟର ରେସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ଅନିମେଶ ୨୦.୬୩ ସେକେଣ୍ଡ ସମୟ ନେଇ ରେସ୍ ଫିନିଶ କରିବା ସହ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ ।



ସେହିଭଳି ସ୍ୱାଧୀନ ମାଝୀ କାଂସ୍ୟ ପଦକ ହାସଲ କରିଛନ୍ତି । ପୁରୁଷ ହାଇଜମ୍ପରେ ସେ ବ୍ୟକ୍ତିଗତ ଶ୍ରେଷ୍ଠ ୨.୧୮ ମିଟର ଉଚ୍ଚକୁ ଡେଇଁ ତୃତୀୟ ସ୍ଥାନ ହାସଲ କରିଥିଲେ । ପ୍ରଥମ ଦିବସରେ ଓଡ଼ିଶାର ୪ ଗୁଣା ୧୦୦ ମିଟର ପୁରୁଷ ରିଲେ ଦଳ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା ।

## ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଓ କିକ୍‌ବକ୍ସିଂରେ କିଟ୍‌କୁ ୨ ପଦକ

ଭୁବନେଶ୍ୱର, ୨୩।୮ (ସମିସ): କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଅନ୍ତର୍ଜାତୀୟସ୍ତରରେ ଆଉ ୨ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । କିଟ୍‌ରେ ଏମ୍‌ବିଏ ପଢୁଥିବା ଅବିନାଶ ମହାନ୍ତି ଘାନା ଇଣ୍ଟରନ୍ୟାସନାଲ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ପୁରୁଷ ଡବଲ୍ସରେ ସେ ଏହି ସଫଳତା ପାଇଥିଲେ । ଏଥିରେ ଅନ୍ୟତମ ଓଡ଼ିଆ ଖେଳାଳି ଆୟୁଷ ପଟ୍ଟନାୟକଙ୍କୁ ସାଥୀ କରି ଖେଳିଥିବା ଅବିନାଶ ଫାଇନାଲରେ ଇଣ୍ଡୋନେସିଆ ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ । ସେହିଭଳି ଇଣ୍ଡୋନେସିଆରେ ଅନୁଷ୍ଠିତ କିକ୍‌ବକ୍ସିଂ ଓପନ୍ ପ୍ରତିଯୋଗିତାରେ କିଟ୍‌ର ଯଶ କୁମାର ସିହ୍ନା କାଂସ୍ୟ ପଦକ ବିଜୟୀ ହୋଇଛନ୍ତି । ଉଭୟ ପଦକ ବିଜେତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି ।




ଆଇସିସି ଦିନିକିଆ ପୁରୁଷ ବିଶ୍ୱକପ୍ - ୨୦୨୭

# ଦ.ଆଫ୍ରିକାର ୮ଟି ଭେନ୍ୟୁରେ ୪୪ ମ୍ୟାଚ୍

ଜୋହାନ୍ସବର୍ଗ,୨୩।୮ (ଏଜେନ୍ସି):

ଆଫ୍ରିକା ମହାଦେଶର ୩ଟି ଦେଶ ଯଥା ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାରେ ୨୦୨୭ ଆଇସିସି ଦିନିକିଆ ପୁରୁଷ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହେବ । ଏହି ପ୍ରତିଯୋଗିତା ଲାଗି ଏବେଠାରୁ ସ୍ଥାନୀୟ ଆୟୋଜନ କମିଟି ସମସ୍ତ ପ୍ରକାର ପ୍ରସ୍ତୁତିରେ ଲାଗିପଡ଼ିଛି । ବିଶେଷ କରି ଦକ୍ଷିଣ ଆଫ୍ରିକାରେ ଦୀର୍ଘ ୨୪ ବର୍ଷ ପରେ ଆଇସିସି ବିଶ୍ୱକପ୍ ଖେଳାଯାଉଥିବାରୁ ଆୟୋଜକ ଓ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି । ଏହା ମଧ୍ୟରେ ବିଶ୍ୱକପ୍‌ର ଆୟୋଜନ ମିଳିତଭାବେ ହେଉଥିବାରୁ କେଉଁ ଦେଶ କେତୋଟି ମ୍ୟାଚ୍ ଆୟୋଜନ କରିବ ସେ ସମ୍ପର୍କରେ ଆଜି କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍ଏ) ଘୋଷଣା କରିଛି । ଘୋଷଣା ଅନୁଯାୟୀ ଦକ୍ଷିଣ ଆଫ୍ରିକାରେ ୪୪ଟି ଏବଂ ଅନ୍ୟ ଦୁଇଦେଶ ଜିମ୍ବାୱେ ଓ ନାମିବ୍ୟାରେ ୧୦ଟି ମ୍ୟାଚ୍ ଖେଳାଯିବ । ଦକ୍ଷିଣ ଆଫ୍ରିକାରେ ମଧ୍ୟ କେଉଁ ଭେନ୍ୟୁରେ ମ୍ୟାଚ୍ ଖେଳାଯିବ ତାହା ଘୋଷଣା କରାଯାଇଛି । ସେହିପରି ପୂର୍ବତନ ମନ୍ତ୍ରୀ ଟ୍ରେଭର ମାନୁଏଲଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅର୍ଗାନାଇଜିଂ କମିଟି (ଏଲ୍ଓସିବି) ଗଠନ କରାଯାଇଛି ।

୨୦୨୭ ଅକ୍ଟୋବର ଓ ନଭେମ୍ବର ମାସରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ଦଳ ଭାଗନେବେ । ୨୦୨୭ ସୁଦ୍ଧା ଆଇସିସି ମାନ୍ୟତାରେ ଥିବା ପ୍ରଥମ ୮ଟି ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ । ସେହିପରି ଆୟୋଜକ ଦେଶ ଭାବେ ଦକ୍ଷିଣ ଆଫ୍ରିକା ପ୍ରଥମେ ଯୋଗ୍ୟତା ଅର୍ଜନ କରିଛି । କିନ୍ତୁ ଯୁଗ୍ମ ଆୟୋଜକ ଜିମ୍ବାୱେ ଓ ନାମିବ୍ୟାକୁ ସେହି ସୁଯୋଗ ମିଳିନାହିଁ ।



ଏହା ମଧ୍ୟରେ ଦକ୍ଷିଣ ଆଫ୍ରିକାରେ ମ୍ୟାଚ୍ ଖେଳାଯିବାକୁ ଥିବା ୮ଟି ଭେନ୍ୟୁ ଚୂଡାନ୍ତ ହୋଇଛି । ସେଗୁଡିକ ହେଲା ଜୋହାନ୍ସବର୍ଗ, ପ୍ରିଟୋରିଆ, କେପ୍‌ଟାଉନ୍, ଡର୍ବାନ, ଜେବେର୍‌ହା (ପୋର୍ଟ ଏଲିଜାବେଥ), ବ୍ଲୋଏମଫୋଣ୍ଟେନ, ଇଷ୍ଟ ଲଣ୍ଡନ ଓ ପାର୍ଲ । ସେହିପରି ଜିମ୍ବାୱେର ହରାରେ ଓ ବୁଲାୱାୟୋ, ନାମିବ୍ୟାର ଗୋଟିଏ ସହର ୱିଣ୍ଡୋହୋଏକ୍‌ରେ ୩ଟି ଗ୍ରାଉଣ୍ଡ ଯଥା ନାମିବ୍ୟା କ୍ରିକେଟ ଗ୍ରାଉଣ୍ଡ, ୟୁନାଇଟେଡ ଗ୍ରାଉଣ୍ଡ ଓ ୱାଣ୍ଡରର୍ସ କ୍ରିକେଟ ଗ୍ରାଉଣ୍ଡ । ପରେ ଅନ୍ୟ କଥା ଉପରେ ନିଷ୍ପତ୍ତି ନିଆଯିବ ବୋଲି ସିଏସ୍ଏ ପକ୍ଷରୁ କୁହାଯାଇଛି ।

ସିଏସ୍ଏ ସଭାପତି ରିହାନ ରିଚାର୍ଡ୍ସଙ୍କ କହିବା ଅନୁଯାୟୀ ଦୀର୍ଘ ୨୪ ବର୍ଷ ପରେ ପୁରୁଷ କ୍ରିକେଟ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାରେ ଖେଳାଯାଉଥିବାରୁ ନୂଆ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ରହିଛି । ବିଶେଷ କରି ଡିଜିଟାଲ ଯୁଗରେ ଦର୍ଶକଙ୍କୁ କିପରି ଷ୍ଟାଡିୟମ୍‌କୁ ଆକୃଷ୍ଟ କରାଯିବ ତାହା ଉପରେ ଆମେ ବେଶ ଗୁରୁତ୍ୱ ଦେଉଛୁ । ଏହି ସୁଯୋଗକୁ ଆମେ ଆଦୌ ହାତଛଡ଼ା କରିବୁ ନାହିଁ । ଆଫ୍ରିକା ମହାଦେଶରେ କ୍ରିକେଟକୁ ଅଧିକ ଲୋକପ୍ରିୟ କରାଇବା ଏବଂ ନୂଆ ଦର୍ଶକଙ୍କୁ ଆକୃଷ୍ଟ କରିବା ଆମର ମୂଳ ଲକ୍ଷ୍ୟ । ଏହି ସମୟରେ ଏହି ମେଗା ଇଭେଣ୍ଟ କିପରି ଶୃଙ୍ଖଳାର ସହ ଆୟୋଜିତ ହେବ ତାହା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛୁ । ଦକ୍ଷିଣ ଆଫ୍ରିକାର ସରକାର ଓ ପ୍ରଶାସନ ପୂରା ସହଯୋଗ କରୁଛନ୍ତି । ଆମେ ବିଶ୍ୱ କ୍ରିକେଟ ପ୍ରେମୀଙ୍କୁ ଦକ୍ଷିଣ ଆଫ୍ରିକା ସହ ଯୋଡିବାକୁ ଚେଷ୍ଟା କରିବୁ ବୋଲି କହିଛନ୍ତି ରିଚାର୍ଡସ ।

ପୂର୍ବପରି ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ଦଳ ଅଂଶଗ୍ରହଣ କରିବେ । ଏହି ଦେଶଗୁଡିକୁ ୨ଟି ଗ୍ରୁପ୍‌ରେ ଭାଗ କରାଯିବ । ରାଉଣ୍ଡ ରବିନ ଭିତ୍ତିରେ ଲିଗ୍ ମ୍ୟାଚ୍ ଖେଳାଯିବା ପରେ ପ୍ରତ୍ୟେକ ଗ୍ରୁପ୍‌ର ୩ଟି ଲେଖାଏଁ ଶ୍ରେଷ୍ଠ ଦଳ ସୁପର ସିକ୍ସକୁ ଉନ୍ନୀତ ହେବେ । ସୁପର ସିକ୍ସରେ ଯୋଗ୍ୟତା ଅର୍ଜନ କରିଥିବା ୩ଟି ଦଳ ଅନ୍ୟ ଗ୍ରୁପ୍‌ର ୩ଟି ଦଳ ସହ ଖେଳିବେ । ଏହା ପରେ ୧୯୯୯ ବିଶ୍ୱକପ୍ ଭଳି ପଏଣ୍ଟ ଭିତ୍ତିରେ ସେମିଫାଇନାଲ ଓ ଫାଇନାଲ ଖେଳାଯିବ । ଗତ ସଂସ୍କରଣ ବା ୨୦୨୩ରେ ଏହି ବିଶ୍ୱକପ୍ ଭାରତରେ ଖେଳାଯାଇଥିଲା । ଏଥିରେ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଥିଲାବେଳେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା ।

## ଦୁଲୀପ୍ ଟ୍ରଫି ଖେଳିବେନି ଗିଲ୍

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍ ଅସୁସ୍ଥତା ଯୋଗୁ ଚଳିତମାସ ୨୮ରୁ ଆରମ୍ଭ ହେବାକୁ ଯାଉଥିବା ଦୁଲୀପ୍ ଟ୍ରଫି ଆନ୍ତଃଜୋନ୍ କ୍ରିକେଟ ପ୍ରତିଯୋଗିତାରୁ ଓହରିଯାଇଛନ୍ତି । ଏବେ ତାଙ୍କ ସ୍ଥାନରେ ଅଙ୍କିତ କୁମାରଙ୍କୁ ଉତ୍ତରାଞ୍ଚଳ ଦଳର ଅଧିନାୟକ ମନୋନୀତ କରାଯାଇଛି । ଗିଲ୍ ଏହି ମ୍ୟାଚ୍ ଖେଳିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଦୁଲୀପ୍ ଟ୍ରଫି ଖେଳିବାରେ ଅସମର୍ଥ ହୋଇଥାନ୍ତେ । ସେପ୍ଟେମ୍ବର ୯ରୁ ଏସିଆ କପ୍ ଆରମ୍ଭ ହେବାକୁ ଥିଲାବେଳେ ଗିଲ୍ ଏହି ଦଳର ଉପଅଧିନାୟକ ମନୋନୀତ ହୋଇଛନ୍ତି । ଉତ୍ତରାଞ୍ଚଳ ତାହାର ପ୍ରଥମ ମ୍ୟାଚ୍ ପୂର୍ବାଞ୍ଚଳ ସହ ବେଙ୍ଗାଲୁରୁରେ ଅଗଷ୍ଟ ୨୮ରୁ ଖେଳିବ ।

## ଅର୍ଜୁନ-ଏଲାଭେନିଲଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଭାରତର ଅର୍ଜୁନ ବବୁଟା ଓ ଏଲାଭେନିଲ ଭାଲାରିଭାନଙ୍କ ଯୋଡି କାଜାକସ୍ଥାନରେ ଚାଲିଥିବା ଏସିଆନ ସୁଟିଂ ଚାମ୍ପିଅନସିପ୍‌ର ୧୦ ମିଟର ଏୟାର ରାଇଫଲ ମିକ୍ସଡ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ଫାଇନାଲରେ ଏମାନେ ଚୀନ୍‌ର ଡିଙ୍ଗକେ ଲୁ ଓ ଜିନ୍‌ଲୁ ପେଙ୍ଗଙ୍କ ଯୋଡିକୁ ୧୭-୧୧ ପଏଣ୍ଟରେ ପରାସ୍ତ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ପ୍ରାଥମିକ ପର୍ଯ୍ୟାୟରେ ଚୀନ ପ୍ରତିଯୋଗୀ ଆଗୁଆ ରହିଥିଲେ । କିନ୍ତୁ ଶେଷ ପର୍ଯ୍ୟାୟରେ ଭାରତୀୟ ଯୋଡି ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଚୀନା ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବିଜୟ ଛଡ଼ାଇଆଣିଥିଲେ । ଗତକାଲି ଏଲାଭେନିଲ ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ଗତ ଦୁଇଦିନରେ ସେ ଦୁଇଟି ସ୍ୱର୍ଣ୍ଣ ଜିତିବାରେ ସମର୍ଥ ହୋଇଛନ୍ତି ।

## ଜାତୀୟ ଜୁନିଅର ହକି: ଓଡ଼ିଶାକୁ ରୌପ୍ୟ




ଭୁବନେଶ୍ୱର, ୨୩।୮ (ସମିସ): ପଞ୍ଜାବରେ ଅନୁଷ୍ଠିତ ଜାତୀୟ ଜୁନିଅର ପୁରୁଷ ହକିର ୧୫ତମ ସଂସ୍କରଣରେ ଓଡ଼ିଶା ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି । ଶନିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଓଡ଼ିଶା ୨-୩ ଗୋଲରେ ହରିୟାଣା ନିକଟରୁ ପରାସ୍ତ ହୋଇଥିଲା । ଏକଦା ୨-୦ରେ ଅଗ୍ରଣୀ ରହିଥିବା ଓଡ଼ିଶା ମ୍ୟାଚର ଶେଷ ୧୦ ମିନିଟରେ ୩ଟି ଗୋଲ୍‌ବରଣ କରି ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଥିଲା । ସେହିଭଳି ଆୟୋଜକ ପଞ୍ଜାବ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ପାଇଥିଲା । ଫାଇନାଲ ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା । ତେବେ ଦ୍ୱିତୀୟ କ୍ୱାର୍ଟରରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରି ୨ଟି ଗୋଲ୍ ଦେଇଥିଲା । ୧୭ତମ ମିନିଟରେ ଦୀପକ ପ୍ରଧାନ ଓ ୧୯ତମ ମିନିଟରେ ପ୍ରତାପ ଟପ୍ପୋଙ୍କ ଷ୍ଟିକ୍ସରୁ ଏହି ଦୁଇଟି ଗୋଲ୍ ବାହାରିଥିଲା । ଫଳରେ ପ୍ରଥମାର୍ଦ୍ଧ ଓଡ଼ିଶା ସପକ୍ଷରେ ଯାଇଥିଲା । ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ମଧ୍ୟ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ । କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ହରିୟାଣା ଖେଳାଳି ଶେଷ ୧୦ ମିନିଟରେ ୩ଟି ଗୋଲ୍ ଦେଇ ଓଡ଼ିଶା ନିକଟରୁ ବିଜୟ ଛଡ଼ାଇ ନେଇଥିଲେ । ଏହି ୩ଟି ଗୋଲରୁ ନୀତୀନ ୨ଟି ଗୋଲ୍ ଦେଇ ହରିୟାଣାକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ଡୁରାଣ୍ଡ କପ୍ ବଜାୟ ରଖିଲା ନର୍ଥଇଷ୍ଟ

କୋଲକାତା, ୨୩।୮ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି । ଶନିବାର ଏକପାଖିଆ ଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ନର୍ଥଇଷ୍ଟ ୟୁନାଇଟେଡ୍ ୬-୧ ଗୋଲ୍‌ରେ ଡାଏମଣ୍ଡ ହାର୍ବରକୁ ପରାସ୍ତ କରିଥିଲା । ଏଥିସହ ଡୁରାଣ୍ଡ କପ୍‌ର ଗତ ୩୪ ବର୍ଷ ମଧ୍ୟରେ ପ୍ରଥମ ଦଳ ଭାବେ ନର୍ଥଇଷ୍ଟ ଟାଇଟଲ୍ ବଜାୟ ରଖିଛି । ଶେଷଥର ଲାଗି ଇଷ୍ଟ ବେଙ୍ଗଲ ୧୯୮୯ରୁ କ୍ରମାଗତ ୩ବର୍ଷ ଚାମ୍ପିଅନ ହୋଇଥିଲା । ଅପରପକ୍ଷରେ ଡୁରାଣ୍ଡ କପ୍ ପଦାର୍ପଣରେ ଫାଇନାଲରେ ପ୍ରବେଶ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଡାଏମଣ୍ଡ ହାର୍ବର ଫାଇନାଲରେ କିନ୍ତୁ ଏହି ପ୍ରଦର୍ଶନକୁ ଦୋହରାଇ ପାରି ନ ଥିଲା । ସେମିଫାଇନାଲରେ ହାର୍ବର ଦଳ ୧୬ଥରର ଚାମ୍ପିଅନ ଇଷ୍ଟ ବେଙ୍ଗଲକୁ ହରାଇଥିଲା ।

ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଆଜିଠାରୁ

## ଓଡ଼ିଶାରୁ ଭାଗନେବେ ୬ ପ୍ରତିଯୋଗୀ

ଭୁବନେଶ୍ୱର,୨୩।୮ (ସମିସ): ଅହମ୍ମଦାବାଦ୍‌ଠାରେ ଆସନ୍ତାକାଲିଠାରୁ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ । ଏଥିରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ବରିଷ୍ଠ, ଯୁବ ଓ କନିଷ୍ଠ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ । ଅଗଷ୍ଟ ୩୦ରେ ଶେଷ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗନେବାକୁ ଓଡ଼ିଶାର ୬ଜଣ ପ୍ରତିଯୋଗୀ ଯୋଗ୍ୟତା ଅର୍ଜନ କରିଛନ୍ତି । ସେମାନେ ହେଲେ ଯୁବ ବାଳିକା ବିଭାଗ ୪୪ କେଜିରେ ପ୍ରୀତିସ୍ମିତା ଭୋଇ ଓ ୬୩ କେଜିରେ ଟିକି ମୋହିନୀ ମଲ୍ଲିକ । କନିଷ୍ଠ ବାଳିକା ୫୮ କେଜି ବିଭାଗରେ ମୀନା ସାନ୍ତା-ଏ' ଓ ୬୩ କେଜି ବିଭାଗରେ ବିଦ୍ୟୁସ୍ମିତା ଭୋଇ ଏବଂ କନିଷ୍ଠ ବାଳକ ୮୮ କେଜି ବିଭାଗରେ ହୃଦାନନ୍ଦ ଦାସ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି ।

ବରିଷ୍ଠ ମହିଳା ବିଭାଗରେ ଜଣେ ମାତ୍ର ପ୍ରତିଯୋଗୀ ସ୍ନେହା ସୋରେନ୍ ରହିଛନ୍ତି । ସେ ୫୩ କେଜି ବିଭାଗରେ ଅଂଶଗ୍ରହଣ କରିବେ । ଏମାନେ ସମସ୍ତେ ରାଜ୍ୟ କ୍ରୀଡ଼ା ବିଭାଗ ଦ୍ୱାରା ପରିଚାଳିତ କଳିଙ୍ଗ ଷ୍ଟାଡିୟମ୍‌ର ହାଇ ପରଫର୍ମାନ୍ସ ସେଣ୍ଟର ଓ ଢେଙ୍କାନାଳ ସବ୍‌ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି । ଜାତୀୟ ଚୟନ ଶିବିରରେ ଏମାନେଙ୍କୁ ମନୋନୀତ କରାଯାଇଥିଲା । ପ୍ରଥମଥର ଓଡ଼ିଶାର ଅଧାଡଜନେ ଖେଳାଳି ଭାଗ ନେଉଥିବାରୁ ଖେଳାଳି ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି । ସମସ୍ତ ପ୍ରତିଯୋଗୀଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ଶୁଭେଚ୍ଛା କରାଯାଇଛି ।



ଆନ୍ତଃଜୋନ୍ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍

## ପୂର୍ବାଞ୍ଚଳ ଚାମ୍ପିଅନ



ଭୁବନେଶ୍ୱର, ୨୩।୮ (ସମିସ): ବେଙ୍ଗାଲୁରୁରେ ଅନୁଷ୍ଠିତ ଆନ୍ତଃଜୋନ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍‌ରେ ପୂର୍ବାଞ୍ଚଳ ଦଳ ଚାମ୍ପିଅନ ହୋଇଛି । ଓଡ଼ିଶାର ଫୁଲ ସୋରେନଙ୍କ ନେତୃତ୍ୱାଧୀନ ପୂର୍ବାଞ୍ଚଳ ଦଳ ଫାଇନାଲରେ ୪୦ ରନରେ ପଶ୍ଚିମାଞ୍ଚଳକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରିଥିବା ପୂର୍ବାଞ୍ଚଳ ୨୦ ଓଭରରେ ୫ ୱିକେଟ୍‌ରେ ୧୬୨ ରନ କରିଥିଲା । ଓଡ଼ିଶାର ପାର୍ବତୀ ମାରାଣ୍ଡି ୬୭, ଯମୁନାରାଣୀ ଟୁଡୁ ୨୬, ବାସନ୍ତୀ ହାଁସଦା ୨୦ ଓ ଝିଲ୍ଲି ବିରୁଆ ୧୮ ରନ କରିଥିଲେ । ଜବାବରେ ପଶ୍ଚିମାଞ୍ଚଳ ୧୫.୫ ଓଭରରେ ୧୨୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ପାର୍ବତୀଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଏହି ସଫଳତା ପରେ ପୂର୍ବାଞ୍ଚଳ ଦଳର ସମ୍ପାଦକ ଏମଡି ଜାଫର ଇକବାଲ, ପ୍ରଶିକ୍ଷକ ସୁଖରାମ ମାଝୀ ପ୍ରମୁଖ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଉଲ୍ଲେଖଯୋଗ୍ୟ, ଚାମ୍ପିଅନ ଦଳରେ ଓଡ଼ିଶାର ୯ଜଣ ଖେଳାଳି ସ୍ଥାନ ପାଇଥିଲେ । ଏହି ପ୍ରତିଯୋଗିତାରୁ ଆଗାମୀ ଦୃଷ୍ଟିହୀନ ମହିଳା ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷଣା କରାଯିବ ।

ଆଜିଠୁ ୟୁଏସ୍ ଓପନ୍

# ୨୫ତମ ଗ୍ରାଣ୍ଡସ୍ଲାମ୍ ଲକ୍ଷ୍ୟରେ ଜୋକୋଭିଚ୍

## ସିଙ୍ଗଲ୍ସ ଚାମ୍ପିଅନଙ୍କୁ ମିଳିବ ୪୩ କୋଟି

ନ୍ୟୁୟର୍କ, ୨୩।୮ (ଏଜେନ୍ସି):

ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି । ୟୁଏସ୍ ଓପନର ଏହା ହେବ ୧୪୫ତମ ସଂସ୍କରଣ । ବିଶ୍ୱର ୭ ନମ୍ବର ଖେଳାଳି ତଥା ସର୍ବିଆ ତାରକା ନୋଭାକ ଜୋକୋଭିଚ୍ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲକ୍ଷ୍ୟରେ ରହିଛନ୍ତି । ୩୮ ବର୍ଷୀୟ ଜୋକୋଭିଚ୍ ତାଙ୍କ କ୍ୟାରିୟରର ଅନ୍ତିମ ତଥା ୨୪ତମ ଗ୍ରାଣ୍ଡସ୍ଲାମ ୨ ବର୍ଷ ତଳେ ଏଠାରେ ଜିତିଥିଲେ । ତେଣୁ ଚଳିତ ବର୍ଷ ଏହି ସଫଳତାକୁ ଜୋକୋଭିଚ୍ ଦୋହରାଇବା ଲକ୍ଷ୍ୟରେ ରହିଛନ୍ତି । ଯଦି ସେ ଚାମ୍ପିଅନ ହୁଅନ୍ତି ତେବେ ଓପନ ଏରାରେ ଉଭୟ ପୁରୁଷ ଓ ମହିଳାବର୍ଗରେ ବିଶ୍ୱର ପ୍ରଥମ ଟେନିସ ଖେଳାଳି ଭାବେ ୨୫ଟି ଗ୍ରାଣ୍ଡସ୍ଲାମ ଜିତିବାର ବିଶ୍ୱକୀର୍ତ୍ତିମାନ ସ୍ଥାପନ କରିବେ । ପ୍ରଥମ ରାଉଣ୍ଡରେ ଜୋକୋଭିଚ୍‌ଙ୍କ ମୁକାବିଲା ଆମେରିକାର ଯୁବେ ଖଳାଳି ଲିନର ତିଏନ୍‌ଙ୍କ ସହ ହେବ ।





### ୪୫ ବର୍ଷୀୟା ଭେନସ୍‌ଙ୍କୁ ୱାଇଲ୍ଡ କାର୍ଡ

ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର ଓ ଆରିନା ସାବାଲେଙ୍କା ଯଥାକ୍ରମେ ପୁରୁଷ ଏବଂ ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ମାନ୍ୟତା ପାଇଛନ୍ତି । ଇଟାଲୀର ସିନର୍ ଚେକ୍ ଗଣରାଜ୍ୟର ଭିଟ୍ କୋପ୍ରିଭାଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ । ସେହିଭଳି ସାବାଲେଙ୍କା ପ୍ରଥମ ରାଉଣ୍ଡରେ ଡେନମାର୍କର ତୌସନଙ୍କୁ ଭେଟିବେ । ଅପରପକ୍ଷରେ ଘରୋଇ ଖେଳାଳି ତଥା ୭ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ୪୫ ବର୍ଷୀୟା ଭେନସ୍ ୱିଲିୟମ୍ସ ଦୀର୍ଘ ବର୍ଷର ବ୍ୟବଧାନ ପରେ ୟୁଏସ୍ ଓପନ୍ ଖେଳିବେ । ମହିଳା ସିଙ୍ଗଲ୍ସରେ ତାଙ୍କୁ ଏଥର ୱାଇଲ୍ଡ କାର୍ଡ ମିଳିଛି ।

### ମୋଟ୍ ପୁରସ୍କାର ରାଶି ୭୮୫ କୋଟି

ଏଥର ୟୁଏସ୍ ଓପନରେ ରେକର୍ଡ ୭୮୫ କୋଟି ଟଙ୍କା ପୁରସ୍କାର ରଖାଯାଇଛି । ଗତ ସଂସ୍କରଣ ତୁଳନାରେ ଏଥର ପୁରସ୍କାର ରାଶିରେ ୨୦ ପ୍ରତିଶତ ବୃଦ୍ଧି ଘଟିଛି । ସେହିଭଳି ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ଖେଳାଳି ୪୩ କୋଟି ୬୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପାଇବେ । ଯାହାକି ବିଶ୍ୱର ଯେକୌଣସି ଗ୍ରାଣ୍ଡସ୍ଲାମରେ ପ୍ରଦାନ କରାଯାଉଥିବା ସର୍ବାଧିକ ପୁରସ୍କାର ରାଶି । ସିଙ୍ଗଲ୍ସ ବିଭାଗରେ ପ୍ରଥମ ରାଉଣ୍ଡରେ ବିଜୟୀ ହେଲେ ୯୬ ଲକ୍ଷ ଟଙ୍କା, ଦ୍ୱିତୀୟ ରାଉଣ୍ଡରେ ୧ କୋଟି ୩୪ ଲକ୍ଷ, ୩ୟ ରାଉଣ୍ଡ ଜିତିଲେ ୨ କୋଟି ୬ ଲକ୍ଷ ଟଙ୍କା ଖେଳାଳି ସାଙ୍ଗରେ ନେଇ ଆସିବେ । ସେହିଭଳି ପ୍ରି-କ୍ୱାର୍ଟର ବିଜେତାଙ୍କ ୩.୫ କୋଟି, କ୍ୱାର୍ଟର ବିଜେତାଙ୍କୁ ୫.୭୬ କୋଟି ଏବଂ ସେମିଫାଇନାଲ ବିଜେତାଙ୍କୁ ୧୧ କୋଟି ଟଙ୍କା ମିଳିବ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS